بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ
وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ ବଦର
Weekly BADAR Qadian କାଦିଆନ
Odia

ଖଣ୍ଡ: 9
ସଂଖ୍ୟା: 19-20
ବାର୍ଷିକ ଦେୟ : 600/-

**ସମ୍ପାଦକ:** କମୁଲ୍ ହକ୍ ଖାନ୍

**ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ

www.akhbarbadr.in
29 ଶୱାଲ୍ ,7 ଜିଲ୍‌କାଦା 1445 ହି.କ, 9-16 ହିଜ୍ରତ୍ 1403 ହି.ଶ, 9-16 May-2024 ମସିହା

### ଅଲ୍ଲାଃତାଲାଙ୍କ ବାଣୀ

وَعَدَ اللّٰہُ الَّذِیۡنَ اٰمَنُوۡا مِنۡکُمۡ وَعَمِلُوا الصّٰلِحٰتِ لَیَسۡتَخۡلِفَنَّہُمۡ فِی الۡاَرۡضِ کَمَا اسۡتَخۡلَفَ الَّذِیۡنَ مِنۡ قَبۡلِہِمۡ

(ଅନ୍ ନୁର୍-56)

**ଅନୁବାଦ :** ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ଉଚିତ୍ କର୍ମ କରୁଛନ୍ତି ସେମାନଙ୍କ ସହିତ ଅଲ୍ଲାଃ ଅଙ୍ଗୀକାର କରିଛନ୍ତି ଯେ, ସେ ସେମାନଙ୍କୁ ଭୂପୃଷ୍ଠରେ ଅବଶ୍ୟ ଖଲିଫା କରିଦେବେ ଯେପରି ସେ ସେମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ ।

### ଖିଲାଫତ୍ ନଂ

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍** ।

## ହଜରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ନିତୀବାଣୀ

# ଖିଲାଫତ୍ ବ୍ୟବସ୍ଥା ସହିତ ସଂଶ୍ଳୀଷ୍ଟ ରହିବା ଦ୍ୱାରା ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

"ମୁଁ ତୁମମାନଙ୍କୁ ଏହି ଉପଦେଶ ମଧ୍ୟ ଦେଉଛି ଯେ, ତୁମେମାନେ ସର୍ବଦା ଖିଲାଫତେ ଅହେମଦିୟାର କଲ୍ୟାଣମୟ ବ୍ୟବସ୍ଥା ସହିତ ସଂଶ୍ଳୀଷ୍ଟ ରହିବ ଏବଂ ବିଶ୍ୱସ୍ତତାର ସଂପର୍କ ରଖିବ । କାରଣ ଇସ୍‌ଲାମ୍ ଧର୍ମକୁ ଜୀବିତ କରିବାର କାର୍ଯ୍ୟ ଏବଂ ସଂସାରରେ କେବଳ ଖିଲାଫତ୍ ବ୍ୟବସ୍ଥା ସହିତ ସଂଶ୍ଳୀଷ୍ଟ ରହିବା ଦ୍ୱାରା ହିଁ ଶାନ୍ତି ପ୍ରତିଷ୍ଠା ସମ୍ଭବପର ହୋଇପାରିବ । ଅତଃ ସର୍ବଦା ଉକ୍ତ କଲ୍ୟାଣମୟ ମର୍ଯ୍ୟାଦା ପ୍ରତି ସମ୍ମାନ ପ୍ରଦାନ କରନ୍ତୁ ଏବଂ ଉକ୍ତ ପ୍ରସଙ୍ଗକୁ ସୁନିଶ୍ଚିତ କରନ୍ତୁ ଯେ, ଆପଣ ଓ ଆପଣଙ୍କର ଆଗାମୀ ବଂଶଧରମାନେ ସର୍ବଦା ଖିଲାଫତ୍‌ର ମାର୍ଗଦର୍ଶିକାର ଛତ୍ରଛାୟା ତଳେ ରହିବେ ।"

(ହୁଜୁର୍ ଅନ୍‌ୱର୍ ଅ.ବଙ୍କ 2020 ଜଲ୍‌ସା ସାଲାନା ହଣ୍ଟୁରାସ୍ ଠାରେ ବାର୍ତ୍ତା ପ୍ରଦାନ, ସମ୍ବାଦ ପତ୍ର ବଦର୍‌ର ପ୍ରାମାଣ୍ୟ ତା-18 ଫେବୃୟାରୀ,2021 ମସିହା, ପୃ-13)



## ସମ୍ପାଦକୀୟ ଖିଲାଫତ୍ ସହିତ ସଂଶ୍ଲୀଷ୍ଟ ଏବଂ ଖିଲାଫତର ମହତ୍ତ୍ୱକୁ ବୁଝିବା ନିତାନ୍ତ ଜରୁରୀ ଅଟେ, ସଂସାର ଏହି ମହାନ ପୁରସ୍କାର ତଥା ଅବଦାନରୁ ବଞ୍ଚିତ ଅଟେ ।

(ମନ୍‌ସୁର ଅହେମଦ ମସ୍ରୁର, ସମ୍ପାଦକ ଉର୍ଦ୍ଦୁ ବଦର୍)


| କ୍ର.ନଂ | ସୂଚୀପତ୍ର | ପୃ.ସଂଖ୍ୟା |
|---|---|---|
| ୧. | **ସମ୍ପାଦକୀୟ** (ଖିଲାଫତ୍ ସହିତ ସଂଶ୍ଲୀଷ୍ଟ ରହିବା ଏବଂ ଖିଲାଫତର ମହତ୍ତ୍ୱକୁ ବୁଝିବା ନିତାନ୍ତ ଜରୁରୀ ଅଟେ) | ୨,୧୪ |
| ୨ | **ଖତୁବା ଜୁମା ହୁଜୁର ଅନୱର୍ ଅ.ବ (୧୧-୦୮-୨୪)** | ୩-୧୦ |
| ୩. | **ଖିଲାଫତ୍ ବ୍ୟବସ୍ଥା ଓ ଅନ୍ୟ ଧର୍ମାବଲମ୍ବୀଙ୍କ ଅବ୍ୟବସ୍ଥା** | ୧୧-୧୫ |
| ୪. | **ଖିଲାଫତ୍ ସହିତ ସଂଶ୍ଲୀଷ୍ଟ ରହିବା କାହିଁକି ଜରୁରୀ** | ୧୬ |
| ୫. | **ଖତୁବା ଜୁମା ହୁଜୁର ଅନୱର୍ ଅ.ବ (୦୫-୦୪-୨୪)** | ୧୭-୨୦ |


ଏହା ଆମର କେଡ଼େ ସୌଭାଗ୍ୟ ଯେ, ଅଲ୍ଲାଃତାଲା ଆମମାନଙ୍କୁ ମୁସଲମାନ କଲେ ଅନ୍ୟଥା ଆମେମାନେ ଯେଉଁ ଦେଶରେ ରହୁଛେ ତାହା ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)ର ଆଡ୍ଡା (ପେଣ୍ଠସ୍ଥଳୀ) ଅଟେ । ଆମେମାନେ ଯଦି ମୁସଲମାନ ହୋଇ ନଥାଆନ୍ତୁ ତାହାହେଲେ ଆମେମାନେ ଏହି ପ୍ରତିମିମାନଙ୍କ ସମ୍ମୁଖରେ ଓ କେତେ କେତେ ଦେବା ଦେବୀଙ୍କ ଆଗରେ ମଥାନତ ହୋଇଥାଆନ୍ତୁ ସେମାନଙ୍କୁ ପୂଜା କରି ଥାଆନ୍ତୁ । ଏହା ଅଲ୍ଲାଃତାଲାଙ୍କର ଆମମାନଙ୍କର ଅସୀମ କୃପା ଯେ, ସେ ଆମମାନଙ୍କୁ ମୁସଲମାନ କରିବା ପରେ ପୁନଶ୍ଚ ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ବିଶ୍ୱାସ ଆଣିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କଲେ ଓ ଆମମାନଙ୍କୁ ଅହେମଦି ମୁସଲମାନ ରୂପେ ଗଢିଲେ । ଅନ୍ୟଥା ଈଶ୍ୱର ଜାଣନ୍ତି ଯେ, ଆମେମାନେ ମୁସଲମାନମାନଙ୍କର 72 ଜାତି ତଥା ଗୋଷ୍ଠୀ ମଧ୍ୟରୁ କେତେ ଜାତି ଓ କେଉଁ କେଉଁ ବିଦ୍‌ଅତ (ନୂତନ ଆହୃତ ରୀତି)ରେ ପିଡ଼ୀତ ଓ ଶିକାର ହୋଇ ଥାଆନ୍ତୁ ଏବଂ କେଉଁ କେଉଁ ପ୍ରତିମା ପୂଜା ଜନିତ ଆଚରଣ ଆମ ଦ୍ୱାରା ସମ୍ପାଦିତ ହୋଇ ଥାଆନ୍ତା ? ସେହିପରି ଆଉ ଏକ ଏମିତି ଗୋଷ୍ଠୀ ରହିଛି ଯିଏ ଆଁହଜରତ ସ.ଅଙ୍କ ସାହାବାମାନଙ୍କୁ ଗାଳି ଗୁଲଚ କରିବା ଏବଂ ସେମାନଙ୍କ ପ୍ରତି ବିଦ୍ୱେଷିଭାବ ମନରେ ପୋଷଣ କରିବା ବିଶ୍ୱାସର ଏକ ଅଙ୍ଗ ବୋଲି ବିବେଚିତ କରୁଛି । ଅର୍ଥାତ୍ ଆଁଜରତ ସ.ଅ ନିଜ ସାହାବାମାନଙ୍କ ସଂକ୍ରାନ୍ତରେ କହିଥିଲେ ଯେ, ମୋର ସାହାବାମାନେ ତାରକା ସଦୃଶ ଅଟନ୍ତି । ତେଣୁ ତୁମେମାନେ ଏହି ସାହାବାମାନଙ୍କ ମଧ୍ୟରୁ ଯେକୌଣସି ସାହାବିଙ୍କର ଅନୁସରଣ କରିବ ତୁମେମାନେ ମାର୍ଗଦର୍ଶନ ପ୍ରାପ୍ତ କରିନେବ । ଏକ ଗୋଷ୍ଠୀ ଏହି ସାହାବାମାନଙ୍କର ବିରୋଧ କରୁଛି । ଆମେମାନେ ଆଶ୍ଚର୍ଯ୍ୟ ଚକିତ ଯେ, ହେ ପ୍ରଭୁ! କ'ଣ କୌଣସି ମୁସଲମାନ ଧର୍ମାବଲମ୍ବୀ ମଧ୍ୟ ଏହିଭଳି ଆସ୍ଥା ତଥା ବିଶ୍ୱାସ ନିଜ ମନ ଭିତରେ ପୋଷଣ କରିପାରିବ ? ସୁତରାଂ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିବା ପରେ ଅଲ୍ଲାଃତାଲାଙ୍କର ଆମମାନଙ୍କ ଉପରେ ଏହି ମହୋପକାର ରହିଛି ଯେ, ସେ ଆମମାନଙ୍କୁ ଖିଲାଫତ୍ ସହିତ ସଂଶ୍ଲୀଷ୍ଟ ରଖିଲେ । ଅନ୍ୟଥା ସହୀ ନାମକ ଏକ ଗୋଷ୍ଠୀ ରହିଛି ଯିଏ ଖିଲାଫତରୁ ନିଜକ ପୃଥକୁ କରି ଏବଂ କଲ୍ୟାଣମୟ ବସ୍ତିକୁ ପରିତ୍ୟାଗ କରି ଏକ ବୃହତ ତଥା ଖ୍ୟାତି ସମ୍ପନ୍ନ ସହରକୁ ନିଜର କେନ୍ଦ୍ର କରିନେଲା। କିନ୍ତୁ ସେମାନଙ୍କର କୌଣସି ନା ରହିଲା (ଚିହ୍ନ ବର୍ଣ୍ଣ) ଓ ନା ହିଁ କୌଣସି ଯଶ ରହିଲା। ସେହି ଯଶ ସେମାନଙ୍କର କେବେ ବି ନଥିଲା । ସେହିପରି ଅନେକ ଲୋକ ଏପରି ଥିଲେ ଯେଉଁମାନେ ବିଦ୍ରୋହ ଏବଂ ବିମୁଖ ହୋଇ ଖିଲାଫତରୁ ପୃଥକ୍ ହୋଇ ଯାଆନ୍ତି ।رَبَّنَا لَا تُزِغۡ قُلُوۡبَنَا بَعۡدَ اِذۡ هَدَیۡتَنَا وَهَبۡ لَنَا مِنۡ لَّدُنۡكَ رَحۡمَةً اِنَّكَ اَنۡتَ الۡوَهَّابُ ।

ଖିଲାଫତ୍ ଏକତା, ଧର୍ମପରାୟଣତା, ପବିତ୍ରତା, ଇସ୍‌ଲାମ୍ ଧର୍ମର ଉନ୍ନତି ଏବଂ ଗୌରବ ଓ ପ୍ରତ୍ୟେକ ପ୍ରକାରର ବ୍ୟକ୍ତିଗତ ଏବଂ ସାମୂହିକ ଆଧ୍ୟାତ୍ମିକ ଜୀବନର ପ୍ରତିଭୂ ଅଟେ । ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ଖଲିଫା ମନୋନୀତ ହେବା ପରେ ଜମାଅତର ସଦସ୍ୟବୃନ୍ଦଙ୍କୁ ଯେଉଁ ବହୁମୂଲ୍ୟ ଉପଦେଶ ଦେଇଥିଲେ ତନ୍ମଧ୍ୟରୁ ଏକ ଉପଦେଶ ଏହିପରି ଥିଲା ଯେ: "ମନେରଖ ! ସମସ୍ତ ବିଶିଷ୍ଟ ଗୁଣାବଳୀ ଏକତା ମଧ୍ୟରେ ନିହିତ ରହିଛି । ଏକତାର କେହି ଅଧିପତି ନାହିଁ, ତାହା (ଅଧିପତି) ମୃତ ଅଟେ ।" **(ତାରିଖେ ଅହେମଦିୟତ୍, ଭାଗ-3, ପୃ-190)**

ସୁତରାଂ ଏକତା ହିଁ ଜୀବନ ଏବଂ ବଳ ଓ ଏକତା ଖିଲାଫତ୍ ଦ୍ୱାରା ହିଁ ସମ୍ଭବପର ଅଟେ । ଯଦି ସମ୍ମୁଖରେ ଆଦର୍ଶ ଏବଂ ଉଦାହରଣ ଥାଏ ତେବେ କଥାଟା ଅତି ସହଜେ ବୁଝି ହୋଇଯିବ । ଆଜି ମୁସଲମାନମାନେ ବିକ୍ଷିପ୍ତ ଏବଂ ଭିନ୍ନ ଭିନ୍ନ ଅଟନ୍ତି। ମୁସଲମାନମାଙ୍କର କେହି ଇମାମ୍ ନାହାନ୍ତି ଏବଂ ମୁସଲମାନମାନଙ୍କର ଅବସ୍ଥା ପଚାରି ବୁଝିଲା ବାଲା ମଧ୍ୟ କେହି ନାହାନ୍ତି, ମୁସଲମାନମାନଙ୍କ ପ୍ରତି ସମବେଦନା ଜ୍ଞାପନ କଲାବାଲା କେହି ନାହାନ୍ତି, ମୁସଲମାନମାନଙ୍କ ପାଇଁ କେହି ଦୁଆ କଲାବାଲା ମଧ୍ୟ କେହି ନାହାନ୍ତି, ମୁସଲମାନମାନଙ୍କୁ କେହି ମାର୍ଗଦର୍ଶନକାରୀ ବ୍ୟକ୍ତି ମଧ୍ୟ ନାହାନ୍ତି। ପାଲେଷ୍ଟାଇନ୍‌ର ଉଦାହରଣ ଆମମାନଙ୍କ ସମ୍ମୁଖରେ ରହିଛି। 57ମୁସଲମାନ ରାଷ୍ଟ୍ର ମିଶି ମଧ୍ୟ ହଜାର ହଜାର ପାଲେଷ୍ଟାଇନ୍ ମହିଳା ଏବଂ ପିଲାମାନଙ୍କୁ ଖାଦ୍ୟ ଯୋଗାଇ ପାରୁ ନାହାନ୍ତି । କାରଣ ସମସ୍ତେ ପରସ୍ପର ମଧ୍ୟରେ ପ୍ରଭେଦତା, ମତଭେଦତା ଅନେକ୍ୟତାର ଶିକାର ଅଟନ୍ତି । କିନ୍ତୁ ଅହେମଦିମାନେ ଅଲ୍ଲାଃତାଲାଙ୍କ କୃପାରୁ ଏକତ୍ରିତ ଓ ସଂହତ ଅଟନ୍ତି । ଅହେମଦିମାନଙ୍କର ଏକ ଆଧ୍ୟାତ୍ମିକ ଇମାମ୍ (ଧର୍ମାଧ୍ୟକ୍ଷ/ଧର୍ମଗୁରୁ) ଅଟନ୍ତି । ସେହି ଇମାମ୍ ଅହେମଦିମାନଙ୍କ ନିମନ୍ତେ ଦୁଆ କରନ୍ତି, ଅହେମଦିମାନଙ୍କର ମାର୍ଗଦର୍ଶନ କରନ୍ତି । ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ଏକ ଅବସରରେ କହିଲେ, ପ୍ରତ୍ୟେକ ରାତ୍ରରେ ଭାବନା ଚକ୍ଷୁରେ ପ୍ରତ୍ୟେକ ରାଷ୍ଟ୍ରରେ ମୁଁ ପହଞ୍ଚିଛି ଏବଂ ଜମାଅତ୍‌ର ସଦସ୍ୟ ନିମନ୍ତେ ଦୁଆ କରିଥାଏ । ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଏକ ଅବସରରେ କହିଥିଲେ ଯେ, ସଂସାରିକ ନେତା ଏବଂ ଖଲିଫା ମଧ୍ୟରେ କେବଳ ଏତିକି ପାର୍ଥ୍ୟକ୍ୟ ଯେ, ଖଲିଫା ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ନିମନ୍ତେ ଦୁଆ କରିଥାନ୍ତି ଏବଂ ସଦସ୍ୟବୃନ୍ଦଙ୍କ ସୁଖ ଦୁଃଖ ଓ ସମବେଦନା ନିଜ ମନ ଭିତରେ ପୋଷଣ କରନ୍ତି । ଅପରପକ୍ଷେ ସାଂସାରିକ ନେତାମାନଙ୍କୁ ଏପରି ସାମର୍ଥ୍ୟତା ପ୍ରାପ୍ତ ହେଉ ନାହିଁ । ବରଂ ବେଳେବେଳେ ଏକ ସାଂସାରିକ ବ୍ୟକ୍ତି ତ' ନିଜ କ୍ଷମତା ସାଧନ ସକାଶେ ଜନସାଧାରଣଙ୍କୁ ଭୟଙ୍କର ଅଗ୍ନିପରୀକ୍ଷାରେ ମଧ୍ୟ ପକାଇ ଦେଇଥାଆନ୍ତି ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ଖଲିଫା ରୂପେ ମନୋନୀତ ହେବା ପରେ ଯେଉଁ ପ୍ରଥମ ଭାଷଣ ଦେଇଥିଲେ, ତହିଁରେ ଆପଣ ର.ଅ ଏହା ମଧ୍ୟ କହିଥିଲେ ଯେ, "ବର୍ତ୍ତମାନ ତୁମେମାନେ ଯେଉଁ ବୈଅତ୍ କରିଛ ତାହା ତୁମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ପରେ ମୋ ସହିତ ସଂପର୍କ ସ୍ଥାପନ କରିଛ । ତେଣୁ ତୁମେମାନେ ସେହି ସଂପର୍କରେ ବିଶ୍ୱସ୍ତତା ପ୍ରଦର୍ଶନ କର ଏବଂ ମୋତେ ନିଜ ଦୁଆରେ ସ୍ମରଣ ରଖ । ମୁଁ ତୁମମାନଙ୍କୁ ଅବଶ୍ୟ ମନେ ରଖିବି । ହଁ ମନେ ମଧ୍ୟ ରଖିଥାଏ । ମୁଁ ଆଜି ପର୍ଯ୍ୟନ୍ତ ଏପରି କୌଣସି ଦୁଆ କରି ନାହିଁ ଯହିଁରେ ମୁଁ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ମନେ ପକାଇ ନାହିଁ ଏବଂ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପାଇଁ ଦୁଆ କରି ନାହିଁ । କିନ୍ତୁ ବର୍ତ୍ତମାନ ପୂର୍ବାପେକ୍ଷା ଅଧିକ ଆପଣମାନଙ୍କୁ ଦୁଆରେ ମନେରଖିବି । ମୁଁ ପୂର୍ବେ ଏପରି କୌଣସି ଦୁଆ କରି ନାହିଁ ଯହିଁରେ ମୋତେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପ୍ରତି ମନରେ ଉତ୍ସାହ ସୃଷ୍ଟି ହୋଇ ନଥିବ । ସୁତରାଂ ତୁମେମାନେ ଶୁଣିରଖ ଯେ, ତୁମେମାନେ ଏପରି କାର୍ଯ୍ୟ କର ନାହିଁ ଯେ ତୁମେମାନେ ଅଲ୍ଲାଃତାଲାଙ୍କ ଅଙ୍ଗୀକାରକୁ ଭଙ୍ଗ କରିଦେବ । ଆମମାନଙ୍କର ଦୁଆ କେବଳ ଏତିକି ହେବା ଉଚିତ୍ ଯେ, ମୁସଲମାନମାନେ ଅଲ୍ଲାଃତାଲାଙ୍କ ସକାଶେ ଜୀବିତ ରୁହନ୍ତୁ ଓ ଅଲ୍ଲାଃତାଲାଙ୍କ ସକାଶେ ହିଁ ପ୍ରାଣାବଳୀ ଦିଅନ୍ତୁ ।"

**(ସୱାନେହ୍ ଫଜଲେ ଉମର୍, ଭାଗ-1, ପୃ-342)**

ଉପରୋକ୍ତ ଆଲେଖ୍ୟରୁ ଏହା ବୁଝାଯାଏ ଯେ, ଖିଲାଫତ୍ ପୂର୍ବରୁ ଯେତେବେଳେ ଜଣେ ବ୍ୟକ୍ତି ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପାଇଁ ସର୍ବଦା ଦୁଆ କରୁଥିଲା, ତେବେ ଖଲିଫା ହେବା ପରେ ତା' ଦୁଆର କ'ଣ ଅବସ୍ଥା ହେବ ? ସୁତରାଂ ଉପସ୍ଥିତ ଖଲିଫା ଅହରହ ଏବଂ ନିରନ୍ତର ଭାବରେ ନିଜ ଜମାଅତ୍ ପାଇଁ ଦୁଆ କରି ଥାଆନ୍ତି । ଜମାଅତ୍ ଅହେମଦିୟା ଉପରେ ଅଲ୍ଲାଃତାଲାଙ୍କର ଏହା ମହୋପକାର ଅଟେ, ଅନ୍ୟ ସଂସାର ଉକ୍ତ ପୁରସ୍କାର ଏବଂ ଆଶୀର୍ବାଦ ଠାରୁ ବଞ୍ଚିତ ଅଟେ । ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: ଅଲ୍ଲାଃତାଲା ଯେତେବେଳେ କୌଣସି ବ୍ୟକ୍ତିକୁ ଖଲିଫା କରନ୍ତି ସେତେବେଳେ ସେହି ବ୍ୟକ୍ତିର ଦୁଆ ସ୍ୱୀକୃତ ହେବାର ପ୍ରକ୍ରିୟାକୁ ମଧ୍ୟ ବୃଦ୍ଧି କରି ଦେଇଥାଆନ୍ତି । କାରଣ ସେ (ଅଲ୍ଲାଃତାଲା) ନିଜର ମନୋନୟନର ଲଜ୍ଜାକୁ ରଖି ନିଅନ୍ତି ଏବଂ ସେହି ଖଲିଫା ତଥା ତାହାଙ୍କ ଦୁଆର ସ୍ୱୀକୃତିକୁ ଦୁଆର ସ୍ୱୀକୃତି ମାଧ୍ୟମରେ ବୃଦ୍ଧି କରିଦେଇ ଥାଆନ୍ତି । ଅତଏବ ବ୍ୟକ୍ତିଗତ ରୂପେ ମଧ୍ୟ ଓ ସାମୂହିକ ରୂପେ ମଧ୍ୟ ଜମାଅତ୍ ଉପସ୍ଥିତ ଖଲିଫାଙ୍କ ଦୁଆରୁ ଅତ୍ୟଧିକ ରୂପେ ଲାଭାନ୍ୱିତ ହୋଇଥାଏ । ଜମଅତ୍ ଏବଂ ଜମାଅତ୍‌ର ଅହେମଦିୟାର ପ୍ରତ୍ୟେକ ସଦସ୍ୟ ନିଜର ଅସୁବିଧା ଓ ସମସ୍ୟାକୁ ଉପସ୍ଥିତ ଖଲିଫାଙ୍କ ସମ୍ମୁଖରେ ଉପସ୍ଥାପିତ କରିଥାଏ । ଜମାଅତ୍ ସନ୍ତୁଷ୍ଟ ହୋଇଯାଇଥାଏ ଯେ, ଅଲ୍ଲାଃତାଲା ହୁଜୁର ଅନ୍‌ୱର୍ ଅ.ବଙ୍କ ଦୁଆ ମାଧ୍ୟମରେ କୃପାବତୀର୍ଣ୍ଣ କରନ୍ତୁ । ସୁତରାଂ ଖିଲାଫତ୍ ସହିତ ସଂଶ୍ଲୀଷ୍ଟ ରହିବା ଦ୍ୱାରା ଅସଂଖ୍ୟ ଧାର୍ମିକ ଓ ସାଂସାରିକ ଲାଭ ପ୍ରାପ୍ତ ହୋଇଥାଏ। ଆମମାନଙ୍କୁ ଖିଲାଫତ୍ ପରି ଯେଉଁ ପୁରସ୍କାର ପ୍ରାପ୍ତ ହୋଇଛି ତାହାର ମହତ୍ତ୍ୱକୁ ହୃଦୟଙ୍ଗମ କରିବା ଉଚିତ୍ ଏବଂ ଉପସ୍ଥିତ ଖଲିଫାଙ୍କ କଥାକୁ ଧ୍ୟାନପୂର୍ବକ ଶୁଣିବା ଉଚିତ୍ ଓ ଏହା ଉପରେ କାର୍ଯ୍ୟାନୁସରଣ କରିବା ଉଚିତ୍ । ଖିଲାଫତ୍ ସହିତ ସଂଶ୍ଲୀଷ୍ଟ ରହିବାର ମାଧ୍ୟମ ଏହିକି ଯେ, ଖଲିଫାଙ୍କ ସହିତ ପତ୍ରାଳାପ ମାଧ୍ୟମରେ ଯୋଗାଯୋଗ ରକ୍ଷା କରାଯାଉ । ସେହିପରି ଆଉ ଏକ ମାଧ୍ୟମ ମଧ୍ୟ ରହିଛି ଯେ, ଉପସ୍ଥିତ ଖଲିଫାଙ୍କ ପାଇଁ ଦୁଆ କରିବା ଉଚିତ୍ । ଏହା (ଅବଶିଷ୍ଟାଂଶ....ପୃ-15ରେ)

# (ଖୁତ୍‌ବା ଜୁମା)

ଚୂଡ଼ାନ୍ତ ଧର୍ମବୈଧାନିକ୍ ଗ୍ରନ୍ଥ ହେଉଛି ପବିତ୍ର କୁରଆନ୍ କରୀମ୍ । ଉକ୍ତ ଗ୍ରନ୍ଥକୁ ପାଠ କରିବା, ଶୁଣିବା, ଘରେ ରଖିବା ମଧ୍ୟ ପାକିସ୍ତାନର ଅହମଦିମାନଙ୍କ ନିମନ୍ତେ ନିଷେଧ ଅଟେ । ଏହି ଗ୍ରନ୍ଥ ମାଧ୍ୟମରେ ଜମାଅତ୍ ଅହେମଦିୟା ସମଗ୍ର ପୃଥିବୀରେ ଇସ୍‌ଲାମ୍ ଧର୍ମର ବାର୍ତ୍ତା ପହଞ୍ଚାଉଅଛି ଏବଂ ସଂସାରବାସୀଙ୍କ ସଂସ୍କାର କରୁଅଛି ।

---

ଆଜି ମୋତେ ଏହି ବିଶ୍ୱାସ ହୋଇଯାଇଛି ଯେ, ଜମାଅତ୍ ବିରୁଦ୍ଧରେ ମିଥ୍ୟା କୁମନ୍ତ୍ରଣା ଯୋଜନା ଚାଲିଛି ଏବଂ ମିଥ୍ୟା ଯୋଜନା ସର୍ବଦା ଐଶୀ ସଂପ୍ରଦାୟ ବିରୁଦ୍ଧରେ ହୋଇଥାଏ । (ଇମାମ୍ ତମାନେ)

---

ଆମମାନଙ୍କର ବିରୋଧୀମାନେ ଯେଉଁମାନେ ପାକିସ୍ତାନରେ ବାସ କରନ୍ତି ସେମାନେ ଖାଲି ବିରୋଧ ପ୍ରଦର୍ଶନ ନକରନ୍ତୁ ବରଂ ଆମମାନଙ୍କର ଶିକ୍ଷାକୁ ଶୁଣନ୍ତୁ, ପାଠ କରନ୍ତୁ, ବୁଝନ୍ତୁ । ପୁନଶ୍ଚ ଏହାପରେ ଯେଉଁ ଆପତ୍ତି ରହିଛି ତାହା ଉପସ୍ଥାପିତ କରନ୍ତୁ । ହ. ମସିହ୍ ମଉଦ୍ ଅ.ସ ବାରମ୍ବାର ଏହା କହିଛନ୍ତି ଯେ, ତୁମେମାନେ କେବଳ ବିରୋଧ କରୁଛ, ହେଲେ ତୁମେମାନେ ଆଗେ ମୋ କଥା ଟିକେ ଶୁଣ !

---

ବିରୋଧୀମାନେ ପାକିସ୍ତାନରେ ସଂପୂର୍ଣ୍ଣ ପ୍ରୟାସ କରୁଛନ୍ତି ଯେ, ସେମାନେ ଅହେମଦିମାନଙ୍କୁ କୌଣସି ମତେ କ୍ଷତି ପହଞ୍ଚାଇବେ । କିନ୍ତୁ ଇନ୍‌ଶାଅଲ୍ଲାଃ ଏମାନେ ସମସ୍ତେ ଦିନେ ନା ଦିନେ ସମାପ୍ତ ହୋଇଯିବେ ଏବଂ ମୃତ୍ୟୁବରଣ କରିବେ ।

---

ଆଜି ଜମାଅତ୍ ଅହେମଦିୟା ହିଁ ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦା ଏବଂ ମହତ୍ତ୍ୱକୁ ଉଚ୍ଚ କରିବାରେ ଓ ଏହାର ପ୍ରକୃତ ଶିକ୍ଷାକୁ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବାରେ ଉଦ୍ୟମରତ ଅଟେ ।

---

ଅନେକ କାଳ ପର୍ଯ୍ୟନ୍ତ ମୁଁ ସମସ୍ତ ଧର୍ମାବଲମ୍ବୀମାନଙ୍କର ସଂପୂର୍ଣ୍ଣ ସମୀକ୍ଷା କରିଛି । କିନ୍ତୁ ବର୍ତ୍ତମାନ ମୁଁ ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ, ଜମାଅତ୍ ଅହେମଦିୟା ହିଁ ସମସ୍ତ ସମସ୍ୟାର ସମାଧାନ ପ୍ରଦାନ କରିଥାଏ ଯଦ୍ଦ୍ୱାରାକି ମୋ ହୃଦୟକୁ ସନ୍ତୁଷ୍ଟି ପ୍ରାପ୍ତ ହୋଇଥାଏ । ମୋତେ ଏଠାରେ ଆଧ୍ୟାତ୍ମିକତା ଅନୁଭବ ହୋଇଥାଏ । (ଚେକ୍ ଗଣରାଜ୍ୟର ଜଣେ ଯୁବକ)

---

ପୃଥିବୀର ବିଭିନ୍ନ ଦେଶରେ ଅଲ୍ଲାଃତାଲାଙ୍କର ଏହି ବ୍ୟବହାର ଯେ, ପ୍ରତ୍ୟେକ ସ୍ଥାନରେ ଅଲ୍ଲାଃତାଲାଙ୍କର ସମର୍ଥନ ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଥିବାର ଦୃଶ୍ୟମାନ ହେଉଅଛି । ଆପଣ ଅ.ସ ହିଁ ଆମମାନଙ୍କୁ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ସତ୍‌ଶିକ୍ଷା ପ୍ରଦାନ କଲେ, ଏହି ସମସ୍ତ ନିଦର୍ଶନ ଜମାଅତ୍ ଅହେମଦିୟାର ସତ୍ୟତାର ବଳିଷ୍ଠ ପ୍ରମାଣ ଅଟେ । ଉକ୍ତ କଥା ଏବଂ ଉକ୍ତ ଘଟଣାବଳୀ ଅଲ୍ଲାଃତାଲାଙ୍କ କୃପାରୁ ଲୋକମାନଙ୍କର ବିଶ୍ୱାସକୁ ସୁଦୃଢ଼ କରୁଅଛି । ଅଲ୍ଲାଃତାଲା ସଂସାରବାସୀଙ୍କର ଆଖି ଖୋଲନ୍ତୁ ଏବଂ ସେମାନଙ୍କ ବିଶ୍ୱାସ ଓ ଆସ୍ଥାକୁ ସ୍ୱୀକାର କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ଜମାଅତ୍ ଅହେମଦିୟା ଉପରେ ପ୍ରଭୁଙ୍କର ଏହି ସାହାଯ୍ୟ, ସମର୍ଥନ ଏବଂ କୃପା ବୃଷ୍ଟିର ବିଶ୍ୱାସବର୍ଦ୍ଧକ ଘଟଣାବଳୀର ଆଧ୍ୟାତ୍ମିକ ବର୍ଣ୍ଣନା ।

କୋଭିଡ଼ (Covid) ମହାମାରୀ ସଂକ୍ରାନ୍ତରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସତର୍କତା ଅବଲମ୍ବନ କରିବା ପ୍ରତି ଆହ୍ୱାନ ।

---

ସମ୍ମାନନୀୟା ସ୍ୱର୍ଗତା ଅମତୁଲ୍ ହାଦି ସାହେବା, ସମ୍ମାନନୀୟ ସ୍ୱର୍ଗତ ସାକିବ୍ କାମ୍ରାନ୍ ସାହେବ, ନାଏବ୍ ଓକିଲ୍ ସମଇ ଓ ବସ୍ରି ତେହରିକେ ଜଦିଦ୍, ପ୍ରିୟ ଆରବ୍ କାମ୍ରାନ୍ ଓ ବେନିନ୍‌ର ସମ୍ମାନନୀୟ ସ୍ୱର୍ଗତ ପ୍ରଫେସର ଡାକ୍ତର ମୁହମ୍ମଦ ଇସ୍‌ହାକ୍ ଦାଉଦ୍ ସାହେବଙ୍କ ଉତ୍ତମ ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ।

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 11 August 2023 ମସିହା ଅନୁଯାୟୀ ୧୧ ଜହୁର୍ /୧୪୦୨ ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଅଲ୍ଲାଃତାଲାଙ୍କ କୃପା ବୃଷ୍ଟି, ଅଲ୍ଲାଃତାଲାଙ୍କ ଅଙ୍ଗୀକାର ମୁତାବକ ଆଁହଜରତ ସ.ଅଙ୍କ ସତ୍ୟବାଦୀ ଦାସ ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍ ଉପରେ ପ୍ରତ୍ୟେକ ଦିନ ଅବତୀର୍ଣ୍ଣ ହୋଇଥାଏ ଏହାର ଚର୍ଚ୍ଚା ଜଲ୍‌ସାର ରିପୋର୍ଟରେ ହୋଇଥାଏ । ସେଠାରେ ମୁଁ ଏହା ମଧ୍ୟ କହିଥିଲି ଯେ, ସ୍ୱଳ୍ପ ସମୟ ମଧ୍ୟରେ ସବୁକିଛି ବର୍ଣ୍ଣନା କରିବା ସହଜସାଧ୍ୟ ନୁହେଁ। ଅଲ୍ଲାଃତାଲା କିପରି କୃପା କରନ୍ତି, ଅଲ୍ଲାଃତାଲା କିପରି ଲୋକମାନଙ୍କ ହୃଦୟକୁ ଜମାଅତ୍ ସଂପର୍କରେ ଖୋଲି ଥାଆନ୍ତି, ଅଲ୍ଲାଃତାଲା କିପରି ବିଶ୍ୱାସକୁ ସୁଦୃଢ଼ କରନ୍ତି, କିପରି ଶତ୍ରୁମାନଙ୍କୁ ଅକୃତକାର୍ଯ୍ୟ ତଥା ବିଫଳ କରନ୍ତି । ତତ୍‌ସଂକ୍ରାନ୍ତୀୟ ଅସଂଖ୍ୟ ଘଟଣାବଳୀ ସଂପର୍କରେ ଲୋକମାନେ ଉଲ୍ଲେଖ କରନ୍ତି । ତନ୍ମଧ୍ୟରୁ କେତେକ ଘଟଣାବଳୀ ଆଜି ମଧ୍ୟ ମୁଁ ବର୍ଣ୍ଣନା କରିବି । କାରଣ ଏହି ଘଟଣାବଳୀଗୁଡ଼ିକ ଅନେକ ଅହେମଦିମାନଙ୍କ ମନରେ ବିଶ୍ୱାସର ସୁଦୃଢ଼ତାର କାରଣ ହୋଇଥାଏ ଏବଂ ନୂତନ ଆଶା ସଂଚାର କରିଥାଆନ୍ତି ।

ଅଲ୍ଲାଃତାଲା କିପରି ତବ୍‌ଲିଗ୍‌ର ବିଭିନ୍ନ ମାଧ୍ୟମ ଦ୍ୱାରା ପୁଣ୍ୟାତ୍ମାମାନଙ୍କୁ ଜମାଅତ୍ ଆଡ଼କୁ ଟାଣି ଆଣୁଛନ୍ତି ଏବଂ ନୂତନ ଜମାଅତ୍ ସ୍ଥାପନ ହେଉଛି ତତ୍‌ସଂକ୍ରାନ୍ତରେ କଙ୍ଗୋ କିନ୍‌ଶାସାରେ ଯେଉଁଠି ଆମର ଏଫ.ଏମ୍ ରେଡ଼ିଓ ରହିଛି ସେଠାକାର ସ୍ଥାନୀୟ ମିଶ୍‌ନାରୀ ହମିଦ୍ ସାହେବ ଉଲ୍ଲେଖ କରନ୍ତି ଯେ, ଉଭିରା (Uvira) ସହରରେ ଆମର ରେଡ଼ିଓ କାର୍ଯ୍ୟକ୍ରମ ଶୁଣି ଲୋକାଲ୍ ଇମାମ୍ ମସ୍‌ଜିଦ୍ ଇସା ସାହେବ ଯୋଗାଯୋଗ କଲେ ଏବଂ ପୁନଶ୍ଚ ସେ ମିଶନ୍ ହାଉସ୍ ଆସିଲେ । ସେ ଜମାଅତ୍‌ର ସନ୍ଦେଶକୁ ବୁଝିଲେ ଏବଂ ବୈଅତ୍ କରିନେଲେ । ସେ କେବଳ ବୈଅତ୍ କଲେ ନାହିଁ ବରଂ ନିଜ ଗ୍ରାମ କିଲିବା ଓନ୍ଦେଜୀ (Kiliba Ondezi) ଯାଇ ତବ୍‌ଲିଗ୍ ମଧ୍ୟ ଆରମ୍ଭ କରିଦେଲେ । ତାଙ୍କର ତବ୍‌ଲିଗ୍ ଫଳରେ 24 ଜଣ ଲୋକ ବୈଅତ୍ କଲେ। ଯେତେବେଳେ ଆମର ମର୍କଜି (କେନ୍ଦ୍ରୀୟ) ମୁବଲ୍ଲିଗ୍ ସିଲ୍‌ସିଲା ସେଠାକାର ଗସ୍ତ କଲେ ସେତେବେଳେ ଅତିରିକ୍ତ ଆଠ ଜଣ ଲୋକମାନେ ମଧ୍ୟ ବୈଅତ୍ କଲେ। ଏହିପରି ଭାବରେ ସେଠାରେ ଜମାଅତ୍ ସ୍ଥାପନ ହୋଇଗଲା । ବର୍ତ୍ତମାନ ଗୋଟିଏ ପକ୍ଷେ ପୁଣ୍ୟବାନ୍ ଇମାମ୍ ରହିଛନ୍ତି ସେମାନେ ଉକ୍ତ ବାର୍ତ୍ତାକୁ ଶୁଣି ଏହାକୁ ବୁଝିବା ନିମନ୍ତେ ଅଲ୍ଲାଃତାଲା ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରୁଛନ୍ତି ଏବଂ ଅନ୍ୟ ପଟରେ

ପାକିସ୍ତାନୀ ବିଦ୍ୱାନ୍‌ମାନେ ରହିଛନ୍ତି ଯେଉଁମାନେ ବିରୋଧ ଛଡ଼ା ଅନ୍ୟ କିଛି ଜାଣନ୍ତି ନାହିଁ ।

କଙ୍ଗୋ କିନ୍‌ଶାସାର ସୁବେ ମାଏନ୍ ଦୋମ୍ବେର ନାମକ ଏକ ଗ୍ରାମ ରହିଛି ସେହି ଗ୍ରାମର ଉମର୍ ମୁନୱର୍ ସାହେବ ନାମକ ଜଣେ ମୁଅଲ୍ଲିମ୍ ଅଟନ୍ତି । ତାଙ୍କୁ ଉକ୍ତ ଗ୍ରାମକୁ ତବ୍‌ଲିଗ୍ କରିବା ନିମନ୍ତେ ପ୍ରେରଣ କରାଗଲା । ସେଠାରେ ସେ ୱାହାବୀ ମସ୍‌ଜିଦ୍‌କୁ ମଧ୍ୟ ଗଲେ । ଲୋକମାନଙ୍କ ମଧ୍ୟରେ ପାମ୍ଫ୍ଲେଟ୍ ବାଣ୍ଟିଲେ । କେତେକ ଖଳ ପ୍ରକୃତିର ଯୁବକମାନେ ମସ୍‌ଜିଦ୍‌ରୁ ବାହାରି କୋଳାହଳ କରିବାକୁ ଲାଗିଲେ ଏବଂ ଟେକା ପଥର ଫିଙ୍ଗିବାକୁ ଲାଗିଲେ । ଆଫ୍ରିକାରେ ତ' ଲୋକମାନେ ଅଶିକ୍ଷିତ ଅଟନ୍ତି ଅତଃ କଥା ଶୁଣି ନିଅନ୍ତି । ସେଠାରେ ମଧ୍ୟ ବିରୋଧ ରହିଛି । ମୁଅଲ୍ଲିମ୍ ସାହେବ ପଥରରୁ ବର୍ତ୍ତି ଅନ୍ୟ ଲୋକମାନଙ୍କୁ ତବ୍‌ଲିଗ୍ କରୁଥିଲେ ଏବଂ ଯେଉଁ ଲୋକମାନେ ରହିଥିଲେ ସେମାନେ ମୁଅଲ୍ଲିମ୍ ସାହେବଙ୍କ ଧୈର୍ଯ୍ୟଶୀଳ ବ୍ୟବହାରକୁ ଦେଖି ବହୁତ ପ୍ରଭାବିତ ହେଲେ । ସେମାନଙ୍କ ମଧ୍ୟରୁ କେତେକ ଲୋକମାନେ ଯେଉଁମାନେ ଏହି ଟେକା ପଥର ଫିଙ୍ଗିବା ଯୋଗୁଁ ସେଠାରୁ ଚାଲି ଯାଇଥିଲେ ସେମାନେ ପୁନଃ ମସ୍‌ଜିଦ୍‌କୁ ଆସିଗଲେ ଏବଂ ମୁଅଲ୍ଲିମ୍ ସାହେବଙ୍କ କଥା ଶୁଣିବାକୁ ଲାଗିଲେ । ଜମାଅତ୍ ସଂକ୍ରାନ୍ତରେ ପ୍ରଶ୍ନୋତ୍ତର ଚାଲିଲା, ଆପତ୍ତି ଉପସ୍ଥାପିତ କରାଗଲା, ଅନେକ ପ୍ରଶ୍ନର ଉତ୍ତର ପ୍ରଦାନ କରାଗଲା । ଜଣେ ଦୁଷ୍ଟ ଯୁବକ ଯିଏ ଆଗକୁ ପ୍ରତିସ୍ପର୍ଦ୍ଧିତ ହୋଇ କଥା ବାର୍ତ୍ତା କରୁଥିଲା ସେ କହିଲା, ତୁମେମାନେ ଲଣ୍ଡନ ଯାଇ ହଜ୍ କରୁଛ । କିନ୍ତୁ ହୁଜୁର ସ.ଅ ମକ୍କାରେ ହଜ୍ କରିଥିଲେ । ମୁଅଲ୍ଲିମ୍ ସାହେବ ଉକ୍ତ ଯୁବକକୁ ପ୍ରଶ୍ନ କଲେ ଯେ, ଆଚ୍ଛା କୁହ ଯେ, ଆଁହଜରତ ସ.ଅ କେତେ ଥର ହଜ୍ କରିଥିଲେ ? ପ୍ରତ୍ୟୁତ୍ତରରେ ଉକ୍ ଯୁବକ ଜଣକ କହିଲା, ଆଁହଜରତ ସ.ଅ ଯେବେଠାରୁ ଜନ୍ମଗ୍ରହଣ କରିଥିଲେ ସେବେଠାରୁ ଆପଣ ସ.ଅ ଜୀବନ ସାରା ହଜ୍ କଲେ । ପ୍ରତ୍ୟୁତ୍ତରରେ ମୁଅଲ୍ଲିମ୍ ସାହେବ କହିଲେ, ଆପଣ ସ.ଅ କେବଳ ଗୋଟିଏ ଥର ହଜ୍ କରିଛନ୍ତି । ମସ୍‌ଜିଦ୍‌ରେ ବସିଥିବା ଇମାମ୍ ଓ ଅନ୍ୟ ବୟସ୍କ ବ୍ୟକ୍ତିମାନେ ଉକ୍ତ ଯୁବକକୁ ଭର୍ତ୍ସନା କଲେ ଏବଂ କହିଲେ ତୁମେମାନେ ସମସ୍ତେ ଉପଦ୍ରବ ସୃଷ୍ଟି କରୁଛ । ସେ ଯାହା ହେଉ ସେହି ଲୋକମାନେ ଯେଉଁ ଉପଦ୍ରବ କରୁଥିଲେ ସେମାନେ ଲଜ୍ଜିତ ହୋଇ ସେଠାରୁ ଚାଲିଗଲେ । ପରେ ଇମାମ୍ ସାହେବ ଜମାଅତ୍‌ର ପ୍ରତିନିଧି ଦଳକୁ ନିଜ ଘରକୁ ନେଇଗଲେ ଯେଉଁଠାରେ ତାଙ୍କ ବ୍ୟତୀତ ଅନ୍ୟ ଦୁଇ ଜଣ ଇମାମ୍ ମଧ୍ୟ ଥିଲେ ଏବଂ ଅନ୍ୟ କେତେକ ବ୍ୟକ୍ତିମାନେ ମଧ୍ୟ ରହିଥିଲେ । ଏହିପରି ଭାବରେ ସେଠାରେ 40, 42 ଜଣ ବ୍ୟକ୍ତିମାନେ ସେଠାରେ ଜମାଅତ୍ ଅହେମଦିୟାର ଉକ୍ତ ତବ୍‌ଲିଗ୍ ଦ୍ୱାରା ପ୍ରଭାବିତ ହୋଇ ବୈଅତ୍ କରିନେଲେ ଏବଂ ଏଠାରେ ମଧ୍ୟ ଏକ ନୂତନ ଜମାଅତ୍ ସ୍ଥାପନ ହୋଇଗଲା ।

ଗିନି ବସାଓରୁ ଇମାମ୍ ତମାନେ ସାହେବ କୁହନ୍ତି ଯେ, ଆଜି ପର୍ଯ୍ୟନ୍ତ ଆମେମାନେ ଜମାଅତ୍ ସଂପର୍କରେ ଏହା ହିଁ କହି ଆସୁଛି ଯେ, ଆପଣମାନେ ହ. ମୁହମ୍ମଦ ସ.ଅଏ ଏବଂ ପବିତ୍ର କୁରଆନ୍ କରୀମ୍ ତଥା ହଦିସ୍‌କୁ ସ୍ୱୀକାର କରନ୍ତି ନାହିଁ। କିନ୍ତୁ ଆଜି ଆମେମାନେ ଜଲ୍‌ସାର କାର୍ଯ୍ୟକ୍ରମ ଦେଖିଥିଲୁ । ଆଜି ଏହି ଜଲ୍‌ସାର କଲ୍ୟାଣ ଯୋଗୁଁ ଆମେମାନେ ଆପଣଙ୍କ ଖଲିଫାଙ୍କୁ ଦେଖିଲୁ ଓ ଶୁଣିଲୁ। ସେ ତ' ଅଲ୍ଲାଃତାଲା, ହ. ମୁହମ୍ମଦ ସ.ଅ, ପବିତ୍ର କୁରଆନ୍ କରୀମ୍ ଏବଂ ହଦିସ୍ ସଂପର୍କରେ ଉପଦେଶ ଦେଉଥିଲେ । ଆଜି ମୋତେ ଏହି ବିଶ୍ୱାସ ହୋଇଯାଇଛି ଯେ, ଜମାଅତ୍ ଅହେମଦିୟା ବିରୁଦ୍ଧରେ ମିଥ୍ୟା ଯୋଜନା ଏବଂ ଅପପ୍ରଚାର ଚାଲିଛି। ଐଶୀ ଜମାଅତ୍ ବିରୁଦ୍ଧରେ ସର୍ବଦା ମିଥ୍ୟା ଯୋଜନା, ଷଡ଼ଯନ୍ତ୍ର ଏବଂ ଅପପ୍ରଚାର ହୋଇଥାଏ।

ମୁଅଲ୍ଲିମ୍ ସେହି ମସ୍‌ଜିଦ୍‌ର ଇମାମ୍ ସାହେବ କୁହନ୍ତି ଯେ, ଆଜି ଠାରୁ ମୁଁ ଜମାଅତ୍ ଅହେମଦିୟାରେ ପ୍ରବିଷ୍ଟ ହେଉଛି ଏବଂ ମୁଁ ନିଜର ସମସ୍ତ ଲୋକମାନଙ୍କୁ ଜମାଅତ୍ ସଂପର୍କରେ ପ୍ରଚାର କରିବି । ଅଲ୍ଲାଃତାଲାଙ୍କ କୃପାରୁ ଇମାମ୍ ସାହେବ ତବ୍‌ଲିଗ୍ ମଧ୍ୟ କରୁଛନ୍ତି ଏବଂ ତାଙ୍କ ତବଲିଗ୍ ବଳରେ ନୂତନ ଜମାଅତ୍ ମଧ୍ୟ ସ୍ଥାପନ ହେଉଅଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆମମାନଙ୍କର ଯେଉଁ ବିରୋଧୀମାନେ ପାକିସ୍ତାନରେ ବାସ କରନ୍ତି ସେମାନେ କେବଳ ଆମର ବିରୋଧ ପ୍ରଦର୍ଶନ କରନ୍ତୁ ନାହିଁ ବରଂ ଆମମାନଙ୍କର ଶିକ୍ଷାକୁ ମଧ୍ୟ ଶୁଣନ୍ତୁ, ପାଠ କରନ୍ତୁ ଓ ବୁଝନ୍ତୁ । ପୁନଶ୍ଚ ଏହାପରେ ଯାଇ ଆପଣମାନଙ୍କର ଯେଉଁ ଆପତ୍ତିଗୁଡ଼ିକ ରହିଛି ତାହା ଉପସ୍ଥାପିତ କରନ୍ତୁ । ହ. ମସିହ୍ ମଉଦ୍ ଅ.ସ ବାରମ୍ବାର କହିଛନ୍ତି ଯେ, ତୁମେମାନେ ଏପରି କାହିଁକି ବିରୋଧ ପ୍ରଦର୍ଶନ କରୁଛ, ମୋ କଥା ଟିକେ ଶୁଣ ଆଗେ । **(ସିରାଜେ ମୁନିର୍, ରୁହାନୀ ଖଜାଏନ୍, ଭାଗ-12, ପୃ-4)**

ଲାଇବେରିୟାର ଅମୀର୍ ସାହେବ ଉଲ୍ଲେଖ କରନ୍ତି ଯେ, ବିରୋଧ ସତ୍ତ୍ୱେ ଅଲ୍ଲାଃତାଲା କିପରି ଆମମାନଙ୍କର ସାହାଯ୍ୟ କରିଥାଆନ୍ତି ? ଦୁଇ ବର୍ଷ ପୂର୍ବେ ନିମ୍ବା (Nimba) କାଉଣ୍ଟିର ଗିନାଗଲେ (Ginagalay)ର କେତେକ ବ୍ୟକ୍ତି ଅହେମଦିୟତ୍‌ରେ ପ୍ରବିଷ୍ଟ ହେଲେ । ସେମାନେ ପୂର୍ବେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଥିଲେ କିମ୍ବା ନାସ୍ତିକବାଦୀ ଥିଲେ । ବୈଅତ୍ କରିବା ପରେ ସେହି ସଜ୍ଜନ ବ୍ୟକ୍ତିମାନଙ୍କ ପାଇଁ ସଂସ୍କାର ଏବଂ ନମାଜର ବ୍ୟବସ୍ଥା କୌଣସି ଅହେମଦିଙ୍କ ଘର ବାରେଣ୍ଡାରେ କରାଗଲା । ସ୍ଥାନୀୟ ମୁବଲ୍ଲିଗ୍ ମୁର୍ତ୍ତଜା ସାହେବ ଦିନେ ନମାଜ ପରେ ଲୋକମାନଙ୍କୁ ଦୁଆ କରିବା ନିମନ୍ତେ ଆହ୍ୱାନ ଦେଲେ ଏବଂ କହିଲେ, ଅଲ୍ଲାଃତାଲା ଆମମାନଙ୍କୁ ମସ୍‌ଜିଦ୍ ନିର୍ମାଣ କରିବା ନିମନ୍ତେ କୌଣସି ଉଚିତ୍ ସ୍ଥାନ ପ୍ରଦାନ କରନ୍ତୁ । ଉକ୍ତ ଅଞ୍ଚଳଟି ଖ୍ରୀଷ୍ଟ ବହୁଳ ଓ ନାସ୍ତିକବାଦୀ ବହୁଳଙ୍କ ଗଡ଼ ଅଟେ । ଏମାନେ ମୁସଲମାନମାଙ୍କୁ ଭଲ ବୋଲି ମନେ କରନ୍ତି ନାହିଁ ।

ଅତଃ ମସ୍‌ଜିଦ୍ ନିମନ୍ତେ ଭୂମିଟିଏ ପ୍ରାପ୍ତ କରିବା ଅତ୍ୟନ୍ତ କାଠିକର ପାଠ ଥିଲା । ବର୍ତ୍ତମାନ କଥାବାର୍ତ୍ତା ଜାରି ଥିଲା କି ଜଣେ ବ୍ୟକ୍ତି ମିଷ୍ଟର ଡାହନ୍ (Dahn) ଯେକି ଜଣେ ନାସ୍ତିକବାଦୀ ବ୍ୟକ୍ତି ଥିଲେ ଏବଂ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ସେ ଆଦୌ ବିଶ୍ୱାସ କରୁ ନଥିଲେ । ସେ ସେଠାରେ ବସିଥିଲେ । ସେ ଛିଡ଼ା ହୋଇ କହିଲେ, ମିଶ୍‌ନାରୀ ସାହେବ ଯେବେଠାରୁ ଆପଣ ଆମ ଗ୍ରାମକୁ ଆସିବାକୁ ଆରମ୍ଭ କରିଛନ୍ତି ସେବେ ଠାରୁ ମୁଁ ଆପଣଙ୍କର ଉତ୍ତମ ଚରିତ୍ର ଅବଲୋକନ କରିଛି । ମିଶ୍‌ନାରୀ ସାହେବ ସମସ୍ତଙ୍କ ସହିତ ସାକ୍ଷାତ୍ କରୁଛନ୍ତି, ଗୋଟିଏ ଥାଳୀରେ ଖାଦ୍ୟ ଖାଇ ନିଅନ୍ତି। ଏପର୍ଯ୍ୟନ୍ତକି ମୁଁ ଈଶ୍ୱରଙ୍କୁ ସ୍ୱୀକାର କରୁ ନାହିଁ ଏବଂ ଜଣେ ଘୋଡ଼ା ମଦୁଆ ବ୍ୟକ୍ତି ଅଟେ । ସେ ମୋ ପାଖକୁ ଆସି ବସି ଯାଆନ୍ତି ଏବଂ ମୋ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝନ୍ତି । ଏହିପରି ଚରିତ୍ର ମୁଁ ପୂର୍ବେ କେବେ ଦେଖି ନାହିଁ ।

ମୋ ନିକଟରେ ଏକ ପ୍ଲଟ୍ ରହିଛି ଯାହା ଉପରେ ମୁଁ ନିଜର ଘର ନିର୍ମାଣ କରିବାକୁ ଇଚ୍ଛା ପ୍ରକାଶ କରିଥିଲି । କିନ୍ତୁ ଆଜି ମୁଁ ଉକ୍ତ ପ୍ଲଟ୍‌କୁ ମସ୍‌ଜିଦକୁ ଦାନ ପାଇଁ ପ୍ରଦାନ କରୁଅଛି । ସୁତରାଂ କିଛି ଦିନ ପରେ ସେ ନିୟମିତ ଭାବରେ ବୈଅତ୍ ମଧ୍ୟ କରିନେଲେ ଏବଂ ମଦ୍ୟ ପାନକୁ ସେ ସଂପୂର୍ଣ୍ଣ ରୂପେ ପରିତ୍ୟାଗ କରିଦେଲେ। ହୁଜୁର ଅନ୍‌ୱର୍ ଅ.ବ କହିଲେ, ସୁତରାଂ ସେହି ବ୍ୟକ୍ତ ମଧ୍ୟରେ ଏହି ଅଭୂତପୂର୍ବ ପରିବର୍ତ୍ତନ ସୃଷ୍ଟି ହେଲା ଏବଂ ନିଷ୍ଠାରେ ସେମାନେ ଉନ୍ନତି କରି ଚାଲିଲେ । ନିଷ୍ଠାରେ ଏପରି ଉନ୍ନତି କଲେ ଯେ, ଲୋକମାନଙ୍କୁ ତାଙ୍କୁ ଦେଖି କହିବାକୁ ଲାଗିଲେ ଯେ, ଉକ୍ତ ବ୍ୟକ୍ତି ଜଣକ ସଂପୂର୍ଣ୍ଣ ରୂପେ ବଦଳି ଯାଇଛନ୍ତି । ଏଠାରେ ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି । ଲୋକମାନେ ଗ୍ରମ ମୁଖ୍ୟଙ୍କ ନିକଟରେ ଅଭିଯୋଗ ଆଣିଲେ ଯେ, ଆମେ ସେଠାରେ ମସ୍‌ଜିଦ୍ ନିର୍ମାଣ ହେବାକୁ ଦେବୁ ନାହିଁ ।

କିନ୍ତୁ ମିଷ୍ଟର ଡାହନ୍ ଅତ୍ୟନ୍ତ ସାହସିକତାର ସହିତ କହିଲେ, ମୁଁ ମସ୍‌ଜିଦକୁ ସ୍ଥାନ ଦେଇ ଦେଇଛି ଏବଂ ଏଠାରେ ହିଁ ମସଜିଦ୍ ନିର୍ମାଣ ହେବ । ସୁତରାଂ ଉକ୍ତ ମସ୍‌ଜିଦ୍ ସଂପୂର୍ଣ୍ଣ ହୋଇଗଲା ଏବଂ ଉକ୍ତ ଅଞ୍ଚଳରେ ଏହି ମସ୍‌ଜିଦ୍‌ଟି ପ୍ରଥମ ମସ୍‌ଜିଦ୍ ଅଟେ। ଉକ୍ତ ମସ୍‌ଜିଦ୍‌ର ନାମ ମସ୍‌ଜିଦ୍ ନୁର ଅଟେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହିପରି ଭାବରେ ଅଣମୁସଲମାନମାନେ ଏବଂ ଅଲ୍ଲାଃତାଲାଙ୍କୁ ସ୍ୱୀକାର କରୁ ନଥିବା ନାସ୍ତିକବାଦୀ ଲୋକମାନେ ମଧ୍ୟ ଅଲ୍ଲାଃତାଲାଙ୍କ କୃପାରୁ କେବଳ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଆଣୁ ନାହାନ୍ତି ବରଂ ଇସ୍‌ଲାମ୍ ଧର୍ମକୁ ସତ୍ୟ ବୋଲି ସ୍ୱୀକାର କରୁଛନ୍ତି । ବ୍ରୋଣ୍ଡିରେ ନ୍ୟାନଜାଲେକ୍ ନାମକ ଏକ ପ୍ରାନ୍ତ ରହିଛି । ସେଠାରେ ଜମାଅତର ଘୋର ବିରୋଧ ହେଉଛି । କାରଣ ଉକ୍ତ ଅଞ୍ଚଳରେ ମୁସଲମାନମାନେ ମଧ୍ୟ ବାସ କରନ୍ତି । ସୁନ୍ନୀ ମସ୍‌ଜିଦ୍‌ର ଇମାମ୍ ପ୍ରତ୍ୟେକ ଦୃଷ୍ଟିରୁ ଚେଷ୍ଟା କଲେ ଯେ, ଜମାଅତ୍‌ର ମସ୍‌ଜିଦ୍‌କୁ ବନ୍ଦ କରାଇ ଦିଆଯାଉ ।

ଏଥି ସକାଶେ ସେମାନେ ସରକାରୀ ପଦାଧିକାରୀମାନଙ୍କ ସହିତ ମଧ୍ୟ ସାକ୍ଷାତ୍ କଲେ । କିନ୍ତୁ ସରକାରୀ ପଦାଦିକାରୀମାନେ ତା'ଙ୍କ (ଇମାମଙ୍କ)ର ଗୋଟିଏ କଥା ମଧ୍ୟ ଶୁଣିଲେ ନାହିଁ । ଆମର ମୁଅଲ୍ଲିମ୍ ହମଜା ଇନ୍ଦୁୱିମା ସାହେବଙ୍କୁ ଉକ୍ତ ମସ୍‌ଜିଦ୍‌ର ଇମାମ୍ ପ୍ରଶ୍ନୋତ୍ତର ପାଇଁ ଡକାଇଲା । ପ୍ରଶ୍ନୋତ୍ତରରେ ୱଫାତେ ମସିହ୍ (ଇସା ଅ.ସଙ୍କ ମୃତ୍ୟୁ) ପ୍ରସଙ୍ଗ ଉପରେ ବିତର୍କ ଆରମ୍ଭ ହେଲା । ଯେତେବେଳେ ମୁଅଲ୍ଲିମ୍ ସାହେବ ପବିତ୍ର କୁରଆନ୍ କରୀମ୍‌ର ସପ୍ରାମାଣ୍ୟ ଉପସ୍ଥାପିତ କରି ହ. ଇସା ଅ.ସଙ୍କ ମୃତ୍ୟୁ ସାବ୍ୟସ୍ତ କରିଦେଲେ ସେତେବେଳେ ନାମକୁ ମାତ୍ର ବିଦ୍ୱାନ୍ ଉତ୍ତର ତ' ଦେଇ ପାରିଲା ନାହିଁ । କିନ୍ତୁ ମୁଅଲ୍ଲିମ୍ ସାହେବଙ୍କ ସହିତ କଳହ କରିବାକୁ ଲାଗିଲା ଏବଂ ଜମାଅତ୍ ଉପରେ ଅବଜ୍ଞାର ଫତ୍‌ୱା (ଧର୍ମାଜ୍ଞା) ଆରୋପିତ କରିଦେଲା ।

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan, Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ପ୍ରତ୍ୟୁତ୍ତରରେ ଜଣେ ଖ୍ରୀଷ୍ଟ ବ୍ୟକ୍ତି ଛିଡ଼ା ହୋଇ ଜମାଅତ୍‌ର ଧର୍ମମତର ସମର୍ଥନ କଲେ ଏବଂ ସେହି ମୌଲବୀଙ୍କୁ ସ୍ପଷ୍ଟ କରାଇ ଦେଲେ ଯେ, ଜମାଅତ୍ ଅହେମଦିୟା ମୁସଲମାନ ଧର୍ମ ଅଟେ । କିନ୍ତୁ ଆପଣମାନଙ୍କୁ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ କୌଣସି ଧାରଣା ନାହିଁ । ଅନ୍ୟ ପଟରେ ଉକ୍ତ ମସ୍‌ଜିଦର ମୌଲବୀମାନଙ୍କର ପରସ୍ପର ମଧ୍ୟରେ କଳହ ହୋଇଗଲା । ସେହି କାରଣରୁ ପ୍ରଶାସନକୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା ଏବଂ ସେମାନଙ୍କର ମସ୍‌ଜିଦ୍‌କୁ ସରକାର ତିନି ମାସ ପର୍ଯ୍ୟନ୍ତ ବନ୍ଦ କରିଦେଇଥିଲା। ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେଉଁମାନେ ଆମମାନଙ୍କର ମସ୍‌ଜିଦ୍‌କୁ ବନ୍ଦ କରିଦେବାକୁ ଚାହଉଁଥିଲେ ସେମାନଙ୍କର ଏମିତି ଅବସ୍ଥା ହେଲା ଯେ, ସେମାନଙ୍କର ନିଜର ମସ୍‌ଜିଦ୍ ବନ୍ଦ ହୋଇଗଲା ।

ବର୍ତ୍ତମାନ ଏହି ପନ୍ଥା ନିୟମିତ ଷଡ଼ଯନ୍ତ୍ରମୂଳକ ଭାବରେ ନାମକୁ ମାତ୍ର ବିଦ୍ୱାନ୍‌ମାନେ ପ୍ରତ୍ୟେକ ସ୍ଥାନରେ ଅବଲମ୍ବନ କରୁଛନ୍ତି ଯେ, ଅହେମଦିମାନଙ୍କର ମସ୍‌ଜିଦ୍‌କୁ ବନ୍ଦ କରିଦିଆଯାଉ । ପାକିସ୍ତାନ ପରି ଦେଶରେ ଯଦି ମସଜିଦ୍ ବନ୍ଦ ହେଉ ନାହିଁ ତେବେ ମିନାର୍ ଏବଂ ମିହରାବ୍‌କୁ ଖସାଇ ଦିଅ । ବର୍ତ୍ତମାନ ପାକିସ୍ତାନର ଆଇନ୍‌ରେ ମଧ୍ୟ ଏହା ଉଲ୍ଲେଖ ନାହିଁ ଯେ, ଅହେମଦିମାନଙ୍କୁ ମିନାରା ନିର୍ମାଣ କରିବା ପାଇଁ ଅନୁମତି ନାହିଁ । କିନ୍ତୁ ସରକାର ସେହି ନାମକୁ ମାତ୍ର ମୌଲବୀମାନଙ୍କ ସମ୍ମୁଖରେ ଆଣ୍ଠୁ ମାଡ଼ି ସେମାନଙ୍କର କଥା ସ୍ୱୀକାର କରିବାକୁ ବାଧ୍ୟ । ସେ ଯାହା ହେଉ ଏହି ମୌଲବୀମାନେ ନିଜର ସକଳ ଉଦ୍ୟମକୁ ବିନିଯୋଗ କରୁଛନ୍ତି କି ସେମାନେ କୌଣସି ମତେ ଅହେମଦିମାନଙ୍କୁ କ୍ଷତି ପହଞ୍ଚାଇବେ । କିନ୍ତୁ **ଇନ୍‌ଶାଅଲ୍ଲାଃ ଅଲ୍ଲାଃତାଲା** ଦିନେ ଏମାନେ ସମସ୍ତେ ସ୍ୱୟଂ ହିଁ ମୃତ୍ୟୁବରଣ କରିବେ ।

ପାକିସ୍ତାନରେ ଆମମାନଙ୍କ ଉପରେ ପବିତ୍ର କୁରୁଆନ୍ କରୀମ୍ ପ୍ରକାଶନ କରିବାରେ କଟକଣା ଲଗାଯାଇଛି, ଅନୁବାଦର ତ' ପ୍ରଶ୍ନ ଉଠୁ ନାହିଁ । ଯଦି କୁରଆନ୍‌ର ନାଜ୍‌ରା ପ୍ରକାଶିତ ହୋଇଯାଏ ତେବେ ତାହା ମଧ୍ୟ ଅକ୍ଷମଣୀୟ ଅପରାଧ ଅଟେ । କେବଳ ସେତିକି ନୁହେଁ ବରଂ କେତେକ ଲୋକମାନଙ୍କ ଉପରେ କଠୋରତା ମଧ୍ୟ କରାଯାଇଛି। ଏମିତି କହିବାକୁ ଗଲେ ପ୍ରତ୍ୟେକ ଦିନ କେସ୍ ପଞ୍ଜିକୃତ ହେଉଛି ଯେ, ତୁମେମାନେ ପବିତ୍ର କୁରଆନ୍ କରୀମ୍ କାହିଁକି ଶୁଣୁଛ, ରେକର୍ଡ଼ିଂ କାହିଁକି ଚଲେଇଛି। ବର୍ତ୍ତମାନ ଏହା ହେଉଛି ସେହି ନାମକୁ ମାତ୍ର ବିଦ୍ୱାନ୍‌ମାନଙ୍କର ଇସ୍‌ଲାମ୍। ମୁଲ୍ଲାମାନେ ଧର୍ମକୁ ବିଶୃଙ୍ଖଳିତ କରି ଦେଇଛନ୍ତି । ଏହାର ବିପରୀତ ଅଲ୍ଲାଃତାଲା ଆମମାନଙ୍କ ପାଇଁ କିପରି ମାର୍ଗ ଉନ୍ମୁକ୍ତ କରୁଛନ୍ତି ଆମେମାନେ ପୃଥିବୀରେ ପବିତ୍ର କୁରଆନ୍ କରୀମ୍‌ର ପ୍ରକାଶନ କିପରି ଭାବରେ କରୁଛେ ! ଆମମାନଙ୍କ ଦ୍ୱାରା ପ୍ରକାଶିତ ପବିତ୍ର କୁରଆନ୍‌କୁ ଲୋକମାନେ କିପରି ପସନ୍ଦ କରୁଛନ୍ତି ବିଶେଷ କରି ଅନୁବାଦକୁ। ସେ ପଛେ ଯେଉଁ ଭାଷାରେ ଅନୁବାଦ ହୋଇଥାଉ ନା କାହିଁକି ଆମମାନଙ୍କ ଦ୍ୱାରା ଅନୁବାଦ ହୋଇଥିବା ପବିତ୍ର କୁରଆନ୍ ସମସ୍ତଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ ।

ତାନ୍‌ଜାନିୟା ଦାରୁସ୍ ସଲାମ୍‌ର ଜଣେ ମୁଅଲ୍ଲିମ୍ ସାହେବ କୁହନ୍ତି: ସେ ଏକ ଅଞ୍ଚଳରେ ପମ୍ଫଲେଟ୍ ବାଣ୍ଟିବାକୁ ଗଲେ । ମହୋଦୟ ଜମାଅତୀୟ ପୁସ୍ତକ ମଧ୍ୟ ବିକ୍ରି କରନ୍ତି । ଏହା ଦ୍ୱାରା ତବ୍‌ଲିଗି ଯୋଗାଯୋଗ ମଧ୍ୟ ବୃଦ୍ଧି ପାଇଥାଏ । ସେ କୁହନ୍ତି ଦିନେ ମୋତେ 30 କି.ମି ଦୂରରେ ଜଣେ ଅଜ୍ଞାତ ବ୍ୟକ୍ତିର ଫୋନ୍ ଆସିଲା । ବ୍ୟକ୍ତି ଜଣକ କହିଲା ଯେ, ସେ ପବିତ୍ର କୁରଆନ୍ କରୀମ୍‌ର ସୱାହେଲୀ ଭାଷାର ଅନୁବାଦ କିଣିବାକୁ ଚାହୁଁଛି । ମୁଅଲ୍ଲିମ୍ ସାହେବ କହିଲେ, ପବିତ୍ର କୁରଆନ୍ କରୀମ୍ ତ' ତାଙ୍କ ନିକଟବର୍ତ୍ତୀ ଅଞ୍ଚଳରୁ ମଧ୍ୟ ପ୍ରାପ୍ତ ହୋଇପାରିବ । କିନ୍ତୁ ସେହି ବ୍ୟକ୍ତି ଜଣକ କହିଲା, ଜମାଅତ୍ ଦ୍ୱାରା ଅନୁବାଦ ହୋଇଥିବା ପବିତ୍ର କୁରଆନ୍ ଓ ତଫ୍‌ସିର୍ ମୋତେ ବହୁତ୍ ପସନ୍ଦ ଅଟେ । ଅନ୍ୟମାନେ ଅନୁବାଦ କରିଛନ୍ତି ଠିକ୍ ଅଛି, କିଛି କଥା ନାହିଁ । କିନ୍ତୁ ଯାହା ଜମାଅତ୍‌ର ଅନୁବାଦ କରିବାର ପଦ୍ଧତି ରହିଛି ସେହି ପଦ୍ଧତିକୁ ମୁଁ ପସନ୍ଦ କରୁଛି । କାରଣ ବିବେକ ଏହାକୁ ସ୍ୱୀକାର କରିଥାଏ । ସୁତରାଂ ମୁଁ ଏହି ଅନୁବାଦ କ୍ରୟ କରିବାକୁ ଚାହୁଁଛି ।

ମାଲିର ମୁବଲ୍ଲିଗ୍ ସିଲ୍‌ସିଲା ବିଲାଲ୍ ସାହେବ କୁହନ୍ତି, ଜମାଅତ୍ ଅହେମଦିୟାକୁ ପବିତ୍ର କୁରଆନ୍ କରୀମ୍‌ର ପ୍ରଦର୍ଶନୀ ଆୟୋଜନ କରିବାକୁ ସାମର୍ଥ୍ୟ ଲାଭ ହେଲା। ଜଣେ ଶିକ୍ଷାର୍ଥୀ ଷ୍ଟଲ୍‌କୁ ଆସିଲେ । ସେହି ଛାତ୍ରଙ୍କୁ ପବିତ୍ର କୁରଆନ୍ କରୀମର ଫ୍ରେଞ୍ଚ୍ ଭାଷାର ଅନୁବାଦ ସହିତ ଅବଗତ ଓ ପରିଚୟ ପ୍ରଦାନ କରାଗଲା । ଅର୍ଥାତ୍ ସାଂପ୍ରତିକ ଅନୁବାଦ ମଧ୍ୟରେ ଜମାଅତୀୟ ଫ୍ରେଞ୍ଚ୍ ଅନୁବାଦ ସର୍ବୋତ୍କୃଷ୍ଟ ଅଟେ । ପ୍ରତ୍ୟୁତ୍ତରରେ ସେ କହିବାକୁ ଲାଗିଲେ, ତାଙ୍କ ଘରେ ମଧ୍ୟ ପବିତ୍ର କୁରଆନ୍ କରୀମ୍‌ର ଅନୁବାଦ ଉପସ୍ଥିତ ରହିଛି ଯାହାକି ଜମାଅତୀୟ ଅନୁବାଦ ଠାରୁ ଉତ୍କୃଷ୍ଟ ଅଟେ । ପରିଶେଷରେ ଉକ୍ତ ଯୁବକ ଜଣକ ଏହା କହିଲା, ମୁଁ ନିଜ ଘରକୁ ଗଲି ଏବଂ ସେଠାରୁ ପବିତ୍ର କୁରଆନ୍ କରୀମ୍ ନେଇ ଆସିଲି ଏବଂ ଏହା କହିବା ନିମନ୍ତେ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅତିବାହିତ କଲି ଯେ, ଅଣଅହେମଦିଙ୍କ ଅନୁବାଦ ସର୍ବୋତ୍କୃଷ୍ଟ ଅଟେ। ମୁଁ ଉଭୟ ଅନୁବାଦର ସମୀକ୍ଷା କରି ଚାଲିଲି । ସେ ଯାହା ହେଉ ପରିଶେଷରେ ନ୍ୟାୟପ୍ରିୟ ସ୍ୱଭାବ ଥିଲା ଏବଂ ସେହି ଛାତ୍ର ଜଣକ କହିବା ନିମନ୍ତେ ବାଧ୍ୟ ହୋଇଗଲା ଯେ, ଆପଣମାନଙ୍କର ଜମାଅତୀୟ ଅନୁବାଦ ଅତ୍ୟନ୍ତ ଉଚ୍ଚ ମାନର ଅଟେ ଏବଂ ବାସ୍ତବରେ ଏହି ଅନୁବାଦକୁ ପାଠ କରିବା ଦ୍ୱାରା ପବିତ୍ର କୁରଆନ୍ କରୀମ୍‌କୁ ବୁଝିବା ସହଜ ହୋଇଥାଏ । ପୁନଶ୍ଚ ସେ ପବିତ୍ର କୁରଆନ୍ କରୀମ୍‌ର ଏକ ପ୍ରତିଲିପି କିଣି ନିଜ ଘରକୁ ସାଙ୍ଗରେ ନେଇଗଲା ।

ଇସ୍‌ଲାମ୍ ଧର୍ମର ପ୍ରକୃତ ଶିକ୍ଷା ଏବଂ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଆଣିବା, ଜମାଅତୀୟ ଶିକ୍ଷା ଓ ହ. ମସିହ୍ ମଉଦ୍ ଅ.ସଙ୍କର ଲିଟ୍ରେଚର (ସାହିତ୍ୟକୃତି) ମାଧ୍ୟମରେ କିପରି ସ୍ଥାପନ ହୋଇଥାଏ । ଯେଉଁମାନେ ପୁଣ୍ୟବାନ ସ୍ୱଭାବର ଅଧିକାରୀ ଅଟନ୍ତି ସେମାନେ ତହିଁରୁ କିପରି ପ୍ରଭାବିତ ହୁଅନ୍ତି । ତତ୍‌ସମ୍ବନ୍ଧରେ ଏକ ଘଟଣା ବର୍ଣ୍ଣନା କରି ଦେଉଛି । ଜୋରହାଟ ପୁସ୍ତକମେଳା ଅବସରରେ ଜାଲିମୋସ୍ ନାମକ ଜଣେ ବନ୍ଧୁ ଆସିଲେ । ମହୋଦୟ କମ୍ପ୍ୟୁଟର ଇଞ୍ଜିନିୟର (ଯନ୍ତ୍ରୀ) ଅଟନ୍ତି। ଷ୍ଟଲ୍‌ରେ ହ. ମସିହ୍ ମଉଦ୍ ଅ.ସଙ୍କ ଛବି ଏବଂ ଜମାଅତୀୟ ପୁସ୍ତକାବଳୀକୁ ଦେଖିବାକୁ ଲାଗିଲେ । କିଛି କ୍ଷଣ ପରେ ମହୋଦୟ ଡ଼ିୟୁଟିରେ ଉପସ୍ଥିତ ମୁବଲ୍ଲିଗ୍ ସାହେବଙ୍କୁ ଲୋତକାପ୍ଲୁତ ଚକ୍ଷୁରେ ସମ୍ବୋଧିତ କରି କହିଲେ, ମୁଁ ଆଜି ଯଦି ଜଣେ ମୁସଲମାନ ହିସାବରେ ଆପଣଙ୍କ ସମ୍ମୁଖରେ ଛିଡ଼ା ହୋଇଛି ତେବେ ତାହା କେବଳ ଓ କେବଳ ଜମାଅତ୍ ଅହେମଦିୟା ଯୋଗୁଁ ହିଁ ଛିଡ଼ା ହୋଇଛି । ମୋ ଉପରେ ଜମାଅତ୍‌ର ଏହା ମହୋପକାର ଅଟେ । ତାଙ୍କୁ ଯେତେବେଳେ ପଚରାଗଲା ଯେ, କ'ଣ ସେ ଅହେମଦି ଅଟନ୍ତି ଏବଂ ଆପଣଙ୍କ ଉପରେ ଜମାଅତ୍ କ'ଣ ଉପରକାର କରିଛି ? ପ୍ରତ୍ୟୁତ୍ତରରେ ସେ କହିଲେ, ମୁଁ ଅହେମଦି ତ' ନୁହେଁ କିନ୍ତୁ ମୁଁ ଧର୍ମ ଠାରୁ ଦୂରେଇ ଯାଇ ନାସ୍ତିକବାଦୀ ହୋଇଯାଇଥିଲି । କିନ୍ତୁ ମୋ ଘରେ ପିତାଶ୍ରୀଙ୍କ ନିକଟରେ ଜମାଅତ୍ ଅହେମଦିୟାର କେତେକ ପୁରୁଣା ପୁସ୍ତକ ରହିଥିଲା। ସେହି ପୁସ୍ତକଗୁଡ଼ିକର ରଚୟିତା ହେଉଛନ୍ତି ହ. ମିର୍ଜା ଗୁଲାମା ଅହେମଦ ସାହେବ କାଦିଆନୀ । ମୁଁ ସେହି ପୁସ୍ତକଗୁଡ଼ିକୁ ଅଧ୍ୟୟନ କଲି । ସେହି ପୁସ୍ତକଗୁଡ଼ିକରେ ହ. ମିର୍ଜା ସାହେବ ଅଲ୍ଲାଃତାଲାଙ୍କ ସଂକ୍ରାନ୍ତରେ ଯେଉଁ ପ୍ରମାଣ ଉପସ୍ଥାପିତ କରିଥିଲେ ସେହି ପ୍ରମାଣ ମୋ ଚକ୍ଷୁ ଖୋଲିଦେଲା । ମୁଁ ନିରୁତ୍ତର ହୋଇଗଲି ଏବଂ ଅଲ୍ଲାଃତାଲାଙ୍କ ଉପରେ ମୋର ବିଶ୍ୱାସ ପୁନଃ ସ୍ଥାପନ ହୋଇଯାଇଛି। ଏହିପରି ଭାବରେ ନାସ୍ତିକବାଦୀମାନେ ମଧ୍ୟ ଜମାଅତ୍ ଅହେମଦିୟାର ଲିଟ୍ରେଚର ମାଧ୍ୟମରେ ନିଜର ବିଶ୍ୱାସକୁ ପୁନଃ ସ୍ଥାପନ କରିଥାଆନ୍ତି । ପୁନଶ୍ଚ କହିବାକୁ ଲାଗିଲେ ଯେ, ବର୍ତ୍ତମାନ ମୁଁ ଜମାଅତ୍ ଅହେମଦିୟାର ୱେବ୍ ସାଇଟ୍‌ର ଅଧ୍ୟୟନ କରିଥାଏ । ଜମାଅତ୍ ଅହେମଦିୟା ଇସ୍‌ଲାମ୍ ଧର୍ମର ସମର୍ଥନରେ ଯେଉଁ ପ୍ରମାଣ ଉପସ୍ଥାପିତ କରିଥାଏ ତଦ୍ୱାରା ମୋ ବିଶ୍ୱାସ ଦୃଢୀଭୂତ ହୋଇଥାଏ । ମୋର ଜ୍ଞାନରେ ଅଭିବୃଦ୍ଧି ହୋଇଥାଏ । ଜମାଅତ୍ ଅହେମଦିୟା ଯୋଗୁଁ ମୁଁ ଆଜି ମୁସଲମାନ ଅଟେ ।

ପାଶ୍ଚାତ୍ୟ ଜଗତରେ ଯେଉଁଠି ସ୍ୱିଡ଼େନ୍, ଡେନ୍‌ମାର୍କ ପ୍ରଭୃତି କେତେକ ରାଷ୍ଟ୍ରରେ ପବିତ୍ର କୁରଆନ୍ କରୀମ୍‌ର ଅସମ୍ମାନ ଜାରି ରହିଛି ସେଠାରେ ଯେତେବେଳେ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ଉପସ୍ଥାପିତ କରାଯାଏ ସେତେବେଳେ ସେହି ବିରୋଧୀମାନଙ୍କର ବ୍ୟବହାର ପରିବର୍ତ୍ତନ ହୋଇଯାଇଥାଏ । ସୁତରାଂ ଆଜି ଜମାଅତ୍ ଅହେମଦିୟା ହିଁ ଏକମାତ୍ର ଜମାଅତ୍ ଯିଏ ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦା ଏବଂ ସ୍ତରକୁ ଉଚ୍ଚ କରିବାରେ ଏବଂ ପବିତ୍ର କୁରଆନ୍ କରୀମ୍‌ର ପ୍ରକୃତ ଶିକ୍ଷା ସମ୍ବନ୍ଧରେ ଲୋକମାନଙ୍କୁ କହିବାରେ ବା ପ୍ରଚାର କରିବାରେ ବ୍ୟସ୍ତ ରହିଛି । ଜଣେ ଜର୍ମାନ୍ ମହିଳା କହିଲେ, ଜମାଅତୀୟ ଲିଟ୍ରେଚର ଏବଂ ପବିତ୍ର କୁରଆନ୍ କରୀମ୍‌ର ପ୍ରଦର୍ଶନୀ ଲାଗିଥିଲା । ସେହି ପ୍ରଦର୍ଶନୀରେ ଇସ୍‌ଲାମ୍ ଧର୍ମ ସଂପର୍କରେ ବିଭିନ୍ନ ପ୍ରସଙ୍ଗ ଉପେରେ ପବିତ୍ର କୁରଆନ୍ କରୀମ୍ ଏବଂ ହଦିସ୍‌ର ପ୍ରାମାଣ୍ୟ ଉପସ୍ଥାପିତ କରାଗଲା । ତହିଁରୁ ଉକ୍ତ କଥା ପ୍ରତିଭାତ ହେଉଥିଲା ଯେ, ଇସ୍‌ଲାମ୍ ଧର୍ମ କୌଣସି କ୍ରୁରବାଦୀ ଧର୍ମ ନୁହେଁ। ସେହି ମହିଳା ଜଣକ କହିଲେ, ଆପଣଙ୍କ ଜମାଅତ୍ ତ' ଇସ୍‌ଲାମ୍ ଧର୍ମକୁ ସହଜ ସୁନ୍ଦର କରି ଆମ ସମ୍ମୁଖରେ ଉପସ୍ଥାପିତ କରିଦେଇଛି । ବର୍ତ୍ତମାନ ଆଉ କୌଣସି କାରଣ ନାହିଁ ଯେ, ଇସ୍‌ଲାମ୍ ଧର୍ମର ବିରୋଧ ପ୍ରଦର୍ଶନ କରାଯାଉ ଏବଂ ପବିତ୍ର କୁରଆନ୍ କରୀମ୍‌ର ବିରୋଧ ପ୍ରଦର୍ଶନ କରାଯାଉ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପବିତ୍ର କୁରଆନ୍ କରୀମ୍‌ର ପ୍ରକାଶନ ଏବଂ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ଇସ୍ଲାମୀୟ ଶିକ୍ଷା ଉପରେ ଲିଟ୍ରେଚରର କିପରି ପ୍ରଭାବ ପଡ଼ିଥାଏ ତତ୍ସମ୍ବନ୍ଧରେ ମୁଁ ଆଉ ଏକ ଘଟଣା ମଧ୍ୟ ବର୍ଣ୍ଣନା କରି ଦେଉଛି । ଆସାମର ଗୋଲାଘାଟ ଠାରେ ପୁସ୍ତକ ମେଳା ଏବଂ ପ୍ରଦର୍ଶନୀ ଅବସରରେ ରିପୋର୍ଟ ପ୍ରଦାନକାରୀ କୁହନ୍ତି ଯେ, ଶବାନା ୟାସ୍ମିନ୍ ସାହେବା ନାମକ ଜଣୈକା ମୁସଲମାନ ପ୍ରଫେସର (ଅଧ୍ୟାପିକା) ଯେତେବେଳେ ଆମର ଷ୍ଟଲ୍କୁ ଦେଖିଲେ ସେତେବେଳେ ସେ ଅତ୍ୟନ୍ତ ପ୍ରସନ୍ନ ହେଲେ ଏବଂ ସିଧା ଆସି ପବିତ୍ର କୁରଆନ୍ ମଜିଦ୍ର ଏକ ଆସାମି ଅନୁବାଦ ଧରିଲେ ଏବଂ କହିବାକୁ ଲାଗିଲେ ଯେ, ଆଜି ମୋର ଗୋଟିଏ ସ୍ୱପ୍ନ ସାକାର ହୋଇଯାଇଛି। ମୁଁ ଦୀର୍ଘ କାଳ ଧରି ପବିତ୍ର କୁରଆନ୍ କରୀମ୍ର ଆସାମୀ ଅନୁବାଦ ଖୋଜୁଥିଲି । ମୋର ଜଣେ ଶିକ୍ଷକ ଥିଲେ ଯେକି ମୋତେ ପବିତ୍ର କୁରଆନ୍ କରୀମ୍ର ଅନୁବାଦ ଆଣିଦେବା ଅନେକ ଥର ଅନୁରୋଧ କରିଥିଲେ । କିନ୍ତୁ ମୋ ନିକଟରେ ଉକ୍ତ ଅନୁବାଦ ନହେବା ଯୋଗୁଁ ମୁଁ ଶିକ୍ଷକଙ୍କୁ ପବିତ୍ର କୁରଆନ୍ କରୀମ୍ ଦେଇ ପାରିଲି ନାହିଁ । ସେହି କାରଣରୁ ମୁଁ ଅନୁତପ୍ତ ହେଉଥିଲି ଏବଂ ନିଜକୁ ମୁସଲମାନ ବୋଲି କହିବାକୁ ଧିକ୍କାର ବୋଲି ମନେ କରୁଥିଲି । ମୋ ଗୁରୁଜୀଙ୍କ ବିୟୋଗ ପରେ ଆଜି ମୋତେ ପବିତ୍ର କୁରଆନ୍ କରୀମ୍ର ଏହି ଗ୍ରନ୍ଥ ପ୍ରାପ୍ତ ହୋଇଛି । ଉକ୍ତ କୁରଆନ୍ କରୀମ୍ର ମୂଲ୍ୟ ଯଦି 1000/- ଟଙ୍କା ବି ହୋଇଥାଆନ୍ତା ତାହେହେଲେ ମୁଁ ଅବଶ୍ୟ ଏହାକୁ ସେତେବେଳେ କ୍ରୟ କରିନେଇ ଥାଆନ୍ତି । ହୁଜୁର ଅନୱର୍ ଅ.ବ କହିଲେ, ଏହା କେବଳ ଅଲ୍ଲାଃତାଲାଙ୍କର କୃପା ଅଟେ ଯେ, ଏପରି ଅନତି ଦୂରବର୍ତ୍ତୀ ଅଞ୍ଚଳରେ ଯେଉଁଠି ମୁସଲମାନମାନଙ୍କ ନିକଟରେ ପବିତ୍ର କୁରଆନ୍ କରୀମ୍ ଏବଂ ଅନ୍ୟାନ୍ୟା ମୌଳିକ ଇସଲାମୀୟ ପୁସ୍ତକ ମଧ୍ୟ ମହଜୁଦ୍ ନାହିଁ ସେଠାରେ ଜମାଅତ୍ ଅହେମଦିୟା ବୁକ୍ ଷ୍ଟଲ୍ ଲଗାଇ ଧାର୍ମିକ ଏବଂ ଆଧ୍ୟାତ୍ମିକ ଆବଶ୍ୟକତାକୁ ପୂରଣ କରୁଛି ।

ପୁନଶ୍ଚ ଧୀମାଜୀ ବୁକ୍ ଫେୟାରରେ ବାନତି ଦୋୱାରସ୍ (Banti Dowaras Bogagohan) ନାମକ ଜଣୈକା ମହିଳା ଅଟନ୍ତି । ମହୋଦୟା ହିନ୍ଦୁ ଧର୍ମାବଲମ୍ବୀ ଅଟନ୍ତି ଏବଂ ଭଗବାନ ଶିବଙ୍କ ମନ୍ଦିର ନିର୍ମାଣ କରୁଛନ୍ତି ଓ ଏହାର ତବ୍ଲିଗ୍ କରୁଛନ୍ତି । ମହୋଦୟା ଯେତେବେଳେ ଆମ ଷ୍ଟଲ୍କୁ ଦେଖିଲେ ସେତେବେଳେ ସେ ଆଶ୍ଚର୍ଯ୍ୟଚକିତ ହୋଇ ରହିଗଲେ । କାରଣ ଉକ୍ତ ଅଞ୍ଚଳରେ ଯେଉଁଠି ମୁସଲମାନମାନଙ୍କର ଜନସଂଖ୍ୟା ବହୁତ କମ୍ ଅଟେ ସେଠାରେ ଏକ ଇସ୍ଲାମୀୟ ଷ୍ଟଲ୍ ଲାଗିଛି । ସେ ଆମ ଷ୍ଟଲ୍କୁ ଆସି କଥୋପକଥନ କଲେ, ଅତ୍ୟନ୍ତ ଆନନ୍ଦିତ ହୋଇ ଫେରିଗଲେ । ପରବର୍ତ୍ତୀ ଦିନ ସେ ଫେରି ଆସିଲେ ଏବଂ ଷ୍ଟଲ୍ରେ ଉପସ୍ଥିତ ସମସ୍ତ ଲୋକମାନଙ୍କ ପାଇଁ ଫଳମୂଳ ଆଣିଲେ । ସେହିପରି ପବିତ୍ର କୁରଆନ୍ କରୀମ୍କୁ ଦେଖି ବହୁତ ପ୍ରସନ୍ନ ହେଲେ । ସେ ପବିତ୍ର କୁରଆନ୍ କରୀମ୍ କ୍ରୟ କରି ଉକ୍ତ କଥାର ପରିପ୍ରକାଶ କଲେ ଯେ, ଆଜି ଆପଣମାନେ ମୋ ଜୀବନର ସ୍ୱପ୍ନକୁ ସାକାର କରି ଦେଇଛନ୍ତି । ମହୋଦୟା ପବିତ୍ର କୁରଆନ୍ କରୀମ୍ କ୍ରୟ କଲେ ଏବଂ ଏହାକୁ ନିଜ ଛାତିର ଲଗାଇଲେ ଓ ଏହା ସହିତ ଏକ ଫଟୋ ଉତ୍ତୋଳନ ମଧ୍ୟ କଲେ।

ପୂର୍ବ ଇଉରୋପର ଚେକ୍ ଗଣରାଜ୍ୟ ନାମକ ଏକ ଦେଶ ରହିଛି । ମୁବଲ୍ଲିଗ୍ ସାହେବ କୁହନ୍ତି, ଜଣେ ଯୁବକ ଆମ ଷ୍ଟଲ୍କୁ ଆସିଲେ, ସେ କହିଲେ ଯେ, ମୁଁ ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ, ଈଶ୍ୱରଙ୍କର ଅସ୍ତିତ୍ୱ ରହିଛି । କିନ୍ତୁ ଏକଥା ବୁଝିପାରୁ ନଥିଲି ଯେ, କେଉଁ ଧର୍ମ ମୋତେ ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ପାରିବ? ମୁଁ ଅନେକ ବର୍ଷ ପର୍ଯ୍ୟନ୍ତ ଅନେକ ଧର୍ମ ସଂକ୍ରାନ୍ତରେ ସଂପୂର୍ଣ୍ଣ ସମୀକ୍ଷା କଲି । କିନ୍ତୁ ବର୍ତ୍ତମାନ ମୁଁ ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ, ଜମାଅତ୍ ଅହେମଦିୟା ହିଁ ସମସ୍ତ ସମସ୍ୟାର ସମାଧାନ ପ୍ରଦାନ କରିଥାଏ । ଯଦ୍ଦ୍ୱାରାକି ମୋର ମନ ଓ ମସ୍ତିଷ୍କକୁ ସନ୍ତୁଷ୍ଟି ପ୍ରାପ୍ତ ହୋଇଥାଏ । ମୋତେ ଏଠାରେ ଆଧ୍ୟାତ୍ମିକତା ଅନୁଭୂତ ହୋଇଥାଏ । ହୁଜୁର ଅନ୍ୱର୍ ଅ.ବ କହିଲେ, ବର୍ତ୍ତମାନ କୁହନ୍ତୁ ଏହି ମୁଲ୍ଲାମାନେ ପବିତ୍ର କୁରଆନ୍ କରୀମର ଶିକ୍ଷାକୁ ଲୋକମାନଙ୍କ ମନ ଓ ମସ୍ତିଷ୍କ ପର୍ଯ୍ୟନ୍ତ କିଏ ପହଞ୍ଚାଉଛନ୍ତି କି ? ଅଲ୍ଲାଃତାଲା କିପରି ପ୍ରଚାରର ମାର୍ଗ ଉନ୍ମୁକ୍ତ କରିବା ନିମନ୍ତେ ସାଧନ ସୃଷ୍ଟି କରୁଛନ୍ତି ଏହାର ମଧ୍ୟ ବିଶ୍ୱାସବର୍ଦ୍ଧକ ଘଟଣାବଳୀ ରହିଛି । ପାକିସ୍ତାନରେ ସଂପୂର୍ଣ୍ଣ ରୂପେ ଆମମାନଙ୍କ ଉପରେ ପ୍ରତିବନ୍ଧକ ଏବଂ କଟକଣା ଜାରି କରାଯାଇଛି । କିନ୍ତୁ ଅନ୍ୟ କେତେକ ସ୍ଥାନରେ କେତେକ ବାଧା ସତ୍ତ୍ୱେ ଅଲ୍ଲାଃତାଲା ସହଜତା ସୃଷ୍ଟି କରିଦେଇ ଥାଆନ୍ତି ।

ଗିନି ବସାଓର ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି, ବିଗତ ଡିସେମ୍ବର ମାସରେ କ୍ୟାପଓ୍ୱର୍ଡ଼ ଆଇଲ୍ୟାଣ୍ଡର ଯେତେବେଳେ ଗସ୍ତ କଲି ସେତେବେଳେ ଉକ୍ତ ଗସ୍ତରେ ମୁଁ ଏହି କଥାର ଆବଶ୍ୟକତା ଅତ୍ୟଧିକ ଭାବନରେ ଅନୁଭବ ହେଲା ଯେ, ଆମ ଜମାଅତ୍ର ରେଡ଼ିଓ କାର୍ଯ୍ୟକ୍ରମ ହେବା ଉଚିତ୍ । ଏହା ସାହାଯ୍ୟରେ ଦ୍ରୁତଗତିରେ ଜମାଅତ୍ର ବାର୍ତ୍ତା ପହଞ୍ଚି ପାରିବ । କିନ୍ତୁ ସତ୍ଚେଷ୍ଟା ସତ୍ତ୍ୱେ ଜମାଅତ୍ ସେଠାରେ ପଞ୍ଜୀକୃତ ହୋଇପାରୁ ନଥିଲା । ଯଦ୍ଦ୍ୱାରାକି ରେଡ଼ିଓ କାର୍ଯ୍ୟକ୍ରମ ସମ୍ଭବପର (ଅନୁମତି ମିଳିପାରୁ)ହୋଇପାରୁ ନଥିଲା । ମୁବଲ୍ଲିଗ୍ ସାହେବ କୁହନ୍ତି: ଗସ୍ତ ସଂପୂର୍ଣ୍ଣ ହେବା ପରେ ଗିନି ବସାଓରୁ ଅନେକ ଲିଫଲେଟ ପ୍ରିଣ୍ଟ କରି କେପଓ୍ୱର୍ଡ଼ ପ୍ରେରଣ କରାଗଲା। ସେଠାରେ ସେହି ଲିଫ୍ଲେଟସ୍ ଗୁଡ଼ିକୁ ବହୁଳ ରୂପେ ବଣ୍ଟନ କରାଗଲା। ଜଣେ ବନ୍ଧୁ ଲିଫ୍ ଲେଟ୍ସ ପାଠ କରିବା ପରେ ଜମାଅତୀୟ ମିଶନକୁ ଫୋନ୍ କଲେ ଏବଂ କହିଲେ, ମୁଁ ଜମାଅତ୍ ସଂପର୍କରେ ଅଧିକ ତଥ୍ୟ ପ୍ରାପ୍ତ କରିବାକୁ ଚାହୁଁଛି । ଏହିପରି ଭାବରେ ତାଙ୍କ ସହିତ ସାକ୍ଷାତ୍ ହେଲା । ତାଙ୍କୁ ଜମାଅତ୍ ସଂପର୍କରେ କୁହାଗଲା । ସେ କହିଲେ, ଆପଣମାନେ ନିଜର ଶିକ୍ଷା ସଂପର୍କରେ ରେଡ଼ିଓରେ ପ୍ରଚାର କରୁ ନାହାନ୍ତି କାହିଁକି ? ପ୍ରତ୍ୟୁତ୍ତରରେ ତାଙ୍କୁ କୁହାଗଲା ଯେ, ଆମେମାନେ ଚେଷ୍ଟା କରୁଛୁ କିନ୍ତୁ ରେଡ଼ିଓ କାର୍ଯ୍ୟକ୍ରମ କରିବା ନିମନ୍ତେ ଆମକୁ ଅନୁମତି ମିଳୁ ନାହିଁ। ପ୍ରତ୍ୟୁତ୍ତରରେ ଉକ୍ତ ବ୍ୟକ୍ତି ଜଣକ କହିଲେ, ମୋର ନିଜର ଏକ ରେଡ଼ିଓ ଷ୍ଟେସନ ରହିଛି । ମୁଁ ରେଡ଼ିଓ ଷ୍ଟେସନର ଡାଇରେକ୍ଟର (ନିର୍ଦ୍ଦେଶକ) ଅଟେ । ଆପଣ ମୋ ରେଡ଼ିଓ ଷ୍ଟେସନରୁ କାର୍ଯ୍ୟକ୍ରମ ପ୍ରସାରଣ କରିପାରିବେ ଓ ଜମାଅତ୍ର ବାର୍ତ୍ତା ପହଞ୍ଚାଇ ପାରିବେ । ଅଲ୍ଲାଃତାଲା ଏହାପରି ଭାବରେ ନୂତନ ମାର୍ଗ ଉନ୍ମୁକ୍ତ କରିଦେଲେ ।

ମାଲିର୍ ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି: ମାଲିର ଜଲ୍ସା ସାଲାନାରେ କୋଲିକୋରୋ ଅଞ୍ଚଳରୁ ଅହେମଦ ତୋରେ ନାମକ ଜଣେ ବନ୍ଧୁ ଆସିଲେ । ସେ ବର୍ଣ୍ଣନା କଲେ ଯେ, ବର୍ତ୍ତମାନ ମାଲିରେ ଏପରି ଏକ ମତାବଲମ୍ବୀ ରହିଛି ଯିଏ ନମାଜ ଏବଂ ଇସ୍ଲାମୀୟ ଉପାସଚନା ପଦ୍ଧତିକୁ ସେତେଟା ଗୁରୁତ୍ୱ ପ୍ରଦାନ କରୁ ନାହିଁ । ବର୍ତ୍ତମାନ ଏହି ମତାବଲମ୍ବୀମାନେ ଯେଉଁମାନେ ନମାଜ ଏବଂ ଇସଲାମୀୟ ଉପାସନା ପଦ୍ଧତିକୁ ସେତେଟା ଗୁରୁତ୍ୱ ପ୍ରଦାନ କରୁ ନାହାନ୍ତି କିନ୍ତୁ ସେମାନେ ମୁସଲମାନ ଅଟନ୍ତି ଆଉ ଅହେମଦିମାନେ ତଥାପି ଅଣମୁସଲମାନ ? ସେ କହିବାକୁ ଲାଗିଲେ ଯେ, ସେ ସେହି ସଂପ୍ରଦାୟର ସଦସ୍ୟ ଅଟନ୍ତି । କିନ୍ତୁ ଉକ୍ତ ବ୍ୟକ୍ତିର ହୃଦୟ ସନ୍ତୁଷ୍ଟ ନଥିଲା । କିନ୍ତୁ ଉକ୍ତ ବ୍ୟକ୍ତି ଜଣକ ପୁଣ୍ୟ ସ୍ୱଭାବର ବ୍ୟକ୍ତି ଥିଲେ । ସେହି ବ୍ୟକ୍ତି ଜଣକ କହିଲେ ନିଃସନ୍ଦେହ ରୂପେ ଆମେମାନେ ଏହା ହିଁ କହିଥାଉ ଯେ, ଇସ୍ଲାମୀୟ ଉପସନା ପଦ୍ଧତି ଏବଂ ସଦସ୍ୟତାର ଆଉ ଆବଶ୍ୟକତା ନାହିଁ। ବିଶ୍ୱାସ ଓ ନମାଜ ପାଠ କରିବାର ମଧ୍ୟ ଆଉ ଆବଶ୍ୟକତା ନାହିଁ । କିନ୍ତୁ ଉକ୍ତ କଥା ଯୋଗୁଁ ମୋ ହୃଦୟ ସନ୍ତୁଷ୍ଟ ନଥିଲା । ଦିନେ ସେ ରେଡ଼ିଓ ଲଗାଇଲେ ତେବେ ସେହି ଚ୍ୟାନେଲ୍ଟି ଜମାଅତ୍ ଅହେମଦିୟାର ଚ୍ୟାନେଲ ଥିଲା । ଉକ୍ତ ଚ୍ୟାନେଲ୍ରେ ନମାଜ ପାଠ କରିବାର ପଦ୍ଧତି ସଂପର୍କରେ ଶିକ୍ଷା ପ୍ରଦାନ କରାଯାଉଥିଲା ଯାହାକୁ ସେ ଅତ୍ୟନ୍ତ ଧ୍ୟାନପୂର୍ବକ ଶୁଣିଲେ ଏବଂ ପରବର୍ତ୍ତୀ ସମୟରେ ସେ ରେଡ଼ିଓରେ ପ୍ରସାରିତ ହେଉଥିବା ଜମାଅତୀୟ କାର୍ଯ୍ୟକ୍ରମକୁ ବାରମ୍ବାର ଶୁଣିଲେ। ତାଙ୍କ ମନରେ ଏହି ବିଶ୍ୱାସ ଦୃଢ଼ୀଭୂତ ହୋଇଗଲା ଯେ, ଏହି ଲୋକମାନେ ହିଁ ପ୍ରକୃତ ମୁସଲମାନ ଅଟନ୍ତି। କିନ୍ତୁ ଗ୍ରାମବାସୀମାନେ କହିଲେ, ଏହି ଅହେମଦିମାନଙ୍କୁ ସମସ୍ତେ ବିଦ୍ୱାନ୍ମାନେ ଇସଲାମ୍ ଧର୍ମ ବହିର୍ଭୂତ କରିସାରିଛନ୍ତି । ସେ କୁହନ୍ତି ମୁଁ ଏଠାରେ ଲୋକମାନଙ୍କୁ ନମାଜ ପାଠ କରୁଥିବାର, ତେହଜୁଦ୍ ପାଠ କରୁଥିବାର ଦେଖିଅଛି ତେଣୁ ମୋ ହୃଦୟ ସନ୍ତୁଷ୍ଟ ହୋଇଗଲା । ଧର୍ମ ସଂକ୍ରାନ୍ତରେ ମୁଁ ଅଧିକ କିଛି ଜାଣି ନାହିଁ । କିନ୍ତୁ ଆଜି ମୁଁ ସ୍ୱଚକ୍ଷୁରେ ଅବଲୋକନ କରିନେଲି । ତେଣୁ ଆଜିଠୁ ମୁଁ ଅହେମଦିୟତରେ ସାମିଲ୍ ହେଉଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି, ଶେଷ ତଥା ଚୂଡ଼ାନ୍ତ ଧର୍ମବିଧାନିକ ଗ୍ରନ୍ଥ ପବିତ୍ର କୁରଆନ୍ କରୀମ୍କୁ ପାଠ କରିବା, ଶୁଣିବା, ରଖିବା ମଧ୍ୟ ପାକିସ୍ତାନର ଅହେମଦିମାନଙ୍କ ପାଇଁ ନିଷେଧ (Ban) ଅଟେ । ଏହା ଅତ୍ୟନ୍ତ ଜଘନ୍ୟ ଅପରାଧ ଅଟେ । ଏହି ଗ୍ରନ୍ଥ ମାଧ୍ୟମରେ ଜମାଅତ୍ ଅହେମଦିୟା ଆଜି ପୃଥିବୀ ବ୍ୟାପୀ ଇସଲାମ୍ ଧର୍ମର ସନ୍ଦେଶ ପ୍ରେରଣ କରୁଅଛି ଏବଂ ସଂସାରବାସୀଙ୍କ ସଂଶୋଧନ କରୁଅଛି । ମାଇକ୍ରୋନେସିଆର ଶର୍ଜିଲ୍ ସାହେବ ନାମକ ଜଣେ ମୁବଲ୍ଲିଗ୍ ସାହେବ କୁହନ୍ତି: କିଛି କାଳ ପୂର୍ବେ ସାଇମନ୍ ଗେଡ଼େନ ନାମକ ଜଣେ ବ୍ୟକ୍ତି ତାଙ୍କ ସହିତ ଯୋଗାଯୋଗ କରି ପବିତ୍ର କୁରଆନ୍ କରୀମ୍ ପ୍ରାପ୍ତ କଲା । ଏହା ପରେ କିଛି କାଳ ଅତିବାହିତ ହୋଇଗଲା । ଦିନେ ହଠାତ୍ ତାଙ୍କର ସନ୍ଦେଶ ଆସିଲା ଯେ, ମୁଁ ଆପଣଙ୍କୁ ସାକ୍ଷାତ୍ କରିବାକୁ ଚାହୁଁଛି । ସେ ଯେତେବେଳେ ମସଜିଦ୍କୁ ଆସିଲେ ସେତେବେଳେ କହିବାକୁ ଲାଗିଲେ ଯେ, ମୁଁ ସମଗ୍ର ଜୀବନ ବାଇବେଲ୍ ଧର୍ମଗ୍ରନ୍ଥକୁ ଅତ୍ୟନ୍ତ ବିସ୍ତୃତ ଭାବରେ ପାଠ କଲି । କିନ୍ତୁ ସତଚେଷ୍ଟା ସତ୍ତ୍ୱେ ମୁଁ କିଛି ବି ବୁଝିପାରିଲି ନାହିଁ, ତା'ର ଶିକ୍ଷା ହୃଦୟରେ ଆସନିତ ହୋଇପାରୁ ନାହିଁ । କିନ୍ତୁ ଯେବେ ଠାରୁ ପବିତ୍ର କରୁଆନ୍ କରୀମ୍ ପାଠ କରିବାକୁ ଆରମ୍ଭ କରିଛି ସେବେଠାରୁ ଏପରି

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ହ.ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ପ୍ରତିତ ହେଉଛି ଯେପରିକି ପବିତ୍ର କୁରଆନ୍ କରୀମ୍‌ର ପ୍ରତ୍ୟେକ ଶବ୍ଦ ହୃଦୟରେ ସିଧା ସଳଖ ପ୍ରବେଶ କରୁଛି । ସେ ଉକ୍ତ କଥାରୁ ଆଶ୍ଚର୍ଯ୍ୟ ଚକିତ୍ ଥିଲେ ଯେ, ଏହା କିପରି ହୋଇପାରିବ ? କାରଣ ମୁଁ ଜୀବନ ସାରା ଭୁଲ୍ ଥିଲି ଏବଂ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାରୁ ବଞ୍ଚିତ ରହିଲି । ସୁତରାଂ ଏହାପରେ ସେ ନିଜ ମାତାଶ୍ରୀଙ୍କ ନିକଟକୁ ଗଲେ ଏବଂ ତାଙ୍କୁ କହିଲେ, ମାତାଶ୍ରୀ ! ମୁଁ ମସଜିଦ୍ ଯାଉଅଛି ଏବଂ ଇସଲାମ୍ ଧର୍ମରେ ପ୍ରବିଷ୍ଟ ହେବାକୁ ଲାଗିଲିଣି । ତାଙ୍କର ବନ୍ଧୁ ବାନ୍ଧବ ମଧ୍ୟ ଉପସ୍ଥିତ ଥିଲେ । ସେମାନେ କହିଲେ, ତୁମେ ବହୁତ ବଡ଼ ଭୁଲ୍ କାର୍ଯ୍ୟ କରିବାକୁ ଲାଗିଲଣି । ସେମାନେ ତାଙ୍କୁ ବହୁତ ଭର୍ତ୍ସନା କଲେ । ପ୍ରତ୍ୟୁତ୍ତରରେ ମହୋଦୟ କହିଲେ ଆପଣମାନେ ଯାହା କରିବାକୁ ଚାହୁଁଛନ୍ତି କରିନିଅନ୍ତୁ । କିନ୍ତୁ ମୁଁ ମନରୁ ମୁସଲମାନ ହୋଇସାରିଛି । ସେ କହୁନ୍ତି ସାଇମନ୍ ସାହେବ ବିନୀତ ଆଗରେ ଯେତେବେଳେ ଉକ୍ତ କଥାର ଚର୍ଚ୍ଚା କଲେ, ସେତେବେଳେ ତାଙ୍କ ଚକ୍ଷୁ ଲୋତକାପ୍ଲୁତ ହୋଇଗଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମହୋଦୟ କେବଳ ଜମାଅତରେ ପ୍ରବିଷ୍ଟ ହୋଇ ନାହାନ୍ତି ବରଂ ଅତ୍ୟନ୍ତ ସାହସିକତାର ସହିତ ଇସଲାମ୍ ଧର୍ମର ଧର୍ମ ପ୍ରଚାର କରୁଛନ୍ତି ।

ଜମାଅତ୍ ଅହେମଦିୟା ମାଧ୍ୟମରେ କିପରି ପୃଥିବୀର ବିଭିନ୍ନ ରାଷ୍ଟ୍ରରେ ପୁଣ୍ୟାତ୍ମାମାନେ ଇସ୍‌ଲାମ୍ ଧର୍ମରେ ପ୍ରବିଷ୍ଟ ହେଉଛନ୍ତି । ସ୍ପେନ୍‌ର ଅମୀର୍ ସାହେବ ଉଲ୍ଲେଖ କରନ୍ତି, ଫ୍ରାନସିସ୍କୋ ଖ୍ରିସୋ ନାମକ ଜଣେ ସ୍ପାନିଶ୍ ସାହେବ ଦୀର୍ଘ ବର୍ଷ ଧରି ଗବେଷଣା କରି ଜାନୁୟାରୀ 2023 ମସିହାରେ ମୁସଲମାନ ହେଲେ । ସେ ଇସ୍‌ଲାମ୍ ଧର୍ମକୁ ସତ୍ୟ ବୋଲି ମନେକରୁଥିଲେ । କିନ୍ତୁ ମୁସଲମାନଙ୍କର ବିକ୍ଷିପ୍ତତା ଯୋଗୁଁ ବହୁତ ଚିନ୍ତିତ ଥିଲେ । ସେ ଏହା ମନେ କରୁଥିଲେ ଯେ, ହ. ଅଲୀ ର.ଅଙ୍କ କାଳ ପରେ ମୁସଲମାନମାନେ ଏକତ୍ରିତ ହୋଇପାରିଲେ ନାହିଁ । ମହୋଦୟ ଇସଲାମୀୟ ଇତିହାସ ସଂପର୍କରେ କିଛି ଅଧ୍ୟୟନ କରିଥିଲେ । ବର୍ତ୍ତମାନ ନିଜାମେ ଖିଲାଫତ୍ ଅଧୀନ ପୁନଃ ସେ ଏକତ୍ରିତ ହୋଇପାରିବେ । କିନ୍ତୁ ଖିଲାଫତ୍ ବ୍ୟବସ୍ଥାକୁ କେଉଁଠି ଖୋଜିବୁ ? 2023 ମସିହା ମାର୍ଚ୍ଚ ମାସରେ ତାରିକ୍ ଅହେମଦ୍ ସାହେବଙ୍କ ସହିତ ଆମର ଯୋଗାଯୋଗ ହେଲା । ସେ ତାଙ୍କୁ ଅହେମଦିୟତ୍ ଉପରେ ଗବେଷଣା କରିବା ପାଇଁ ପରାମର୍ଶ ଦେଲେ । ସୁତରାଂ ସେ ତିନି ମାସ ପର୍ଯ୍ୟନ୍ତ ଅହେମଦିୟତ୍ ସଂପର୍କରେ ଗବେଷଣା କଲେ ଏବଂ ହୃଦୟକୁ ସନ୍ତୁଷ୍ଟି ଏବଂ ଆଶ୍ୱସ୍ତି ପ୍ରାପ୍ତ ହେବା ପରେ ସେ ବୈଅତ୍ କରିନେଲେ ଏବଂ ନିୟମିତ ରୂପେ ଜୁମା ନମାଜରେ ମଧ୍ୟ ଆସୁଛନ୍ତି ।

ତାଜାକିସ୍ତାନର ଖୁରୁମ୍‌ଫ୍ ତୁର୍ଗନ୍ ସାହେବ ନାମକ ଜଣେ ବନ୍ଧୁ ଅଟନ୍ତି । ସେ ଆଜିକାଲି କିର୍ଗିସ୍ତାନରେ ଅବସ୍ଥାନ କରନ୍ତି । ସେ କୁହନ୍ତି ମୁଁ ଏଠାରେ ଅର୍ଥାତ୍ କାଶ୍‌ଗରରେ କାର୍ଯ୍ୟ କରେ । ମୁଁ ଯେଉଁଠି କାମ କରୁଥିଲି ସେଠାରେ ଅହେମଦିମାନେ ମଧ୍ୟ ଥିଲେ । ମହୋଦୟ କେତେକ ଅହେମଦିମାନଙ୍କର ନାମ ଧରି କହିଲେ ଅମକ ଅହେମଦି । ମୁଁ ସେହି ଅହେମଦିଙ୍କ ସହିତ ପ୍ରାୟତଃ ତିନି ବର୍ଷ ପର୍ଯ୍ୟନ୍ତ ଜମାଅତ୍ ସଂପର୍କରେ କଥୋପକଥନ ହେଲି । ସେହି ଅହେମଦିଙ୍କ ସହିତ କଥୋପକଥନ କରି ପରିଶେଷରେ ମୋର ବିଶ୍ୱାସ ହୋଇଗଲା ଯେ, ଜମାଅତ୍ ଅହେମଦିୟା ହିଁ ପ୍ରକୃତ ଇସ୍‌ଲାମ୍ ଅଟେ ଏବଂ ଇମାମ୍ ମେହଦୀ ଅ.ସ ହିଁ ମସିହ୍ ମଉଦ୍ ଅ.ସ ଅଟନ୍ତି ଏବଂ ଇସା ଅ.ସ ମୃତ୍ୟୁବରଣ କରିସାରିଛନ୍ତି । ସୁତରାଂ ବିନୀତ ବୈଅତ୍ କରି ଜମାଅତ୍ ଅହେମଦିୟାରେ ସାମିଲ୍ ହୋଇଗଲେ । ପୁନଶ୍ଚ ଦୁଆ ପାଇଁ କହିଲେ, ଦୁଆ କରନ୍ତୁ ଅଲ୍ଲାଃତାଲା ମୋତେ ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଧର୍ମପରାୟଣ ବ୍ୟକ୍ତି କରନ୍ତୁ ଓ ଦଶ୍ ଶରାଏତେ ବୈଅତ୍ ଉପରେ କାର୍ଯ୍ୟାନୁସରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ରଷିଆରୁ ଅତାଉଲ୍ ୱାହିଦ୍ ସାହେବ ନାମକ ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରନ୍ତି ଯେ, ଜଣେ ଯୁବକକୁ ଅଲ୍ଲାଃତାଲା ଇସ୍‌ଲାମ୍ ଅହେମଦିୟତ୍ ଆଡ଼କୁ ଆକର୍ଷିତ କଲେ। ଦେଢ ବର୍ଷ ପୂର୍ବେ ସେହି ଯୁବକ ସହିତ ଯୋଗାଯୋଗ ହୋଇଥିଲା । ସେ ଏକ ଛୋଟିଆ ପ୍ରାନ୍ତର ଅଧିବାସୀ ବା ଯୁବକଟିଏ ଥିଲା । ସେହି ଯୁବକର ପିତାଶ୍ରୀ ଧର୍ମ ଠାରୁ ଦୂରେଇ ଯାଇଥିଲେ । କିନ୍ତୁ ମାର୍ସିଲ୍ (ସେହି ଯୁବକ)ଙ୍କ ପତ୍ନି ଖ୍ରୀଷ୍ଟ ଆର୍ଥୋଡିକ୍ସ ସଂପ୍ରଦାୟ ଅନ୍ତର୍ଭୁକ୍ତ ଥିଲେ । ସୁତରାଂ ମାର୍ସିଲ୍ (ଯୁବକ)ଙ୍କ ଜ୍ୟେଷ୍ଠ ଭ୍ରାତା ଖ୍ରୀଷ୍ଟ ଧର୍ମାବସଲମ୍ବୀ ଅଟନ୍ତି । କିନ୍ତୁ ମାର୍ସିଲ୍ ତାଙ୍କର ପିତାଶ୍ରୀଙ୍କ ଜାତୀୟତା ଯୋଗୁଁ ଇସଲାମ୍ ଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ । ତାଙ୍କର ପିତାଶ୍ରୀ ପୂର୍ବରୁ ହିଁ ମୁସଲମାନ ଥିଲେ । ସୁତରାଂ ମାର୍ସିଲ୍ (ଯୁବକ) ଯେତେବେଳେ ଇସଲାମ୍ ଧର୍ମ ସ୍ୱୀକାର କଲେ ସେତେବେଳେ ତାହା ପିତାଶ୍ରୀଙ୍କ ଏହି ଧ୍ୟାନ ଆକର୍ଷଣ ଯୋଗୁଁ ଇସଲାମ୍ ଧର୍ମ ଯୋଗୁଁ ସ୍ୱୀକାର କଲେ । କିନ୍ତୁ ପିତାଶ୍ରୀ ସୁନ୍ନୀ ସଂପ୍ରଦାୟର ଇସଲାମ୍ ଧର୍ମ ସ୍ୱୀକାର କରିନେଲେ । ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେବା ପରେ ମଧ୍ୟ ଶିକ୍ଷା ସମ୍ବନ୍ଧୀୟ ଅନେକ ପ୍ରଶ୍ନ ମସ୍ତିଷ୍କରେ ଘୂର୍ଣ୍ଣିଭୂତ ହେଉଥିଲା । ତେଣୁ ମୌଲବୀମାନେ ପ୍ରଶ୍ନର ସାନ୍ତ୍ୱନାମୂଳକ ଉତ୍ତର ପ୍ରଦାନ କରିପାରୁ ନଥିଲେ । ତେଣୁ ସେ ଅତ୍ୟନ୍ତ ବିବ୍ରତ ହୋଇ ପଡ଼ିଲେ । ତାଙ୍କ ମନରେ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇଲା । ସେହି ସମୟରେ ଅଲ୍ଲାଃତାଲା ଇଣ୍ଟରନେଟ୍ ମାଧ୍ୟମରେ ତାଙ୍କର ଯୋଗାଯୋଗ ଜମାଅତ୍ ଅହେମଦିୟା ରଷିଆ ସହିତ କରାଇଦେଲେ । ଏଠାରୁ ମାର୍ସିଲ୍ ସାହେବଙ୍କୁ ନିଜ ପ୍ରଶ୍ନର ସମସ୍ତ ଉତ୍ତର ସାନ୍ତ୍ୱନାମୂଳକ ଭାବରେ ପ୍ରାପ୍ତ ହେଲା । ତାଙ୍କ କହିବା ମୁତାବକ ମୁଁ ଅନେକ ସ୍ଥାନରେ ଇସ୍‌ଲାମ୍ ଧର୍ମକୁ ବୁଝିବା ନିମନ୍ତେ ପ୍ରୟାସ କଲି କିନ୍ତୁ ପ୍ରକୃତ ଇସଲାମ୍ ଅହେମଦିୟତ୍‌ରେ ହିଁ ପ୍ରାପ୍ତ କଲି । ସୁତରାଂ ଏହାପରେ ସେ ବୈଅତ୍ କରିନେଲେ ।

ଫିଲିପାଇନ୍‌ର ଜଣେ ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ଏହି ଉପଦ୍ୱୀପରେ 139 ଜଣ ଲୋକ ବୈଅତ୍ କଲେ । ବୈଅତ୍‌କାରୀଙ୍କ ମଧ୍ୟରେ ଜଣେ ସ୍କୁଲର ପ୍ରିଂସିପାଲ୍ (ଅଧ୍ୟକ୍ଷ) ଓ ଚାରି ଜଣ ମସଜିଦର ଇମାମ୍ ମଧ୍ୟ ସାମିଲ୍ ଅଟନ୍ତି । ଏମାନେ ସମସ୍ତେ ବୈଅତ୍ କରି ଅହେମଦି ହୋଇସାରିଛନ୍ତି । ଜଣେ ଇମାମ୍ ଯାହାଙ୍କ ନାମ ହାଜି ଇସା ଅଟେ । ତାଙ୍କ କହିବାନୁଯାୟୀ ସେ ଯେଉଁ ମସ୍‌ଜିଦ୍ ଇମାମ୍ ଅଟନ୍ତି ତାହା ଜମାଅତ୍ ଅହେମଦିୟାର ହିଁ ମସ୍‌ଜିଦ୍ ଅଟେ । ଜଣେ ବନ୍ଧୁ ଉକ୍ତ ମସ୍‌ଜିଦ୍ ସହିତ ସଂଲଗ୍ନ କିଛି ଜମି ଜମାଅତ୍‌କୁ ମଧ୍ୟ ଉପହାର ରୂପେ ଦାନ କରିଛନ୍ତି । ସେହି ଜମିରେ ଚଳିତ ବର୍ଷ ମିଶନ ହାଉସ୍ ନିର୍ମାଣ କରିବାର ଯୋଜନା ରହିଛି । କାରଣ ସେଠାରେ ନିୟମିତ ରୂପେ ଜଣେ ମୁଅଲ୍ଲିମ୍‌କୁ ନିଯୁକ୍ତ କରାଯାଇପାରିବ । ଉକ୍ତ ଇମାମ୍ ଜଣକ ଆର୍ଥିକ ବଳିଦାନକାରୀ ବ୍ୟକ୍ତି ଅଟନ୍ତି । ଦିନ ସେ କହିବାକୁ ଲାଗିଲେ ଯେ, ମୁଁ ଯେଉଁ ପାଞ୍ଚ ଶହ ପିସୋ (ଟଙ୍କା) ଦିନେ ଆର୍ଥିକ ବଳିଦାନ କରିଥିଲି ଅଲ୍ଲାଃତାଲା ମୋର ବିଶ୍ୱାସକୁ ସୁଦୃଢ କରିବା ନିମନ୍ତେ ପରଦିନ ମୋତେ ଅନାଶାତିତ ଭାବରେ ଏକ ଲକ୍ଷ ପିସୋ (ଟଙ୍କା) କୁଆଡୁ ଆୟ କରାଇ ଦେଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଏହିପରି ପୁଣ୍ୟାତ୍ମା ଲୋକମାନଙ୍କୁ ମାର୍ଗଦର୍ଶନ କରିଥାଆନ୍ତି ।

ମାଲି ଅଞ୍ଚଳରେ ସିକାସୋର ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି: ମୁର୍‌ୱାନ୍ କୋଲି ବାଲି ସାହେବ ନାମକ ଜଣେ ବ୍ୟକ୍ତି ମିଶନ ହାଉସ୍ ଆସିଲେ ଏବଂ କହିଲେ, ସେମାନେ ବୈଅତ୍ କରିବାକୁ ଚାହୁଁଛନ୍ତି । ସେ କହିଲେ, ସେ ଅହେମଦିୟା ରେଡ଼ିଓ ଧ୍ୟାନପୂର୍ବକ ଶୁଣୁଥିଲେ ଏବଂ ଜମାଅତ୍‌ର ଅନେକ କଥା ଦ୍ୱାରା ସେ ସନ୍ତୁଷ୍ଟ ଥିଲେ। କିନ୍ତୁ ବୈଅତ୍ କରିବାକୁ ମନ ଜମା ମାନୁ ନଥିଲା । ସେ କହିବାକୁ ଲାଗିଲେ: କାଲି ରେଡ଼ିଓ ଶୁଣୁ ଶୁଣୁ ମୋରେ ଆଖି ଯେତେବେଳେ ଲାଗିଗଲା ସେତେବେଳେ ମୁଁ ସ୍ୱପ୍ନରେ ଦେଖିଲି ଯେ, ଆକାଶରେ ଅତ୍ୟନ୍ତ ଉଜ୍ଜ୍ୱଳ ଚନ୍ଦ୍ର ଉଦିତ ହୋଇଛି ଏବଂ ଚନ୍ଦ୍ରରେ ଦୁଇ ଜଣ ବ୍ୟକ୍ତିଙ୍କର ଛବି ଦୃଶ୍ୟମାନ ହେଉଛି । ଗୋଟିଏ କ୍ଷୁଦ୍ରାକୃତିର ଛବି ରହିଛି ଏବଂ ଅନ୍ୟଟି ବୃହତାକୃତିର ଛବି ରହିଛି । ପାଖରେ ଛିଡ଼ା ହୋଇଥିବା ପିଲାମାନେ ଚିତ୍କାରେ କରୁଛନ୍ତି ଯ, ଇମାମ୍ ମେହଦୀ ଅ.ସ ଓ ତାଙ୍କ ଖଲିଫାଙ୍କର ଛବି ଅଛି । ଇମାମ୍ ମେହଦୀ ଆସିଯାଇଛନ୍ତି । ମୁର୍‌ୱାନ୍ ସାହେବ କୁହନ୍ତି ଯେ, ସେ ପୁନଶ୍ଚ ସ୍ୱପ୍ନରେ ହିଁ ନିକଟବର୍ତ୍ତୀ ଛିଡ଼ା ହୋଇଥିବା ଜଣେ ବରିଷ୍ଠ ପୁରୁଷଙ୍କୁ ପଚାରିଲେ ଯେ, ମହୋଦୟ କ'ଣ ଆପଣଙ୍କୁ ମଧ୍ୟ ଛବି ଦୃଶ୍ୟମାନ ହେଉଛି । ପ୍ରତ୍ୟୁତ୍ତରରେ ସେହି ବରିଷ୍ଠ ପୁରୁଷ ନାହିଁରେ ଉତ୍ତର ଦେଲେ । କିନ୍ତୁ ସେ କୁହନ୍ତି, ମୋର ହୃଦୟ ତୃପ୍ତ ହୋଇଗଲା ଯେ, ଅହେମଦିୟତ୍ ହିଁ ସତ୍ୟ ଜମାଅତ୍ ଅଟେ ଯିଏ ଇମାମ୍ ମେହଦୀ ଅ.ସଙ୍କ ଆବିର୍ଭୂତ ହେବା ସଂପର୍କରେ ଘୋଷଣା କରୁଅଛି । ହ. ମସିହ୍ ମଉଦ ଅ.ସଙ୍କ ଖଲିଫମାନଙ୍କର ଛବି ଯେତେବେଳେ ଦେଖିଲେ ସେତେବେଳେ ହ. ମସିହ୍ ମଉଦ୍ ଅ.ସଙ୍କ ବଡ଼ ଛବିକୁ ଦେଖି ଚିହ୍ନି ପକାଇଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ତତ୍‌ସହିତ ମୋର ଛବି ମଧ୍ୟ ଥିଲା ଏବଂ କହିଲେ, ଏହି ବ୍ୟକ୍ତିଙ୍କୁ ତ' ମୁଁ ସ୍ୱପ୍ନରେ ଦେଖିଥିଲି ।

ସ୍ପେନ୍‌ର ଅମୀର ସାହେବ ଉଲ୍ଲେଖ କରନ୍ତି ଯେ, ଚଳିତ୍ ବର୍ଷ କାର୍ଲୋସ ସାହେବ ନାମକ ଜଣେ ବ୍ୟକ୍ତି ବୈଅତ୍ କରିଛନ୍ତି । ମହୋଦୟ ପ୍ରଥମେ ମୁସଲମାନ ହୋଇଯାଇଥିଲେ । ତାଙ୍କର ନାମ ଅବଦ୍ଦୁସ୍ ସଲାମ୍ ନାମକରଣ କରାଯାଇଥିଲା। ସେ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱପ୍ନରେ ଦେଖିଲେ । ହୁଜୁର ଅ.ସ ତାଙ୍କୁ କହୁଥିଲେ, ଆସ! ଶାନ୍ତି ଆଡ଼କୁ ଚାଲିଆସ । ସ୍ୱପ୍ନ ପରେ ଦିନେ ତାଙ୍କର ପତ୍ନି ତାଙ୍କୁ ଇଣ୍ଟରନେଟ୍‌ରେ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

କିଛି ଦେଖାଉଥିଲେ କି ତାଙ୍କର ଦୃଷ୍ଟି ହଠାତ୍ ହ. ମସିହ୍ ମଉଦ୍ ଅ.ସଙ୍କ ଛବି ଉପରେ ପଡ଼ିଲା । ତେବେ ସେ କହିଲେ ଏହି ଛବି ହେଉଛି ସେହି ବ୍ୟକ୍ତିଙ୍କର ଯାହାଙ୍କୁ ମୁଁ ସ୍ୱପ୍ନରେ ଦେଖିଥିଲି । ସେ ମୋତେ ଶାନ୍ତି ଆଡ଼କୁ ବାରମ୍ବାର ଡାକୁଥିଲେ । ଅତଏବ୍ ଏହାପରେ ସେ ଅହେମଦିୟତ୍ ସଂପର୍କରେ ଗବେଷଣା କରିବାକୁ ଆରମ୍ଭ କରିଦେଲେ ଏବଂ କିଛି ପରେ ପୁନଃ ସେ ସ୍ୱପ୍ନ ଦେଖିଲେ । ହ. ମସିହ୍ ମଉଦ୍ ଅ.ସ ତାଙ୍କୁ କହିଲେ, ମୁଁ ଇମାମ୍ ମେହଦୀ ଓ ମସିହ୍ ମଉଦ୍ ଅଟେ। ଏହି ସ୍ୱପ୍ନ ପରେ ତାଙ୍କର ହୃଦୟ ଅହେମଦିୟତ୍ ପ୍ରତି ଆସକ୍ତ ହୋଇଯାଇଥିଲା । କିନ୍ତୁ ସେ ବୈଅତ୍ କରି ନଥିଲେ ଏବଂ ଗବେଷଣା ତଥା ସନ୍ଧାନ ଜାରି ରଖିଥିଲେ। ତୃତୀୟ ଥର ପୁନଃ ଯେତେବେଳେ ସେ ହ. ମସିହ୍ ମଉଦ୍ ଅ.ସଙ୍କୁ ଦେଖିଲେ ସେତେବେଳେ ଆପଣ ଅ.ସଙ୍କ ମୁଖମଣ୍ଡଳରେ ଅସନ୍ତୁଷ୍ଟ ଭାବର ଲକ୍ଷଣ ଥିଲା । ପ୍ରତ୍ୟୁତ୍ତରରେ ସେ ତୁରନ୍ତ ଜମାଅତ୍ ସହିତ ଯୋଗଯୋଗ କଲେ ଏବଂ ବୈଅତ୍ କରିନେଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବିରୋଧୀମାନଙ୍କ ସତଚେଷ୍ଟା ଓ ବିରୋଧ ସତ୍ତ୍ୱେ ନବଦୀକ୍ଷିତମାନେ ବିଶ୍ୱାସର କିପରି ପିରପ୍ରକାଶ କରିଥାଆନ୍ତି ତାହା ଅବର୍ଣ୍ଣନନୀୟ ଅଟେ ।

ବୁର୍କିନାଫାସୋ, ମେହ୍‌ଦୀଆବାଦ୍‌ର ନାସିର୍ ସଇଦ୍ ୱଜିକା ସାହେବ ନାମକ ଜଣେ ବ୍ୟକ୍ତି ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଆମ ଗ୍ରାମର ଅଧିକାଂଶ ଲୋକମାନେ ଅହେମଦିୟତ୍ ସ୍ୱୀକାର କରିନେଲେ ସେତେବେଳେ ସାଉଦୀ ଆରବରେ ଅବସ୍ଥାନ କିରଥିବା ମୋର କଜନ୍ (ଚଚା ପୁଅ) ସମସ୍ତ ଖର୍ଚ୍ଚ ବହନ କରି ଆମକୁ ସାଉଦୀ ଆରବ ଡକାଇନେଲେ । ସେଠାରେ ଯେତେବେଳେ ଆମେ ପହଞ୍ଚିଲୁ ସେତେବେଳେ ସେ ଆମମାନଙ୍କୁ ଖାନା କାଆବାର ପରିଦର୍ଶନ କରାଇ କହିଲେ,ହେ ମୋର ଭାଇ ଏ ହେଉଛି ଇସ୍‌ଲାମ୍ ଧର୍ମର ପବିତ୍ର ଧର୍ମପୀଠ । ଇସ୍‌ଲାମ୍ ଧର୍ମ ଏହିଠାରୁ ହିଁ ଆରମ୍ଭ ହୋଇଥିଲା ପାକିସ୍ତାନରୁ ନୁହେଁ । ତେଣୁ ଏଠାରେ ଅବସ୍ଥାନ କରିଥିବା ୱାହାବିମାନଙ୍କର ଧର୍ମମତକୁ ଅବଲମ୍ବନ କର ଏବଂ ଅହେମଦିୟତ୍ ପରିତ୍ୟାଗ କରିଦିଅ । ମୁଁ କହିଲି, ତୁମେ ଆମକୁ ଏଇଥି ପାଇଁ ଡକାଇଥିଲ ? ସେ ଉକ୍ତ କଥା ଶୁଣି ମୁଣ୍ଡ ଟୁଙ୍ଗାରିଲା । ମୁଁ ପୁନଶ୍ଚ କହିଲି ଯେ, ଉକ୍ତ ପବିତ୍ର ଧର୍ମପୀଠ ଛତ୍ରଛାୟା ତଳେ ଛିଡ଼ା ହୋଇ ମୁଁ ଏହି ପ୍ରାର୍ଥନା କରୁଛି ଯେ, ମୋ ଜୀବନରେ ଏପରି କୌଣସି ଅବସର ନଆସୁ ଯେ, ମୋତେ ଅହେମଦିୟତ୍ ପରିତ୍ୟାଗ କରିବାକୁ ପଡ଼ିବ । ସେ କୁହନ୍ତି ମୁଁ ଖାନା କାଆବାରେ ଏହି ଦୁଆ କଲି ଯେ, ହେ ଅଲ୍ଲାଃ ! ମୋତେ ବିଶ୍ୱାସକାରୀ ଥିବା ଅବସ୍ଥାରେ ହିଁ ମୃତ୍ୟୁ ପ୍ରଦାନ କର ଏବଂ ଏପରି କୌଣସି ଅବସର ନଆସୁ ଯେ, ମୁଁ ବିଶ୍ୱାସରୁ ଓହରିଯିବି । ସେ ଯାହା ହେଉ ଏହାପରେ ମୁଁ ଶୀଘ୍ର ଶୀଘ୍ର ବୁର୍କିନାଫାସୋ ଚାଲି ଆସିଲି । ପ୍ରଭୁ ଏପରି କରିଲେ ଯେ, ତାଙ୍କର ସେହି ପ୍ରିୟଜନ ତାଙ୍କୁ ଏବଂ ନିଜର ସଂପର୍କୀୟମାନଙ୍କୁ ବୁର୍କିନାଫାସୋ ସାକ୍ଷାତ୍ କରିବା ପାଇଁ ଆସିଲା । ତେବେ ଅଲ୍‌ହାଜ୍ ଇବ୍ରାହିମ୍ ସାହେବ ତା'କୁ ତବଲିଗ୍ କଲେ ଏବଂ ସେ ମଧ୍ୟ ଅହେମଦି ହୋଇଗଲା । ସେ ଯାହା ହେଉ ଯିଏ ଆମକୁ ଶିକାର କରିବାକୁ ଚାହୁଁଉଥିଲା ସେ ନିଜେ ଅହେମଦିୟତ୍‌ର ଶିକାର ହୋଇଗଲା ।

ପୁନଶ୍ଚ ବିରୋଧ ସମୟରେ ଅବିଚଳତା ପ୍ରଦର୍ଶନ କରିବା ସଂକ୍ରାନ୍ତରେ ବୁର୍କିନାଫାସୋର ଅମୀର୍ ସାହେବ ବର୍ଣ୍ଣନା କରନ୍ତି ଯେ, ଡୋରି ଅଞ୍ଚଳର ଉମର ଡିକୋ (Dicko) ସାହେବ ନାମକ ଜଣେ ମୁଅଲ୍ଲିମ୍ ସାହେବ ଅଟନ୍ତି । ସେ କୁହନ୍ତି, ଦିନେ ୱାହାବି ମୁଲ୍ଲାର ଏକ ପ୍ରତିନିଧି ଦଳ ତାଙ୍କ ଘରକୁ ଆସିଲା ଏବଂ ଅହେମଦିୟତ୍ ପରିତ୍ୟାଗ କରିବା ନିମନ୍ତେ କହିଲା ଓ ଧମକ ଦେଲା ଯେ, ତୁମେ ଅହେମଦିୟତ୍ ପରିତ୍ୟାଗ କରିଦିଅ ଅନ୍ୟଥା ଆମେ ତୁମକୁ ହତ୍ୟା କରିଦେବୁ । ଉମର୍ ଡିକୋ ସାହେବ କୁହନ୍ତି, ତୁମେମାନେ ନିଃସନ୍ଦେହ ରୂପେ ମୋତେ ହତ୍ୟା କରିଦିଅ । କିନ୍ତୁ ମୁଁ ଅହେମଦିୟତ୍ ପରିତ୍ୟାଗ କରିପାରିବ ନାହିଁ । ଅର୍ଥାତ୍ ଅହେମଦିୟତ୍ ପରିତ୍ୟାଗ କରିବାର ପ୍ରଶ୍ନ ଉଠୁ ନାହିଁ ଓ ନା ହିଁ ମୁଁ ତବ୍‌ଲିଗ୍ କରିବାରୁ କେବେ ବି ଅଟକିଯିବି ନାହିଁ, ମୁଁ ତବଲିଗ୍ ମଧ୍ୟ କରିବି । ପ୍ରତ୍ୟୁତ୍ତରରେ ସେହି ୱାହାବି ଦଳ କ୍ରୋଧିତ ହୋଇ ଚାଲିଗଲା । ପରବର୍ତ୍ତୀ ଦିନ କେତେକ ଶଶସ୍ତ୍ରଧାରୀ ଲୋକମାନେ ତାଙ୍କ ଘରକୁ ଆସିଲେ । ଫଳତଃ ଅହେମଦିମାନେ ତାଙ୍କୁ ପରାମର୍ଶ ଦେଲେ ଯେ, ଆପଣ ଡୋରି ଚାଲି ଯାଆନ୍ତୁ । ସେହି ରାତ୍ର ମୁଅଲ୍ଲିମ୍ ସାହେବ ନିଜ ଫ୍ୟାମେଲି ସହିତ ଦୁଆରେ ନିମଜ୍ଜିତ ରହିଲେ ଏବଂ ଅଲ୍ଲାଃତାଲାଙ୍କ ଠାରୁ ମାର୍ଗଦର୍ଶନ ଚାହିଁଲେ । ମୌଲବୀ ସାହେବ ସ୍ୱପ୍ନରେ ଇସ୍‌ମାଇଲ୍ ନାମକ ଜଣେ ବ୍ୟକ୍ତିକୁ ଦେଖିଲେ । ସେ କହିଲା, ହେ ଉମର୍ ! ତୁ କେଉଁଆଡ଼େ ଯାଉଛୁ ? ଉମର୍ ସାହେବ ଉତ୍ତର ଦେଲେ ଯେ, ମୁଁ ଡୋରି ଯାଉଛି । ପ୍ରତ୍ୟୁତ୍ତରରେ ସେହି ବ୍ୟକ୍ତି ଜଣକ କହିଲା ଠିକ୍ ଅଛି । ସୁତରାଂ ସେହି ସ୍ୱପ୍ନ ପରେ ପରବର୍ତ୍ତୀ ପ୍ରାତଃ ସମୟରେ ସେ ପ୍ରବାସ କଲେ ଏବଂ ରିକ୍ସାବାଲା ତାଙ୍କୁ ସୁରକ୍ଷିତ ଉପାୟରେ ସେଠାରେ ପହଞ୍ଚାଇଦେଲା ଏବଂ ଡୋରି ପହଞ୍ଚିବା ମାତ୍ରେ ତାଙ୍କ ପତ୍ନିଙ୍କର ଫୋନ ଆସିଲା ଯେ, ଆତଙ୍କବାଦୀମାନେ ଆସିଛନ୍ତି ଏବଂ ଆପଣଙ୍କୁ ଖୋଜୁଛନ୍ତି । ଏହିପରି ଭାବରେ ଅଲ୍ଲାଃତାଲା ଉମର୍ ଡିକୋ ସାହେବଙ୍କର ପ୍ରାଣ ରକ୍ଷା କରିଥିଲେ ।

ନାଇଜେରିୟାର ଓସୋନ୍ (Osun)ଷ୍ଟେଟ୍‌ର ଏକ ଗ୍ରାମର ବାସ କରୁଥିବା ବଦର୍ ଅଦ୍ରିମି (Badr Aderemi) ସାହେବ ନାମକ ଜଣେ ବ୍ୟକ୍ତିଙ୍କୁ ଅହେମଦିୟତ୍ ସ୍ୱୀକାର କରିବାକୁ ସାମର୍ଥ୍ୟ ପ୍ରାପ୍ତ ହେଲା । ମହୋଦୟ ବିଲବାଡ଼ି କାମ କରନ୍ତି ଏବଂ ଅହେମଦିୟତ୍ ସ୍ୱୀକାର କରିବା ପୂର୍ବରୁ ଗ୍ରାମର ବିରୋଧୀ ଗୋଷ୍ଠୀ, ଆମ ବିପକ୍ଷରେ ସରଗରମ ସଦସ୍ୟ ରହିଥିଲେ । ସେ କୁହନ୍ତି, ଜମାଅତ୍ ଅହେମଦିୟାର ମିଶ୍‌ନାରୀ ସାହେବ ମୋତେ ଜମାଅତ ସହିତ ଯେତେବେଳେ ପରିଚିତ କରାଇଲେ ସେତେବେଳେ ମୋତେ ଜମାଅତ୍ ଅହେମଦିୟା ସଂପର୍କରେ ଅତିରିକ୍ତ ଜାଣିବାର ଅଭିରୁଚି ସୃଷ୍ଟି ହେଲା । କିଛି କାଳ ଗବେଷଣା ତଥା ସନ୍ଧାନ କରିବା ପରେ ମୁଁ ଅହେମଦିୟତ୍ ସ୍ୱୀକାର କରିନେଲି । ବୈଅତ୍ କରିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ଘୋର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଉମର୍ ଡିକୋ ସାହେବ କୁହନ୍ତି, ମୋତେ କୁହାଗଲା ଯେ, ତିନି ମାସ ରହିଛି, ଯଦି ତୁମେ ଅହେମଦିୟତ୍ ପରିତ୍ୟାଗ ନକଲ ତାହାହେଲ ଆମେମାନେ ତୁମର ଘରକୁ ଧ୍ୱଂସ କରିଦେବୁ । ସୁତରାଂ ମୁଅଲ୍ଲିମ୍ ସାହେବ କୁହନ୍ତି ଯେ, ସେ ବହୁତ୍ ଚିନ୍ତିତ ହେଲେ ଏବଂ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ସେ କୁହନ୍ତି ଯେ, ଦିନେ ମୁଁ ବିଲକୁ କାମ କରିବାକୁ ଗଲି । ଠିକ୍ ସେତିକିବେଳେ ଝଡ଼ବତାସ ଆସିଗଲା । ମୋର ଏହି ବିଶ୍ୱାସ ରହିଥିଲା ଯେ, ମୁଁ ଯେତେବେଳେ ଘରକୁ ଯିବି ସେତେବେଳେ ମୋ ଘର ବାତ୍ୟା ଯୋଗୁଁ ଧ୍ୱଂସ ପ୍ରାପ୍ତ ହୋଇଯାଇଥିବ । ସେ ଯାହା ହେଉ ମୁଁ ଯେତେବେଳେ ଘରକୁ ଗଲି ସେତେବେଳେ ଏହା ଦେଖୁଛି ଯେ, ମୋ ଘରର ବାମ ପାର୍ଶ୍ୱ ଓ ଡାହାଣ ପର୍ଶ୍ୱରେ ଥିବା ପ୍ରାୟ 50ଟି ଘରଗୁଡ଼ିକ ଧ୍ୱଂଶ ହୋଇଯାଇଛନ୍ତି । କେବଳ ସେହି ଘରଗୁଡ଼ିକ ଧ୍ୱଂସ ହୋଇ ନାହାନ୍ତି ବରଂ ସେହି ଘରଗୁଡ଼ିକର ଛାତ ମଧ୍ୟ ଉଡ଼ିଯାଇଛି ଏବଂ ଘର ଧ୍ୱଂସ ସ୍ତୂପରେ ପରିଣତ ହୋଇସାରିଛି । ଠିକ୍ ସେତିକିବେଳେ ବିରୋଧୀମାନଙ୍କର ଉକ୍ତ କଥା ମଧ୍ୟ ମସ୍ତିଷ୍କକୁ ଆସିଯାଉଛି ଯେ, ଯେହେତୁ ତୁମେ ଅହେମଦିୟତ ସ୍ୱୀକାର କରିଛ ତେଣୁ ଦିନେ ଯେତେବେଳେ ତୁମେ ଘରକୁ ଫେରିବ ସେତେବେଳେ ତୁମ ନିଜ ଘରକୁ ଧ୍ୱଂସ ପ୍ରାପ୍ତ ଥିବାର ଦେଖିବାକୁ ପାଇବ । ସୁତରାଂ ମୁଁ ଦୁଆ କଲି ଯେ, ହେ ଅଲ୍ଲାଃ ! ଯଦି ଉକ୍ତ ଜମାଅତ୍‌ଟି ତୁମର ଜମାଅତ୍ ଅଟେ ଏବଂ ହ. ମସିହ୍ ମଉଦ୍ ଅ.ସ ସେହି ପ୍ରତିଶ୍ରୁତ ମସିହ୍ ଓ ମେହ୍‌ଦୀ ଅଟନ୍ତି ଯାହାଙ୍କ ସଂପର୍କରେ ତୁମେ ରସୁଲ୍ କରୀମ୍ ସ.ଅଙ୍କୁ ଶୁଭସମାଚାର ପ୍ରଦାନ କରିଥିଲ ତେବେ ମୋ ଘରକୁ ଧୂଳିସାତ୍ ହେବାକୁ ଦେବ ନାହିଁ। ସେ ଯାହେ ହେଉ ନା କାହିଁକି ଯେତେବେଳେ ବର୍ଷା ଥମିଗଲା ସେତେବେଳେ ମୁଁ ଗୃହ ମଧ୍ୟକୁ ପ୍ରବେଶ କଲି । ଦେଖିଲି ଯେ, ପ୍ରତ୍ୟେକଟି କୋଠରୀ ସୁରକ୍ଷିତ ଥିଲା ଏବଂ କୌଣସି ପ୍ରକାରର କ୍ଷତି ହୋଇ ନଥିଲା । ଅପର ପକ୍ଷେ ଆଖପାଖର ଅନେକ ଘର ଧ୍ୱଂସ ହୋଇଯାଇଥିଲା । ସେ କୁହନ୍ତି, ଉକ୍ତ ଘଟଣା ପରେ ଅହେମଦିୟତ୍‌ର ସତ୍ୟତା ଉପରେ ମୋର ବିଶ୍ୱାସ ଆହୁରି ଦୃଢୀଭୂତ ହୋଇଗଲା ଏବଂ ମୋର ବିଶ୍ୱାସ ସୁଦୃଢ ହୋଇଗଲା ଯେ, ପ୍ରକୃତରେ ଉକ୍ତ ଜମାଅତ୍ ଏକ ଐଶୀ ଜମାଅତ୍ ଅଟେ । ସେ ଯାହା ହେଉ ପୃଥିବୀର ବିଭିନ୍ନ ରାଷ୍ଟ୍ରମାନଙ୍କରେ ଅଲ୍ଲାଃତାଲାଙ୍କ ଏହି ବ୍ୟବହାର ଯେ, ପ୍ରତ୍ୟେକ ସ୍ଥାନରେ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସମର୍ଥନ ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଥିବାର ଦୃଶ୍ୟମାନ ହେଉଛି । ହ. ମସିହ୍ ମୁଉଦ୍ ଅ.ସ ହିଁ ଆମମାନଙ୍କୁ ପ୍ରକୃତ ଇସ୍‌ଲାମ୍ ଧର୍ମର ଶିକ୍ଷା ପ୍ରଦାନ କଲେ । ସୁତରାଂ ଏହା ହିଁ ଜମାଅତ୍ ଅହେମଦିୟାର ସତ୍ୟତାର ସବୁଠାରୁ ବଳିଷ୍ଠ ପ୍ରମାଣ ଅଟେ । ଉକ୍ତ କଥା ଏବଂ ଉପରୋକ୍ତ ଘଟଣାବଳୀ ଅଲ୍ଲାଃତାଲାଙ୍କ କୃପାରୁ ଲୋକମାନଙ୍କର ବିଶ୍ୱାସକୁ ସୁଦୃଢ କରୁଅଛି । ଅଲ୍ଲାଃତାଲା ସଂସାରବାସୀଙ୍କ ଚକ୍ଷୁ ଖୋଲନ୍ତୁ ଏବଂ ସେମାନେ ହ. ମସିହ୍ ମଉଦ୍ ଅ.ସଙ୍କୁ ବିଶ୍ୱାସର ସହିତ ସ୍ୱୀକାର କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା କରିବି । କିନ୍ତୁ ମୁଁ ଏହା ମଧ୍ୟ କହି ରଖୁଛି ଯେ, ଏହି ଦିନମାନଙ୍କରେ ଯେଉଁ କୋଭିଡ୍ ମହାମାରୀ ରହିଛି ତାହା ପୁନଃ ବ୍ୟାପୁଛି । ଅତଃ ଲୋକମାନଙ୍କୁ ମଧ୍ୟ ତତ୍‌ସମ୍ବନ୍ଧରେ ସତର୍କତା ଅବଲମ୍ବନ କରିବା ଉଚିତ୍ । ମୃତକମାନଙ୍କ ମଧ୍ୟରେ ପ୍ରଥମ ମୃତକ ହେଲେ, ସମ୍ମାନନୀୟା ସ୍ୱର୍ଗତା ଅମତୁଲ୍ ହାଦି ସାହିବା । ସ୍ୱର୍ଗତା ସମ୍ମାନନୀୟ ପୀର୍ ଜିୟାଉଦ୍ଦୀନ୍ ସାହେବଙ୍କର ପତ୍ନି ଥିଲେ । ସ୍ୱର୍ଗତା ମୀର୍ ମୁହମ୍ମଦ୍ ଇସ୍‌ମାଇଲ୍

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ସାହେବଙ୍କର ସୁପୁତ୍ରୀ ଥିଲେ । ବିଗତ ଦିନ 92 ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ତାଙ୍କର ସୁପୁତ୍ର ପୀର୍ ଶବ୍ବୀର ଅହେମଦ ସାହେବ ଇସ୍‌ଲାମାବାଦ୍‌ର ନାଏବ୍ ଅମୀର ଅଟନ୍ତି ଏବଂ ବ୍ରିଗେଡ଼ିୟର ଦବିର୍ ଅହେମଦ ଫଜ୍‌ଲେ ଉମର ହସ୍ପିଟାଲ୍‌ରେ ଆଜିକାଲି ଆଡ଼ମିନିଷ୍ଟ୍ରେଟର ଅଟନ୍ତି । ଅବସର ପରେ ସେ ନିଜକୁ ୱକ୍‌ଫ୍ କରିଥିଲେ । ତାଙ୍କର ଦୁଇ ପୁତ୍ର ରହିଛନ୍ତି ।

ତାଙ୍କର ସୁପୁତ୍ର ଉଲ୍ଲେଖ କଲେ ଯେ, ଆମେ ଭାଇ ଭଉଣୀମାନେ ସର୍ବଦା ମାତାଶ୍ରୀଙ୍କୁ ବାଲ୍ୟକାଳରୁ ହିଁ ନମାଜ ଏବଂ ତିଲାୱତ୍‌ର ନିୟମାନୁବର୍ତ୍ତୀ ଥିବାର ପାଇଥିଲୁ । ମାତାଶ୍ରୀ ନିୟମିତ ଚାନ୍ଦା ପୈଠକାରୀଣୀ ମହିଳା ଥିଲେ । ଏମ.ଟି.ଏ ଦେଖିବା ତାଙ୍କର ନିତିଦିନିଆ କାର୍ଯ୍ୟ ଏବଂ ମଣୋହୀ ଥିଲା । ସେ ଜମାଅତ୍‌ର ଆହ୍ୱାନରେ ସର୍ବଦା ଅଂଶ ଗ୍ରହଣ କରୁଥିଲେ । ତେହ୍‌ରିକେ ଜଦିଦ୍‌ର ଦଫ୍‌ତର୍ ଅୱଲ୍‌ର ଚାନ୍ଦା ପୈଠକାରୀଣୀ ମହିଳା ଥିଲେ । 1971 ମସିହାରେ ଭାରତ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧରେ ଅମତୁଲ୍ ହାଦି ସାହେବାଙ୍କ ସ୍ୱାମୀ ବ୍ରିଗେଡ଼ିୟର୍ ଜିଉଦ୍ଦୀନ୍ ସାହେବ ପୂର୍ବ ପାକିସ୍ତାନରେ ଥିଲେ । ବର୍ତ୍ତମାନ ସେହି ପୂର୍ବ ପାକିସ୍ତାନକୁ ବାଂଲାଦେଶ କୁହାଯାଏ । ସେହି ବାଂଲାଦେଶରେ ସେ ଦୀର୍ଘ କାଳ ପର୍ଯ୍ୟନ୍ତ ରହିଥିଲେ । ପିର୍ ଦବିର୍ ସାହେବ କୁହନ୍ତି, ମାତାଶ୍ରୀ ଏବଂ ମୋର ସାନ ଭଉଣୀ ମଧ୍ୟ ସେଠାରେ (ବାଂଲାଦେଶରେ) ଥିଲେ । କିଛି କାଳ ପରେ ପିତାଶ୍ରୀ ଭଉଣୀ ଓ ମାତାଶ୍ରୀଙ୍କୁ ସେଠାକୁ ପ୍ରେରଣ କରିଦେଲେ । ମାତାଶ୍ରୀ ଚିନ୍ତିତ ରହୁଥିଲେ। କିନ୍ତୁ ସେ କେବେ ବି ନିଜର ଚିନ୍ତା ଓ ସମସ୍ୟାର ପରିପ୍ରକାଶ ସନ୍ତାନମାନଙ୍କ ସମ୍ମୁଖରେ କରି ନଥିଲେ । ବରଂ ଆମମାନଙ୍କୁ ଉତ୍ସାହିତ କରୁଥିଲେ ଏବଂ 6 ମାସ ପରେ ପୁନଶ୍ଚ ବ୍ରିଗେଡ଼ିୟର ସାହେବ ସେଠାରୁ ଫେରି ଆସିଲେ । ମାତାଶ୍ରୀ ସର୍ବଦା ଆମମାନଙ୍କୁ ଅନୁପ୍ରାଣିତ କରୁଥିଲେ ଯେ, ଇଦ୍ ପର୍ବରେ ଅଭାବି ଦରିଦ୍ରମାନଙ୍କର ଯତ୍ନ ନେବ ଏବଂ ଦରିଦ୍ରମାନଙ୍କୁ ଇଦି (ଇଦ୍ ଖର୍ଚ୍ଚ) ଦିଅ । ହିଉମାନିଟି (ମାନବ ସେବା ସଂଘ) ରେ ସର୍ବଦା ବିପୁଳ ଅର୍ଥରାଶି ପ୍ରେରଣ କରୁଥିଲେ କୂପ ଓ ନଳକୂପ ବସାଇବା ନିମନ୍ତେ ସନ୍ତାନମାନଙ୍କର ପାଠ ପଢା ନିମନ୍ତେ, ଦରିଦ୍ରମାନଙ୍କର ଖାଇବାର ବ୍ୟବସ୍ଥା କରୁଥିଲେ ଏବଂ ଉକ୍ତ ଅର୍ଥକୁ ସେ ମାନବସେବାରେ ବ୍ୟୟ କରୁଥିଲେ । ଏହାର ଚର୍ଚ୍ଚା ଡାକ୍ତର ନୁରୀ ସାହେବ ମଧ୍ୟ କରିଛନ୍ତି । ତାଙ୍କର ସୁପୁତ୍ରୀ ଅମତୁଲ୍ କବୀର୍ ତଲ୍‌ଅତ୍ ସାହେବା କୁହନ୍ତି: ମତାଶ୍ରୀ ଉଚ୍ଚ ସ୍ୱରରେ ତିଲାୱତ୍ କରୁଥିଲେ । ସେ କାହାରି ଚୁଗୁଲି କରୁ ନଥିଲେ । ଅନ୍ୟମାନଙ୍କୁ ମଧ୍ୟ ଏପରି କରିବାକୁ ବାରଣ କରୁଥିଲେ । ଖିଲାଫତ୍ ପ୍ରତି ତାଙ୍କର ଗଭୀର ଆସ୍ଥାମୂଳକ ସଂପର୍କ ଥିଲା । ମାତାଶ୍ରୀ ନିୟମିତ ଭାବରେ ଏମ.ଟି.ଏ ଦେଖୁଥିଲେ । ନିୟମିତ ଖୁତ୍‌ବା ଶୁଣୁଥିଲେ ଏବଂ ପ୍ରତ୍ୟେକ ଅବସରରେ ଏହା ବୁଝାଉଥିଲେ ଯେ, ଜମାଅତର ପୁସ୍ତକ ଅଧ୍ୟୟନ କରିବା ଦ୍ୱାରା ବହୁତ ଲାଭ ମିଳିଥାଏ । ମାତାଶ୍ରୀ ପୁସ୍ତକ ପାଠ କରିବା ପ୍ରତି ଗଭୀର ଅଭିରୁଚି ରଖୁଥିଲେ । ସେ ସ୍ୱୟଂ ମଧ୍ୟ ପୁସ୍ତକ ଅଧ୍ୟୟନ କରୁଥିଲେ ଏବଂ ପ୍ରତ୍ୟେକ ସମୟ ମୁଣ୍ଡ ପାଖରେ ପୁସ୍ତକ ପଡ଼ି ରହୁଥିଲା । ତହିଁରୁ ଏହା ପ୍ରତିତ ହୁଏ ଯେ, ମାତାଶ୍ରୀ ପୁସ୍ତକ ପାଠ ପ୍ରତି କେତେ ଅଭିରୁଚି ରଖୁଥିଲେ । ମୁଣ୍ଡ ପାଖରେ ରଖା ହୋଇଥିବା ପୁସ୍ତକ ମାତାଶ୍ରୀ ଅଧ୍ୟୟନରତ ଥିଲା । ସେ ବହୁତ ମେଳାପୀ ସ୍ୱଭାବର ଏବଂ ସଂପର୍କ ରକ୍ଷାକାରୀ ମହିଳା ଥିଲେ । ତାଙ୍କର ନାତୁଣୀ କୁହନ୍ତି :ଆଈ ଯେତେବେଳେ ବି ଆମମାନଙ୍କୁ ପବିତ୍ର କୁରଆନ୍ କରୀମ୍‌ର କୌଣସି ନୂତନ ସୁରାଃ ସ୍ମରଣ କରାଉଥିଲେ ସେତେବେଳେ ସେ ଆମମାନଙ୍କୁ ପୁରସ୍କାର ପ୍ରଦାନ କରୁଥିଲେ ଏବଂ ଆମମାନଙ୍କୁ ଉତ୍ସାହିତ ମଧ୍ୟ କରୁଥିଲେ । ସ୍ୱର୍ଗତାଙ୍କ ନାତୁଣୀ କୁହନ୍ତି ମୋର ମନେ ରହିଛି ଯେ, ନିୟମିତ ଭାବରେ ଫଜର (ପ୍ରତ୍ୟୁଷ ନମାଜ) ନମାଜ ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ତସ୍‌ବିହ୍ (ଈଶ୍ୱରଙ୍କ ନାମ ଜପ ମାଳି) ଓ ଦୁଆ କରୁଥିଲେ । ସେ ମୋତେ ମଧ୍ୟ ଅନୁପ୍ରାଣିତ କରୁଥିଲେ । ଆଈ ସକାଳେ ନିତ୍ୟ କର୍ମ ସାରି ପ୍ରସ୍ତୁତ ହେବା ପରେ ପବିତ୍ର କୁରଆନ୍‌ର ତଫସିର୍ (ବ୍ୟାଖ୍ୟା) ପାଠ କରୁଥିଲେ । ହଦିକତୁସ୍ ସାଲିହିନ୍ ପାଠ କରୁଥିଲେ, ରୁହାନୀ ଖଜାଏନ୍ ପାଠ କରୁଥିଲେ । ଏତଦ୍‌ପରେ ସେ ପ୍ରାତଃ ଜଳଖିଆ କରୁଥିଲେ । ଅଲ୍ଲାଃତାଲା ବୈକୁଣ୍ଠରେ ସ୍ୱର୍ଗତାଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ପୁଣ୍ୟାବଳୀଗୁଡ଼ିକୁ ତାଙ୍କର ସନ୍ତାନ ସନ୍ତତିଙ୍କ ମଧ୍ୟରେ ଅବ୍ୟାହତ ରଖନ୍ତୁ ।

ପରବର୍ତ୍ତୀ ଯନାଜାଃ ସମ୍ମାନନୀୟ ସ୍ୱର୍ଗତ ସାକିବ୍ କାମ୍ରାନ୍ ସାହେବଙ୍କର । ସ୍ୱର୍ଗତ ସାକିବ୍ ସାହେବ ଜଣେ ଉତ୍ସର୍ଗୀକୃତ ଜୀବନ ଥିଲେ, ଆଜିକାଲି ସେ ନାଏବ୍ ୱକିଲ୍ ସମ୍‌ଇ ଓ ବସରି ଥିଲେ । ସ୍ୱର୍ଗତ ସାକିବ୍ ସାହେବ 42 ବର୍ଷ ବୟସରେ ଈଶ୍ୱରଙ୍କ ଦ୍ୱାରା ଲିଖିତ ବିଧାନ ଅନୁଯାୟୀ ମୃତ୍ୟୁ ବରଣ କରିଥିଲେ । ଡାକ୍ତରଙ୍କ କହିବା ମୁତାବକ ସ୍ୱର୍ଗତ ସାକିବ୍ ସାହେବଙ୍କୁ (Food Poisning) ହୋଇଥିଲା । କିନ୍ତୁ ଏକ ଟ୍ରାଜେଡ଼ି ଏହା ମଧ୍ୟ  ହେଲା ଯେ, ସାକିବ୍ ସାହେବ ମୃତ୍ୟୁର 45 ମିନିଟ୍ ପୂର୍ବରୁ ତାଙ୍କର ପୁତ୍ର ଆରବ୍ କାମ୍ରାନ୍ ସାହେବ ମଧ୍ୟ ସେହି ଖାଦ୍ୟ ଖାଇଥିଲା । ସେ ମଧ୍ୟ ମୃତ୍ୟୁବରଣ କରିଥିଲା। إِنَّا لِلّٰهِ وَإِنَّا إِلَيْهِ رَاجِعُونَ ।

ସାକିବ୍ କାମ୍ରାନ୍ ସାହେବଙ୍କ ଦଦାଙ୍କ ଦଦା ହ. ଚୋଧୁରୀ ମୌଲାନା ବଖ୍‌ଶ୍ ସାହେବ ତଲ୍‌ୱଣ୍ଡୀ ଝଙ୍ଗ୍‌ଲାଁ ଗୁରୁଦାସପୁର ଜିଲ୍ଲାରେ ହ. ମସିହ୍ ମଉଦ୍ ଅ.ସଙ୍କ ହସ୍ତରେ ବୈଅତ୍ କରିଥିଲେ । କାମ୍ରାନ୍ ସାହେବ ୱକ୍‌ଫ କଲେ, ଯାମିଆ ଅହେମଦିୟାରେ ପ୍ରବେଶ କରିବା ପରେ ସେଠାରୁ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ ସ୍ଥାନରେ ମୁତୟନ ହୋଇଥିଲେ । ଅଲ୍ଲାଃତାଲା ତାଙ୍କୁ ଏକ କନ୍ୟା ସନ୍ତାନ ଓ ଦୁଇଟି ପୁତ୍ର ସନ୍ତାନ ପ୍ରଦାନ କିରଥିଲେ। ରୁମିସା କାଶ୍‌ଫା 17 ବର୍ଷୀୟା କନ୍ୟା, ଗାଲିବ୍ କାମ୍ରାନ 13 ବର୍ଷ ଏବଂ ଅନ୍ୟ ଏକ ପୁତ୍ରର ସ୍ୱର୍ଗତ ସାକିବ୍ ସାହେବଙ୍କ ସହିତ ବିୟୋଗ ହୋଇଥିଲା । ସଂପୂର୍ଣ୍ଣ ପରିବାର ଅସୁସ୍ଥ ହୋଇଥିଲା । ଅନ୍ୟମାନଙ୍କୁ ଅଲ୍ଲାଃତାଲା ଆରୋଗ୍ୟ ଲାଭ ପ୍ରଦାନ କରିଥିଲେ । ଯାମିଆ ଅହେମଦିୟ ପାସ୍ କରିବା ପରେ ନଜାରତ୍ ଇସ୍‌ଲାହ୍ ଓ ଈର୍ଶାଦ୍ ମକାମି (ସ୍ଥାନୀୟ)ରେ ନିଯୁକ୍ତ ହୋଇଥିଲା । ପୁନଶ୍ଚ ହଦିସ୍ ବିଷୟରେ ତାଙ୍କୁ ସ୍ନାତକୋତ୍ତର ନିମନ୍ତେ ମନୋନୀତ କରାଗଲା । ପୁନଶ୍ଚ ଏତଦ୍‌ପରେ ୱକାଲତ୍ ତାଲିମ୍ ତେହ୍‌ରିକେ ଜଦିଦ୍ ଅନୁଯାୟୀ ସିରୀୟା କିମ୍ବା ଆରବୀ ଭାଷା ନିମନ୍ତେ ଉଚ୍ଚ ଶିକ୍ଷା ନିମନ୍ତେ ପ୍ରେରଣ କରାଗଲା । କିନ୍ତୁ ସେଠାକାର ପ୍ରତିକୁଳ ପରିସ୍ଥିତି ଯୋଗୁଁ କିମ୍ବା ଅନ୍ୟ କୌଣସି କାରଣରୁ ସେ ଫେରି ଆସିଲେ । ପୁନଶ୍ଚ ଏତଦ୍‌ପରେ 2018 ମସିହାରେ ତେହ୍‌ରିକେ ଜଦିଦ୍‌ର ଷ୍ଟୁଡ଼ିଓର ଅୟମାରମ୍ଭ ହେଲା। ଅତଃ ସ୍ୱର୍ଗତ ସାକିବ୍ ସାହେବଙ୍କୁ ତେହ୍‌ରିକେ ଜଦିଦ୍‌ର ନାଏବ୍ ୱକିଲ୍ ସମ୍‌ଇ ଓ ବସରି ନିଯୁକ୍ତ କରାଗଲା । ସ୍ୱର୍ଗତ ସାକିବ୍ ସାହେବ ଉକ୍ତ ପଦବୀରେ ମୃତ୍ୟୁ ପର୍ଯ୍ୟନ୍ତ କର୍ମ ସମ୍ପାଦନ କରିଥିଲେ । 18 ବର୍ଷ ପର୍ଯ୍ୟନ୍ତ ଅଲ୍ଲାଃତାଲା ତାଙ୍କୁ ସେବା କରିବାକୁ ସାମର୍ଥ୍ୟ ପ୍ରଦାନ କରିଥିଲେ।

ତାଙ୍କର ମାତାଶ୍ରୀ ସାଦିକା ବେଗମ୍ ସାହେବା କୁହନ୍ତି: କାମ୍ରାନ୍‌ର ଜନ୍ମ ୱକ୍‌ଫେ ନଅ ତେହ୍‌ରିକରୁ ଆରମ୍ଭ ହୋଇଥିଲା । ସେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କୁ ଅନୁରୋଧ କଲେ, ହୁଜୁର ! ମୋର ଦୁଇଟି ସାନ ପିଲାମାନଙ୍କୁ ୱକ୍‌ଫେ ନଅ ତେହ୍‌ରିକ୍‌ରେ ସାମିଲ୍ କରି ଦିଅନ୍ତୁ । ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ତାଙ୍କର ଆବେଦନକୁ ସ୍ୱୀକାର କରିନେଲେ ଏବଂ ସନ୍ତାନମାନଙ୍କୁ ୱକ୍‌ଫେ ନଅରେ ସାମିଲ୍ କରି ନେଇଥିଲେ । ସ୍ୱର୍ଗତଙ୍କର ପତ୍ନି କୁହନ୍ତି: ସ୍ୱାମୀ ଅତ୍ୟନ୍ତ ଉତ୍ତମ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଏହାକୁ ଶବ୍ଦ ମଧ୍ୟରେ ବର୍ଣ୍ଣନା କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ଅଟେ । ସେ ନମାଜକୁ ଅତ୍ୟନ୍ତ ଧ୍ୟାନ ତଥା ଚିନ୍ତନର ସହିତ ପାଠ କରୁଥିଲେ, ଖିଲଫତ ସହିତ ଗଭୀର ଆନ୍ତରୀକତା ଏବଂ ଭଲ ପାଇବା ଥିଲା, ଜମାଅତର ସନ୍ତକର ସୁରକ୍ଷା କରୁଥିଲେ, ପ୍ରତ୍ୟେକ ପରିସ୍ଥିତିରେ ପ୍ରତ୍ୟେକ ସଂପର୍କୀୟ ଏବଂ ଅତ୍ମୀୟ ସ୍ୱଜନମାନଙ୍କୁ ନୈଷ୍ଠିକ ରୂପେ ପ୍ରେମ କରୁଥିଲେ, ପ୍ରତ୍ୟେକ ବ୍ୟକ୍ତିର ଧ୍ୟାନ ରଖୁଥିଲେ, ଜମାଅତ୍‌ର ପ୍ରତ୍ୟେକ ବ୍ୟକ୍ତିର ଧ୍ୟାନ ରଖୁଥିଲେ ଓ ସେ ସର୍ବଦା ଏହି ପ୍ରୟାସ କରୁଥିଲେ ଯେ, ସନ୍ତାନମାନଙ୍କର ଉତ୍ତମ ଢଙ୍ଗରେ କିପରି ସଂସ୍କାର ହୋଇପାରିବ ସେ ଦିଗରେ ସେ ସର୍ବଦା ଚେଷ୍ଟିତ ରହୁଥିଲେ ।

ତାଙ୍କର ମାତାଶ୍ରୀ ମଧ୍ୟ ଉଲ୍ଲେଖ କଲେ ଯେ, ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ନିଜର ଅଭିଭାବକମାନଙ୍କ ସମ୍ମୁଖରେ ସେମାନଙ୍କ କୌଣସି କଥାରେ ଅସନ୍ତୋଷ ବ୍ୟକ୍ତ ନକରି କେବେ କଟୁ ଭାଷା ପ୍ରୟୋଗ କର ନାହିଁ, କେବେ ଉଚ୍ଚ ସ୍ୱରରେ ସେ କଥେ କହି ନଥିଲେ । ଅନ୍ୟମାନଙ୍କର ରହସ୍ୟକୁ ସେ ଗୋପନ ରଖୁଥିଲେ, କାର୍ଯ୍ୟାଳୟ ରହସ୍ୟକୁ ସେ ଗୋପନ ରଖୁଥିଲେ, ତାଙ୍କର ପତ୍ନି କୁହନ୍ତି: ଆମେମାନେ ବେଳେବେଳେ ବାହାରୁ ଏହା ଶୁଣିବାକୁ ପାଉଥିଲୁ ଯେ, ଏପରି କଥା ହୋଇଉଛି ବା ଘଟିଛି କି ? ପ୍ରତ୍ୟୁତ୍ତରରେ ସେ କହୁଥିଲେ, ଏହା ସନ୍ତକ ଏବଂ ଗୋପନୀୟତା ପ୍ରସଙ୍ଗ ଅଟେ । ତେଣୁ ତତ୍‌ସଂକ୍ରାନ୍ତରେ ମୁଁ କିଛି କହିପାରିବି ନାହିଁ। ନମାଜ ବାଜମାଅତ୍ ପାଠ କରିବା ପ୍ରତି ଧ୍ୟାନ ଦେଉଥିଲେ । ପିଲାମାନଙ୍କୁ ମଧ୍ୟ ଉତ୍ସାହିତ କରୁଥିଲେ ଏବଂ ସର୍ବଦା ଏହି ପ୍ରୟାସ ରହୁଥିଲା ଯେ, ପ୍ରତ୍ୟେକ ଘରେ ପିଲାମାନଙ୍କର ଏବଂ ସ୍ତ୍ରୀମାନଙ୍କର ଯତ୍ନ ନିଆଯାଉ । ସେମାନଙ୍କର ଆବଶ୍ୟକତାକୁ ପୂରଣ କରାଯାଉ । ପ୍ରତ୍ୟେକ ସଂପର୍କୀୟଙ୍କ ସହିତ ବିଶ୍ୱସ୍ତତାର ସଂପର୍କ ଥିଲା ।

ତାଙ୍କର ସୁପୁତ୍ରୀ ରୁମିସା ସାହେବା କୁହନ୍ତି: ପିତାଶ୍ରୀ ଅତ୍ୟନ୍ତ ବିନୀତ, ପୁଣ୍ୟବାନ୍, ସଦାଚାରୀ, ଅଭାବି ତଥା ଦରିଦ୍ରମାନଙ୍କର ଯତ୍ନ ନେଉଥିଲେ, ବୁଦ୍ଧିମାନ, ଦୂରଦ୍ରଷ୍ଟା, ଆଜ୍ଞାନୁବର୍ତ୍ତୀ, ତେହଜ୍ଜୁଦ ପାଠକାରୀ ବ୍ୟକ୍ତି ଥିଲେ । ସଂସ୍କାର ଏବଂ ସଂଶୋଧନ କରିବାର ଅନ୍ଦାଜ୍ ତାଙ୍କର ସଂପୂର୍ଣ୍ଣ ନିଆରା ଥିଲା । ନିଜ ଚକ୍ଷୁର ଇଶାରା ଦ୍ୱାରା ହିଁ କଥା ବୁଝାଇ ଦେଉଥିଲେ । ପ୍ରତ୍ୟେକ ସମୟ ଉତ୍ତମ ସଂସ୍କାର କରିବା ପ୍ରତି ଚିନ୍ତିତ ରହୁଥିଲେ ଏବଂ ସର୍ବଦା ଏହା କହୁଥିଲେ ଯେ, ତୁମେମାନେ ୱକ୍‌ଫେ ନଅ ଅଟ । ତେଣୁ ଏକଥା ପ୍ରତି ଯତ୍ନାବାନ ରୁହ । ମୁଁ ପିତାଶ୍ରୀଙ୍କୁ ଅନେକ କଥା ପଚାରି ନେଉଥିଲି। ସେ ପଛେ ଯେକୌଣସି ପରିସ୍ଥିତି ହେଉ ନା କାହିଁକି ପିତାଶ୍ରୀ ସେହି ପ୍ରଶ୍ନର ଉତ୍ତର ଦେବାକୁ କେବେ ବି ସଂକୋଚବୋଧ କରୁ ନଥିଲେ । ରୁମାନ ଅହେମଦ ସାହେବ ନାମକ ଜଣେ ବ୍ୟକ୍ତି ଅଟନ୍ତି । ଆଜିକାଲି ସେ ଅସୀରେ ରାହେ ମୌଲା ଅଟନ୍ତି ସେ କୁହନ୍ତି ଯେ, ମୋତେ ସାକିବ୍ ସାହେବଙ୍କ ସଂସ୍କାର ଅଧୀନ ଏବଂ ତତ୍ତ୍ୱାବଧାରକ ଅଧୀନ ରହିବାର ଦୀର୍ଘ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିବାର ସୁଯୋଗ ପ୍ରାପ୍ତ ହୋଇଥିଲା। ସର୍ବଦା ଜଣେ ଦୟାବାନ୍ ବନ୍ଧୁ ପରି ମୋର ମାର୍ଗଦର୍ଶନ କରୁଥିଲେ। ଆପଣ କୋମଳ ସ୍ୱଭାବ, ଉତ୍ତମ ବ୍ୟକ୍ତିତ୍ୱର ଅଧିକାରୀ ଓ ଉତ୍କୃଷ୍ଟ ନେତୃତ୍ୱର ତଥା ସମାର୍ଥ୍ୟର ଅଧିକାରୀ ଥିଲେ । ଜଣେ ନୈଷ୍ଠିକ ସେବକ ଥିଲେ। ତାଙ୍କର ବଦାନ୍ୟତା ଏବଂ ସହାନୁଭୂତି ଅନନ୍ୟ ଥିଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହି ଅସୀରାନ୍‌ଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ! ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ଯଥାଶୀଘ୍ର ମୁକ୍ତି ପ୍ରଦାନ କରିବା ନିମନ୍ତେ ସାଧନ ସୃଷ୍ଟି କରନ୍ତୁ ଏବଂ ସ୍ୱର୍ଗତଙ୍କ ପ୍ରତି ଅଲ୍ଲାଃତାଲା ସଦୟ ହୁଅନ୍ତୁ । ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନିତ କରନ୍ତୁ । ଶୋକ ସନ୍ତପ୍ତ ପରିବାର

ବର୍ଗଙ୍କ ମଧ୍ୟରେ ସନ୍ତାନମାନଙ୍କୁ, ପତ୍ନିଙ୍କୁ ଓ ମାତାଶ୍ରୀଙ୍କୁ ଧୈର୍ଯ୍ୟ ଏବଂ ସାହାସ ପ୍ରଦାନ କରନ୍ତୁ । ସ୍ୱର୍ଗତଙ୍କର ପୁଣ୍ୟାବଳୀକୁ ସ୍ୱର୍ଗତଙ୍କର ସନ୍ତାନମାନଙ୍କ ମଧ୍ୟରେ ଜାରି ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ତୃତୀୟ ଚର୍ଚ୍ଚା ହେଉଛି କୋତୋନୋ ବେନିନନ୍‌ର ପ୍ରଫେସର ଡାକ୍ତର ମୁହମ୍ମଦ୍ ଇସ୍‌ହାକ୍ ଦାଉଦ୍ ସାହେବଙ୍କର । ସ୍ୱର୍ଗତ ଦାଉଦ୍ ସାହେବଙ୍କର ମଧ୍ୟ ବିଗତ ଦିନ ବିୟୋଗ ହୋଇଥିଲା । اِنَّا لِلّٰهِ وَاِنَّا اِلَيْهِ رَاجِعُوْنَ । ସ୍ୱର୍ଗତଙ୍କର ସଂପର୍କ ବେନିନ୍‌ର ଦାଉଦ୍ ଖାନ ସାହବେଙ୍କ ସହିତ ଥିଲା । ଉକ୍ତ ବଂଶର ଲୋକମାନେ ସର୍ବପ୍ରଥମେ ଅହେମଦିୟତ୍ ସ୍ୱୀକାର କରିଥିଲେ । ବେନିନ୍‌ର ସର୍ବପ୍ରଥମ ଅହେମଦି ସମ୍ମାନନୀୟ ସ୍ୱର୍ଗତ ଜିକ୍ରୁଲ୍ଲାଃ ଦାଉଦ୍ ସାହେବ ଥିଲେ । ତାଙ୍କର ପିତାଶ୍ରୀ ସମ୍ମାନନୀୟ ସ୍ୱର୍ଗତ ଇସା ଦାଉଦ୍ ସାହେବ ଜୀବନ ଥିବା ଯାଏ ନାଏବ୍ ଅମୀର୍ ରହିଥିଲେ । 1980 ମସିହାରେ ଯେତେବେଳେ ଆପଣ ଛାତ୍ର ଥିଲେ ସେତେବେଳେ ଆପଣ ସ୍ୱର୍ଗତ ଜିକ୍ରୁଲ୍ଲାଃ ଦାଉଦ୍ ସାହେବଙ୍କର ତବ୍‌ଲିଗ୍ ଦ୍ୱାରା ଅହେମଦିୟତ୍ ସ୍ୱୀକାର କରି ନେଇଥିଲେ । ଅହେମଦିୟତ୍ ସ୍ୱୀକାର କରିବା ପରେ ନିଜର ବଡ଼ ବାପାଙ୍କ ସହିତ ନିଜ ଅଭିଭାବକମାନଙ୍କୁ ତବ୍‌ଲିଗ୍ (ପ୍ରଚାର) କରିଥିଲେ ଏବଂ କିଛି କାଳ ପର୍ଯ୍ୟନ୍ତ ତାଙ୍କ ତବଲିଗ୍ ଦ୍ୱାରା ମାତାଶ୍ରୀ ଓ ପିତାଶ୍ରୀ ମଧ୍ୟ ଅହେମଦି ହୋଇଯାଇଥିଲେ । 2022 ମସିହାରେ ସେନିଗାଲ ବିଶ୍ୱବିଦ୍ୟାଳୟରୁ Zoology (ଜୀବ ବିଜ୍ଞାନ) ରେ ପି.ଏଚ୍.ଡ଼ି ଡିଗ୍ରୀ ପ୍ରାପ୍ତ କରିଥିଲେ । ଏତଦ୍‌ପରେ ଫେରି ଆସି ବେନିନ୍‌ରେ ପାରାକୁ ବିଶ୍ୱବିଦ୍ୟାଳୟରେ ଜଣେ ଅଧ୍ୟାପକ ରୂପେ ନିଯୁକ୍ତ ହୋଇଥିଲେ । ନିଜର ସାମର୍ଥ୍ୟତା ହେତୁ ଅନେକ ରାଷ୍ଟ୍ରୀୟ ଏବଂ ଅଣରାଷ୍ଟ୍ରୀୟ କନ୍‌ଫ୍ରେନ୍‌ସ (ସମ୍ମିଳନୀ) ରେ ଯୋଗଦାନ କରୁଥିଲେ । ଦୀର୍ଘ କାଳ ଧରି ସଦର୍ ଖୁଦ୍ଦାମୁଲ୍ ଅହେମଦିୟ ବିନିନ୍‌ରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ବିଦ୍ୟାର୍ଥୀ କାଳରେ ହିଁ ସେ ଓସିୟତ୍ କରି ନେଇଥିଲେ ଏବଂ ବେନିନ୍‌ର ସର୍ବ ପ୍ରଥମ ଓସିୟତ୍‌କାରୀର ଖ୍ୟାତି ଅର୍ଜନ କରିଥିଲେ ।

ସ୍ୱର୍ଗତ ଇସ୍‌ହାକ୍ ଦାଉଦ୍ ସାହେବଙ୍କର ପତ୍ନି ରିହାନା ଦାଉଦ୍ ସାହେବା ଯେକି ବର୍ତ୍ତମାନିକ ଲଜ୍‌ନାର ସେକ୍ରେଟାରୀ ତର୍ବିୟତ୍ ଅଟନ୍ତି, ସେ କୁହନ୍ତି: ମୁଁ ବିବାହ ପରେ ନିଜର ପତ୍ନିଙ୍କ ତବ୍‌ଲିଗ୍ ଦ୍ୱାରା ଅହେମଦିୟତ୍ ସ୍ୱୀକାର କରିଥିଲେ । ସେ ମୋତେ ୟସ୍‌ସରନଲ୍ କୁରଆନ୍ ଏବଂ ପୁନଶ୍ଚ ପବିତ୍ର କୁରଆନ୍ ପାଠ ପଡାଇଥିଲେ। ଅତ୍ୟନ୍ତ ଶିଷ୍ଟ, ବିଶ୍ୱସ୍ତ, ମାନବତା ପ୍ରତି ସମବେଦନା ମନ ଭିତରେ ରଖୁଥିଲେ ଓ ଅଭାବି ବ୍ୟକ୍ତିମାନଙ୍କୁ ସାହାଯ୍ୟ କରୁଥିଲେ । ଜମାଅତୀୟ କାର୍ଯ୍ୟ ସକାଶେ ସର୍ବଦା ତତ୍ପର ରହୁଥିଲେ । ନିୟମିତ୍ ନମାଜ ତେହଜ୍ଜୁଦ୍ ପାଠ କରୁଥିଲେ । ମୋତେ ମଧ୍ୟ ନମାଜ ତେହଜ୍ଜୁଦ୍ ପାଠ କରିବା ପାଇଁ ଅନୁପ୍ରାଣିତ କରୁଥିଲେ ଏବଂ କହୁଥିଲେ, ଘରେ ପବିତ୍ର କୁରଆନ୍ କରୀମ୍ ପାଠ କର । କାରଣ ଆମ ଘରେ ଅଲ୍ଲାଃତାଲାଙ୍କର କୃପାବତୀର୍ଣ୍ଣ ହେବ । ମହୋଦୟା କୁହନ୍ତି ଯେ, ଆପଣ ଯେତେବେଳେ ବିଶ୍ୱବିଦ୍ୟାଳୟରେ ନାଏବ୍ ଡ଼ିନର ପଦରେ ଅଧିଷ୍ଠିତ ହେଲେ ସେତେବେଳେ ଦିନେ ଜଣେ ମହିଳା କାନ୍ଦି କାନ୍ଦି ଆସିଲା । ସେ କହିଲା, ମୋ ଝିଅ ବାରମ୍ବାର ଫେଲ୍ (ଅକୃତକାର୍ଯ୍ୟ) ହୋଇଯାଉଛି ଆପଣ ତା'କୁ ଟିକେ ପାସ୍ (କୃତକାର୍ଯ୍ୟ/ଉତ୍ତୀର୍ଣ୍ଣ) କରିଦିଅନ୍ତୁ । ମୋ ଝିଏ ଯଦି ପାସ୍ ନକରେ ତେବେ ମୋ ସ୍ୱାମୀ ଆଉ ତା'ର ଫିସ୍ (ଦେୟ) ମଧ୍ୟ ଦେବେ ନାହିଁ ଏବଂ ମାରିବେ । ସଂପୃକ୍ତ ମହିଳା ଜଣକ ବିପୁଳ ଅର୍ଥରାଶି ନେଇ ଆସିଲେ ଏବଂ କହିଲେ, ହେଇ ନିଅନ୍ତୁ ଏଇ ଟଙ୍କା ତକ ରଖନ୍ତୁ । ତେବେ ସେ କହିଲେ, ଯଦି ଟଙ୍କା ରଖି ପାସ୍ କରିବା ସମ୍ଭବପର ହୁଅନ୍ତା ତାହାହେଲେ ଦରିଦ୍ର ଏବଂ ଗରିବ ମାନେ କେବେ ବି ପାସ୍ ହେବେ ନାହିଁ । ତୁମେ ଏପରି କର ଯେ, ତୁମେ ମୋତେ ଲାଞ୍ଚ ଦେବା ନିମନ୍ତେ ଯେଉଁ ଟଙ୍କା ଆଣିଛି ତୁମେ ଏହି ଟଙ୍କା ନିଜ ପାଖରେ ରଖିଦିଅ ଓ ଏହି ଟଙ୍କାକୁ ତୁମେ ଫିସ୍‌ରେ ଦେଇ ଦେବ । ଯଦି କୌଣସି ନଘଟ ବା ନିଅଣ୍ଟ ହେଲା ତେବେ ମୁଁ ତୁମକୁ ଅତିରିକ୍ତ ଫିସ୍ ଦେଇ ଦେବି । ମୁଁ ଜଣେ ସଚ୍ଚୋଟ ଅହେମଦି ଅଟେ । ତେଣୁ ମୁଁ ଏମିତି କାର୍ଯ୍ୟ କରିପାରିବି ନାହିଁ । କିନ୍ତୁ ତୁମେ ଯେଉଁ କଥା କହୁଛ କି ମୁଁ ଲାଞ୍ଚ ନେଇ ତୁମ ଝିଅକୁ ପାସ୍ କିରିଦେବି ମୁଁ ଏପରି କାର୍ଯ୍ୟ କରିପାରିବି ନାହିଁ । ସେ ଯାହା ହେଉ ଉକ୍ତ ମହିଳା ଜଣକ ସେଠାରେ ଟଙ୍କା ଭର୍ତ୍ତି ଥଳୀଟି ସେଠାରେ ଛାଡ଼ି ଚାଲିଗଲେ। ତାଙ୍କର ପତ୍ନି ଦେଖାଇଲେ ଯେ, ହେଇଟି ଦେଖନ୍ତୁ ଏଠାରେ ଏକ ପଇସା ଭର୍ତ୍ତି ବ୍ୟାଗ୍‌ଟି ପଡ଼ିଛି । ସୁତରାଂ ତାଙ୍କର ପତ୍ନୀ ସେହି ବ୍ୟାଗ୍‌ଟିକୁ ଉଠାଇ ଆକାଉଣ୍ଟାଣ୍ଟ ପାଖକୁ ନେଇଗଲେ । ଉକ୍ତ ମହିଳାକୁ ସେ ପଚାରିଲେ ଯେ, ତୁମକୁ ମୋ ଘରର ଠିକଣା କିଏ କହିଲା ? ତୁମେ ତ' ଠିକଣା ଜାଣି ନଥିଲ ! ସେ କହିଲା,ସେହି ଟଙ୍କାକୁ ଫେରସ୍ତ କରିଦିଅ । ବିଶ୍ୱବିଦ୍ୟାଳୟ ଏକ ମିଟିଂ ଡକାଇଲା ଏବଂ ସେଠାରେ ଏହି ସମସ୍ତ ପ୍ରସଙ୍ଗ ଉପସ୍ଥାପିତ କରାଗଲା ଏବଂ କୁହାଗଲା । ଯେଉଁ ଏକଜ୍ୟୁକ୍ୟୁଟିଭ୍ ଅଧ୍ୟାପକମାନେ ରହିଥିଲେ ସେମାନେ କହିଲେ, ଉକ୍ତ ମହିଳା ଜଣକ ତ' ତିନି ଲକ୍ଷ ଫ୍ରାଙ୍କ୍ ଆଣିଥିଲେ ଏବଂ ବ୍ୟାଗ୍‌ରେ ତ' ଦେଢ ଲକ୍ଷ ଫ୍ରାଙ୍କ୍ ଟଙ୍କା ରହିଛି । ସେହି ବ୍ୟାଗ୍ ଭିତରୁ କୌଣସି ଆକାଉଣ୍ଟାଣ୍ଟ ହିଁ ଏପଟ ସେପଟ ଟଙ୍କା କରିଥିବ । ସେ ଯାହା ହେଉ ଅଧ୍ୟାପକଙ୍କ ବିରୋଧୀମାନେ ଏହା ଚାହୁଁଥିଲେ ଯେ, ଲାଞ୍ଚର ମିଛ ଦୋଷ ସେହି ଅହେମଦି ଅଧ୍ୟାପକଙ୍କ ଉପରେ ଲଗାଇ ଦିଆଯାଉ ଏବଂ ତାଙ୍କୁ ନାଏବ୍ ଡିନ୍ ପଦରୁ ପଦଚ୍ୟୁତ କରିଦିଆଯାଉ । କିନ୍ତୁ ସହି ବିରୋଧୀମାନେ ଉକ୍ତ କାର୍ଯ୍ୟରେ ସାଫଲ୍ୟମଣ୍ଡିତ ହେଲେ ନାହିଁ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ମହୋଦୟଙ୍କର ଅନ୍ୟ ସାଥିମାନେ ମଧ୍ୟ ପରବର୍ତ୍ତୀ ସମୟରେ ଖୋଲମଖୋଲା ଏହା କହିଲେ ଯେ, ଏହି ବ୍ୟକ୍ତି ଜଣକ ଅତ୍ୟନ୍ତ ବିଶ୍ୱସ୍ତ ବ୍ୟକ୍ତି ଅଟନ୍ତି ।

ସ୍ୱର୍ଗତ ଇସ୍‌ହାକ୍ ସାହେବ ସର୍ବଦା ନିଜ ଗ୍ରାମର ଗରିବ, ଅଭାବି ବ୍ୟକ୍ତିମାନଙ୍କର ଯତ୍ନ ନେଉଥିଲେ । କେତେବେଳେ କାହା ଘରର ମରାମତି କାର୍ଯ୍ୟ କରାଇ ଦେଉଥିଲେ ତ' ଆଉ କେତେବେଳେ ପିଲାମାନଙ୍କର ମନ ରଖି ନେଉଥିଲେ । ପ୍ରତ୍ୟେକ ସଦସ୍ୟଙ୍କୁ ଭଲ ପାଉଥିଲେ । ସ୍ୱର୍ଗତଙ୍କ ବିୟୋଗ ଖବର ଶୁଣି ତାଙ୍କ ପ୍ରତି ଶୋକ ବ୍ୟକ୍ତି କରିବା ନିମନ୍ତେ ପାରାକୋ ବିଶ୍ୱବିଦ୍ୟାଳୟ ବିଭାଗ ପକ୍ଷର ଏଗ୍ରି କଲଚର୍‌ର ଅନେକ ଅଧ୍ୟାପକ କୋତୋନୋ ଆସିଲେ । ବିଭାଗୀୟ ଇନ୍‌ଚାର୍ଜ ପ୍ରଫେସର ଡାକ୍ତର ଇବ୍ରାହିମ୍ ସାହେବ କହିଲେ, ସ୍ୱର୍ଗତ ଇସ୍‌ହାକ୍ ସାହେବ ଅତ୍ୟନ୍ତ ବିନୀତ ଓ ବିଶ୍ୱସ୍ତ ବ୍ୟକ୍ତି ଥିଲେ । ବିଶ୍ୱବିଦ୍ୟାଳୟରେ ପାପା ବୋନୋ (Papa Bonheur) ନାମରୁ ଖ୍ୟାତ ଥିଲେ । ଉକ୍ତ ଶବ୍ଦଟି ଫ୍ରେଞ୍ଚ (ଫ୍ରାନ୍‌ସୀସୀ) ଶବ୍ଦ ଅଟେ । ଏହାର ଅର୍ଥ ପ୍ରତ୍ୟେକ ବ୍ୟକ୍ତିକୁ କଲ୍ୟାଣ ପ୍ରଦାନ କରିବା । ଇସ୍‌ହାକ୍ ସାହେବ ପ୍ରତ୍ୟେକ ଅଭାବି ବ୍ୟକ୍ତିକୁ ସାହାଯ୍ୟ କରୁଥିଲେ । ପକେଟରେ ଯାହା କିଛି ହେଉଥିଲା ତାହାକୁ ଦେଇ ଦେଉଥିଲେ । କେବେ ବି କୌଣସି ବ୍ୟକ୍ତି ଏବଂ ଭିକ୍ଷୁକକୁ ଖାଲି ହାତରେ ଫେରିବାକୁ ଦେଉ ନଥିଲେ । ଅଲ୍ଲାଃତାଲାଙ୍କ ଉପରେ ତାଙ୍କର ଅଗାଧ ବିଶ୍ୱାସ ଥିଲା। ଇସ୍‌ହାକ୍ ଦାଉଦ୍ ସାହେବ ହୁଜୁର ସ.ଅ, ହ. ମସିହ୍ ମଉଦ୍ ଅ.ସ ଓ ଖିଲାଫତ୍‌କୁ ଆନ୍ତରୀକତାର ସହିତ ଭଲ ପାଉଥିଲେ । ଆଁହଜରତ ସ.ଅଙ୍କ ପ୍ରତି ଥିବା ପ୍ରେମର ଏହି ଅବସ୍ଥା ଥିଲା ଯେ, ସେ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରୁଥିଲେ ଯେ, ହେ ଅଲ୍ଲାଃ ! ଆଁହଜରତ ସ.ଅଙ୍କ ବୟସ 63 ବର୍ଷ ଅଟେ । ତେଣୁ ହେ ଅଲ୍ଲାଃ ! ମୋତେ ଆଁହଜରତ ସ.ଅଙ୍କ ବୟସ ଠାରୁ ଅଧିକ ବୟସ ପର୍ଯ୍ୟନ୍ତ ଆୟୁଷ ପ୍ରଦାନ କରିବ ନାହିଁ । ସ୍ୱର୍ଗତ ଇସ୍‌ହାକ୍ ସାହେବ ହୃଦରୋଗୀ ହୋଇଯାଇଥିଲେ । ଜଣେ ମୁବଲ୍ଲିଗ୍ ସାହେବ କହିଲେ, ସ୍ୱର୍ଗତ ଇସ୍‌ହାକ୍ ସାହେବ ହାର୍ଟ ସର୍ଜରୀ ପାଇଁ ଯେତେବେଳେ ଫ୍ରାନ୍ସ ଗଲେ ସେତେବେଳେ ସେ ଅଲୈସଲ୍ଲାଃହୁର ମୁଦି ପିନ୍ଧି ଥିଲେ । ସେହି ମୁଦିକୁ ଯେତେବେଳେ ଡାକ୍ତରମାନେ ଓହ୍ଲାଇବାକୁ ଲାଗିଲେ ସେତେବେଳେ ଇସ୍‌ହାକ୍ ସାହେବ କହିଲେ, ଏହି ମୁଦିକୁ ଦୟାକରି ଓହ୍ଲାଇବେ ନାହିଁ । ଉକ୍ତ ମୁଦି ମୃତ୍ୟୁ ପର୍ଯ୍ୟନ୍ତ ମୋ ସଥିରେ ରହୁ । କାରଣ ଏହା ଅଲ୍ଲାଃତାଲାଙ୍କ କୃପା ଅଟେ ଯାହାକୁ ମୁଁ ସର୍ବଦୈବ ସ୍ମରଣ ରଖୁଛି ।

ଏଠାରେ ଆଜିକାଲି ମିଆଁ କମର ସାହେବ କାଏମ୍ ମକାମ୍ (ସ୍ଥାନାପନ୍ନ) ଅମୀର୍ ସାହେବ ଅଟନ୍ତି । ସେ କହନ୍ତି: ମୁଁ ଯେତେବେଳେ ପାରାକୁର ଆଞ୍ଚଳିକ ମୁବଲ୍ଲିଗ୍ ଥିଲି ସେତେବେଳେ ସ୍ୱର୍ଗତ ଇସ୍‌ହାକ୍ ସାହେବଙ୍କୁ ଯେଉଁ ବେତନ ମିଳୁଥିଲା ସେହି ବେତନରୁ ସର୍ବପ୍ରଥମେ ସେ ନିଜର ଓସିୟତ୍ ଚାନ୍ଦା ଏବଂ ଅନ୍ୟାନ୍ୟ ଚାନ୍ଦା ଏକ ଲଫାଫାରେ ପୂରାଇ ମସ୍‌ଜିଦକୁ ନେଇ ଆସୁଥିଲେ ଏବଂ ଅସୁଲକାରୀଙ୍କୁ କହୁଥିଲେ ମୋର ରସିଦ୍ କାଟି ଦିଅନ୍ତୁ । ସ୍ୱର୍ଗତ ଇସ୍‌ହାକ୍ ସାହେବ ସର୍ବଦା ସ୍ମିତହାସ୍ୟ ପ୍ରକାଶ କରୁଥିଲେ ଏବଂ ପ୍ରତ୍ୟେକ ବିପତ୍ତି ସମୟରେ ଏବଂ ଅସୁବିଧା ବେଳେ ଏହା ହିଁ କହୁଥିଲେ ଯେ, ମୁଁ ଦୁଆ କରୁଛି ଏବଂ ଖଲିଫାଙ୍କୁ ମଧ୍ୟ ଦୁଆ ନିମନ୍ତେ ପତ୍ର ଲେଖି ଦେଇଛି । ଅଲ୍ଲାଃତାଲା ସହଜତା ସୃଷ୍ଟି କରିବେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ପତ୍ନିଙ୍କ ବ୍ୟତୀତ ଦୁଇ ଜଣ ସନ୍ତାନ ଅଛନ୍ତି । ବଡ଼ ସୁପୁତ୍ରୀ ଆୟୁଷ୍ମତୀ ମୁକସ୍ୱିତା ଦାଉଦ୍ ଏଗ୍ରି କଲଚର୍‌ରେ ପି.ଏଚ୍.ଡ଼ି କରୁଛନ୍ତି । ଦୁଇ ପୁତ୍ର ରକିବ୍ ଦାଉଦ୍ ଓ ମସୁର୍ ଦାଉଦ୍ କମ୍ପ୍ୟୁଟର ଶିକ୍ଷା ପ୍ରାପ୍ତ କରୁଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତ ଇସ୍‌ହାକ୍ ସାହେବଙ୍କ ସନ୍ତାନସନ୍ତତିଙ୍କୁ ମଧ୍ୟ ପିତାଶ୍ରୀଙ୍କ ପଦାଙ୍କ ଅନୁସରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନିତ କରନ୍ତୁ । **ଆମିନ୍ ।**

☆--☆--☆


### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)



### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

# ଖିଲାଫତ୍‌ର ବ୍ୟବସ୍ଥା ଅନ୍ୟ ଧର୍ମାବଲମ୍ବୀମାନଙ୍କର ଅବ୍ୟବସ୍ଥାର ଏକ ସାର୍ବକାଳୀନ ବ୍ୟବସ୍ଥାଜନିତ ଅଭିନ୍ନ ଅଙ୍ଗ ଅଟେ ଏବଂ ଅଲ୍ଲାଃତାଲାଙ୍କର ଅନାଦି କାଳ ନିୟତିର ଏକ ବଳିଷ୍ଠ ଚମତ୍କାର ଓ ପ୍ରମାଣ ଅଟେ ।

(ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ଏମ୍.ଏ ର.ଅ)

ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା ନିୟମ ସ୍ୱରୂପ କୁହନ୍ତି, ସଂସାରରେ ଦୁଇ ପ୍ରକାରର ବସ୍ତୁ ଦେଖିବାକୁ ମିଳିଥାଏ । 1- ଯେଉଁମାନଙ୍କର ଅସ୍ତିତ୍ୱ ସାମୟିକ ଏବଂ କ୍ଷଣସ୍ଥାୟୀ ପରିସ୍ଥିତିର ଫଳାଫଳ ଅଟେ । ତନ୍ମଧ୍ୟରେ ମାନବ ଜାତିର କୌଣସି ଅଂଶ ନିମନ୍ତେ କୌଣସି ପ୍ରକୃତ ଲାଭ ନିହିତ ହୋଇ ନଥାଏ । 2- ଉକ୍ତ ଜଗତର ବ୍ୟବସ୍ଥା ।

ପ୍ରଥମ ନିୟମ ସଂପର୍କିତ ବସ୍ତୁ ଫେଣ ପରି ଉଠନ୍ତି ଏବଂ ଫେଣ ପରି ବସି ଯାଆନ୍ତି। କିନ୍ତୁ ଶେଷ ନିୟମ ସଂପର୍କିତ ବସ୍ତୁଗୁଡ଼ିକ ସ୍ଥୂଳତଃ ସ୍ଥାୟୀ ରୂପେ ଜୀବନ ଅତିବାହିତ କରିଥାଆନ୍ତି ଏବଂ ସଂସାରରେ ସେମାନେଙ୍କୁ ସ୍ଥାୟୀତ୍ୱତା ପ୍ରାପ୍ତ ହୋଇଥାଏ । ସୁତରାଂ ଅଲ୍ଲାଃତାଲା କୁହନ୍ତି: وَاَمَّا الزَّبَدُ فَيَذْهَبُ جُفَآءً وَاَمَّا مَا يَنْفَعُ النَّاسَ فَيَمْكُثُ فِى الْاَرْضِ **(ଅର୍ ରାଆଦ୍: 18)** ଅର୍ଥାତ୍ ତା'ପରେ ଫେଣସବୁ ଫିକା ହୋଇ ନଷ୍ଟ ହୋଇଯାଏ ଏବଂ ଯାହା ମାନବ ସମାଜ ନିମନ୍ତେ ଲାଭ ଦାୟକ ତାହା ଭୂପୃଷ୍ଠରେ ରହିଯାଏ ଅଲ୍ଲାଃତାଲା ସକଳ ବିଷୟକୁ ଏହି ରୂପେ ସ୍ପଷ୍ଟ ଭାବରେ ବର୍ଣ୍ଣନା କରନ୍ତି । ଉକ୍ତ ନିୟମାନୁଯାୟୀ ଆମେମାନେ ଈଶ୍ୱରଙ୍କ ଗ୍ରନ୍ଥ ଉପରେ ଯେତେବେଳେ ଦୃଷ୍ଟିପାତ କରୁ ସେତେବେଳେ ଆମେମାନେ ସୂକ୍ଷ୍ମ  ଦୃଶ୍ୟ ଅବଲୋକନ କରିଥାଉ । ଯେଉଁ ବସ୍ତୁ ସଂସାର ପାଇଁ କୌଣସି ନା କୌଣସି ଦୃଷ୍ଟିରୁ ଲାଭଦାୟକ ଅଲ୍ଲାଃତାଲା ତାହାକୁ ଅବ୍ୟାହତ ରଖିବା ନିମନ୍ତେ କୌଣସି ନା କୌଣସି ବ୍ୟବସ୍ଥା ଅବଶ୍ୟ କରି ରଖିଛନ୍ତି । ଏପର୍ଯ୍ୟନ୍ତକି ତୁଚ୍ଛ ଜୀବଜନ୍ତୁ ଏବଂ ତୁଚ୍ଛ ଜଡ଼ି ବୁଟି ଇତ୍ୟାଦିର ସମ୍ମିଶ୍ରଣରୁ ନୂତନ ପିଢ଼ୀର ବ୍ୟବସ୍ଥା ମଧ୍ୟ ବିଦ୍ୟମାନ ରହିଛି । ପ୍ରକୃତିର ଲୁକ୍କାୟିତ କିନ୍ତୁ  ବଳିଷ୍ଠ ହସ୍ତ ସେମାନଙ୍କୁ ନିଶ୍ଚିହ୍ନ ହେବାରୁ, ଦୁର୍ଲଭ୍ୟ ତଥା ଅପ୍ରାପ୍ୟ ହୋଇଯିବାରୁ ରକ୍ଷା କରିଛନ୍ତି ଏବଂ ସମଗ୍ର ବିଶ୍ୱ ନିମନ୍ତେ ନିୟତିକୃତ ଧର୍ମଗ୍ରନ୍ଥ (ପବିତ୍ର କୁରଆନ୍ କରୀମ) ର ଅଧିକ ଅଧ୍ୟୟନ କରିବା ଦ୍ୱାରା ଉକ୍ତ କଥା ଗୁପ୍ତ ହୋଇ ରହିପାରିବ ନାହିଁ । କାରଣ କୌଣସି ବସ୍ତୁ ମନୁଷ୍ୟ ପାଇଁ ଯେତେ ଉପକାରୀ ହୋଇଥାଏ ସେତିକି ଅଲ୍ଲାଃତାଲାଙ୍କ ପକ୍ଷରୁ ତା'ର ସୁରକ୍ଷା ବ୍ୟବସ୍ଥା ଅଧିକ କଡ଼ାକଡ଼ି ଏବଂ ବ୍ୟାପକ ହୋଇଥାଏ । ପବିତ୍ର କୁରଆନ୍ କରୀମ୍‌ର ସୁରକ୍ଷାର ଅଙ୍ଗୀକର ମଧ୍ୟ ସେହି ମୌଳିକ ନୀତି ଅଧୀନସ୍ତ ଅଟେ। ସୁତରାଂ ଅଲ୍ଲାଃତାଲା କୁହନ୍ତି: اِنَّا نَحْنُ نَزَّلْنَا الذِّكْرَ وَاِنَّا لَهٗ لَحٰفِظُوْنَ **(ଅଲ୍ ହଜର୍: 10)** ଅର୍ଥାତ୍ ବାସ୍ତବରେ ଆମ୍ଭେ ହିଁ ଏହି ଉପଦେଶ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍‌କୁ ଅବତୀର୍ଣ୍ଣ କରିଛୁ ଏବଂ ଆମ୍ଭେ ହିଁ ନିଶ୍ଚୟ ଏହାର ସଂରକ୍ଷଣ କରିବୁ । ଅତଏବ୍ ପ୍ରଭୁ ସ୍ୱୟଂ ଉକ୍ତ ଗ୍ରନ୍ଥର ସଂରକ୍ଷଣକାରୀ ହେବେ ଏବଂ ସର୍ବଦା ଏପରି ସୁଯୋଗ ସୃଷ୍ଟି କରିବେ ଯାହାକି ଉକ୍ତ ପ୍ରକାଶ୍ୟଗତ ଏବଂ ଅର୍ଥଗତ ଦୃଷ୍ଟିରୁ ଏହି ଗ୍ରନ୍ଥକୁ ସଂରକ୍ଷଣ ପ୍ରଦାନ କରିବେ । ସୁତରାଂ ପବିତ୍ରେ କୁରଆନ୍ କରୀମ୍‌ର ସଂରକ୍ଷଣର କାରଣ ''**ଜିକର୍**''ର କ୍ଷୁଦ୍ର ଶବ୍ଦରେ ଚର୍ଚ୍ଚା ବା ବର୍ଣ୍ଣନା କରାଯାଇଛି ।

ଏହି ଅବସ୍ଥା ଅବତାରତ୍ୱର ରହିଛି । ଅର୍ଥାତ୍ ଅଲ୍ଲାଃତାଲା ଯେତେବେଳେ ସଂସାରକୁ କୌଣସି ମହା ଉପଦ୍ରବ ଓ ବିପତ୍ତିରେ ସମ୍ମୁଖୀନ ଥିବା ଅବଲୋକନ କରନ୍ତି ସେତେବେଳେ ତା'ର ସଂଶୋଧନ ପାଇଁ ସେ ଇଚ୍ଛା ପ୍ରକାଶ କରନ୍ତି । ଅର୍ଥାତ୍ ଅଲ୍ଲାଃତାଲା ଯେତେବେଳେ କୌଣସି ବ୍ୟକ୍ତିକୁ ନିଜ ପକ୍ଷରୁ ରସୁଲ୍ କିମ୍ବା ବାର୍ତ୍ତାବହ କରି ଅବତୀର୍ଣ୍ଣ କରିଥାନ୍ତି । ସେତେବେଳେ ଯଦିଚ ନବୀ ଜଣେ ମଣିଷ ହୋଇଥାଏ ଏବଂ ମନୁଷ୍ୟର ଆଚରଣ ଅନୁଯାୟୀ ତା' ଅଧୀନ ତା' ଜୀବନ କେଇଟା ବର୍ଷରୁ ଅଧିକ ବିଶ୍ୱସ୍ତତା କରିପାରିବ ନାହିଁ (ଅର୍ଥାତ୍ ଜୀବନ ସମୟ ଦେବା) । ସେ ସ୍ଥଳରେ ଏହା ଆବଶ୍ୟକତ ହୋଇ ପଡ଼ିଥାଏ ଯେ, ଅଲ୍ଲାଃତାଲା ସେହି ଅବତାରଙ୍କ ମିଶନକୁ ସାଫଲ୍ୟମଣ୍ଡିତ କରିବା ପାଇଁ ଏବଂ ଚୂଡ଼ାନ୍ତ ସୀମା ପର୍ଯ୍ୟନ୍ତ ପହଞ୍ଚାଇବା ସକାଶେ ତା' ବିୟୋଗ ପରେ ମଧ୍ୟ ଏପରି କୌଣସି ବ୍ୟବସ୍ଥା କରନ୍ତୁ ଯାହାକି ଅବତାରଙ୍କ ଦ୍ୱାରା ବୀଜ ବପନ ହୋଇଥିବ ତାହା ପୂର୍ଣ୍ଣତ୍ୱ ଲାଭ କରୁ । ସେହି ସଂଶୋଧନ  ଯାହା ଅଲ୍ଲାଃତାଲା ଅବତାରଙ୍କ ମାଧ୍ୟମରେ ସୃଷ୍ଟି କରିବାକୁ ଚାହୁଁଛନ୍ତି ତାହା ସଂସାରରେ ପ୍ରତିଷ୍ଠିତ ଏବଂ ସୁଦୃଢ ହୋଇଯାଉ । ଉକ୍ତ ଐଶ୍ୱରିକ ବ୍ୟବସ୍ଥା ଯାହାକୁ ଅବତାରତ୍ୱର ପରିଶିଷ୍ଟ ବୋଲି କହିବା ଉଚିତ୍ ତାହା ଖିଲାଫତ୍ ନାମରେ ନାମିତ ହୋଇଥାଏ ଏବଂ ଅଲ୍ଲାଃତାଲାଙ୍କର ଏହି ପରମ୍ପରା ରହି ଆସିଛି ଯେ, ପ୍ରତ୍ୟେକ ମହାନ ଅବତାରଙ୍କ ବିୟୋଗ ପରେ ତାହାଙ୍କ କାର୍ଯ୍ୟକୁ ପୂର୍ଣ୍ଣତ୍ୱ ପର୍ଯ୍ୟନ୍ତ ପହଞ୍ଚାଇବା ନିମନ୍ତେ ଖଲିଫାମାନଙ୍କର ପରମ୍ପରା ସ୍ଥାପିତ କରନ୍ତି । ଏହି ଖଲିଫାମାନେ ସାଧାରଣତଃ ନବୀ କିମ୍ବା ନିଯୁକ୍ତ ନୁହନ୍ତି । କିନ୍ତୁ ଜଣେ ଅବତାରଙ୍କ ସଂସ୍କାର ପ୍ରାପ୍ତ ହେବା ଏବଂ ତା'ଙ୍କର ଈଶ୍ୱରଦତ୍ତ ଦକ୍ଷତାକୁ ବୁଝିବା ନିମନ୍ତେ ଅବତାରମାନେ ପରିଚାଳନାଗତ ସାମର୍ଥ୍ୟଧିକାରୀ ହୋଇଥାଆନ୍ତି। ଅର୍ଥାତ୍ ସେମାନେ ପ୍ରଭୁଙ୍କ ଐଶୀବାଣୀ ସହିତ ଛିଡ଼ା ହୁଅନ୍ତି ନାହିଁ । କିନ୍ତୁ ଈଶ୍ୱର ନିଜର ବିଶିଷ୍ଟ ବିଧାନ ଅନୁଯାୟୀ ଏପରି ବ୍ୟବହାର ପ୍ରୟୋଗ କରନ୍ତି ଯେ, ସେ ଯେଉଁ ବ୍ୟକ୍ତିମାନଙ୍କୁ ଉକ୍ତ କାର୍ଯ୍ୟ ସକାଶେ ମନୋନୀତ କରନ୍ତି ଅବତାରଙ୍କ ବିୟୋଗ ପରେ ସେହି ବ୍ୟକ୍ତିମାନେ ହିଁ ଖିଲାଫତ୍ ଆସନରେ ଆସୀନ ହୁଅନ୍ତି । ଅର୍ଥାତ୍ ପ୍ରଭୁଙ୍କ ଗୁପ୍ତତାର (ଆଦୃଷ୍ଟତାର) ବିଶ୍ୱାସକାରୀମାନଙ୍କ ହୃଦୟ ଉପରେ ପ୍ରଭାବ ପକାଇ ସେମାନଙ୍କୁ ସ୍ୱତଃସ୍ଫୃତଃ ଖିଲାଫତ୍‌ର ଅଧିକାରୀ ଥିବା ବ୍ୟକ୍ତି ଆଡ଼କୁ କରି ଦେଇଥାଆନ୍ତି। ଅତଃ ଏସବୁ ସତ୍ତ୍ୱେ ଜଣେ ନିଯୁକ୍ତ ହୋଇ ନଥିବା ଖଲିଫା ଲୋକମାନଙ୍କ ଦ୍ୱାରା ମନୋନୀତ ହୋଇଥାଏ । ଇସ୍‌ଲାମ୍ ଧର୍ମ ଏବଂ ପବିତ୍ର କୁରଆନ୍ କରୀମ୍ ଉକ୍ତ ବାସ୍ତବତାକୁ ସ୍ପଷ୍ଟ ଭାବରେ ବର୍ଣ୍ଣନା କରେ ଯେ, ଖଲିଫାଙ୍କୁ ଅଲ୍ଲାଃତାଲା ଗଢନ୍ତି । ପ୍ରକାଶ୍ୟ ରୂପେ ଦେଖିବାକୁ ଗଲେ ଏହା ଏକ ବୀପତୀରତାତ୍ମକ ବୋଧ ପ୍ରସଙ୍ଗ ରୂପେ ଦୃଶ୍ୟମାନ ହୁଏ ଯେ, ଏପରି ବ୍ୟକ୍ତି ଯେକି ଲୋକମାନଙ୍କର ମତାଧିକ କିମ୍ବା ସର୍ବସମ୍ମତି କ୍ରମେ ଖଲିଫା ରୂପେ ମନୋନୀତ ହୁଏ ତା'ର ନିଯୁକ୍ତ ହେବା କିମ୍ବା ମନୋନୀତ ହେବା ପ୍ରସଙ୍ଗକୁ ଅଲ୍ଲାଃତାଲାଙ୍କ ଆଡ଼କୁ ଇଙ୍ଗିତ କରାଯାଉ । କିନ୍ତୁ ସତ୍ୟ ଏହା ହିଁ ଯେ, ପ୍ରକାଶ୍ୟ ମନୋନୀତ ବ୍ୟତୀତ ପ୍ରତ୍ୟେକ ପ୍ରକୃତ ଖଲିଫାଙ୍କ ଚୟନ କ୍ଷେତ୍ରରେ ପ୍ରକୃତରେ ଈଶ୍ୱରଙ୍କ ଲୁକ୍କାୟିତ ହସ୍ତ ହିଁ କାର୍ଯ୍ୟ କରିଥାଏ ଏବଂ କେବଳ ସେହି ବ୍ୟକ୍ତି ହିଁ ଖଲିଫା ହୋଇଥାଏ କିମ୍ବା ହୋଇପାରିବ ଯାହାକୁ ଈଶ୍ୱରଙ୍କ ଅନାଦି ଭାଗ୍ୟ ଉକ୍ତ କାର୍ଯ୍ୟ ସକାଶେ ମନୋନୀତ କରି ନେଇଥାନ୍ତି । ଏତଦ୍‌ଭିନ୍ନ କୌଣସି ବ୍ୟକ୍ତି ଏହି ଦୁଃସାହାସ କରିପାରିବ ନାହିଁ ଯେ, ସେ ଖିଲାଫତ୍ ସିଂହାସନରେ ପାଦ ରଖୁ। ଏହି ଗଭୀର ସତ୍ୟତା ଆଁହଜରତ ସ.ଅଙ୍କ ସେହି କଥନରେ ଅନ୍ତର୍ନିହିତ ରହିଛ ଯାହାକି ଆପଣ ସ.ଅ ନିଜର ବିୟୋଗର କିଛି କାଳ ପୂର୍ବେ କହିଥିଲେ: اَرَدْتُ اَنْ اُرْسِلَ اِلٰى اَبِىْ بَكْرٍ حَتّٰى كَتَبَ كِتَابًا كِتَابًا ذَا عَهِدَ اَنْ يَّتَمَنّٰى الْمُتَمَنُّوْنَ وَيَقُوْلَ قَائِلٌ اَنَا اَوْلٰى ثُمَّ قُلْتُ يَاْبَى اللّٰهُ وَيَدْفَعُ الْمُؤْمِنُوْنَ اَوْ يَدْفَعُ اللّٰهُ وَيَاْبَى الْمُؤْمِنُوْنَ **(ବୁଖାରୀ କିତାବୁଲ୍ ଇହ୍‌କାମ୍)**

"ଅର୍ଥାତ୍ ମୁଁ ଅବୁ ବକ୍କରଙ୍କୁ ନିଜ ପରେ ଖଲିଫା ରୂପେ ମନୋନୀତ କରିବାକୁ ଚାହୁଁଥିଲି । କିନ୍ତୁ ପୁନଶ୍ଚ ମୁଁ ଏହା ମନେକଲି ଯେ, ଉକ୍ତ କାର୍ଯ୍ୟ ହେଉଛି ଈଶ୍ୱରଙ୍କ କାର୍ଯ୍ୟ। ଈଶ୍ୱର ହ. ଅବୁ ବକର ର.ଅଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିକୁ ଖଲିଫା ହେବାକୁ ଦେବେ ନାହିଁ ଓ ନା ହିଁ ପ୍ରଭୁଙ୍କ ଇଚ୍ଛା ମୁତବାକ ବିଶ୍ୱାସକାରୀଙ୍କ ଜମାଅତ୍ ଅବୁ ବକ୍କରଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିକୁ ଖଲିଫା ହେବା ନିମନ୍ତେ ସହମତି ପ୍ରକାଶ କରିବ ।"

ଅଲ୍ଲାଃ ଅଲ୍ଲାଃ ! ଉକ୍ତ କ୍ଷୁଦ୍ର ପଦଟିରେ ଖିଲାଫତ୍ ବ୍ୟବସ୍ଥା ସଂକ୍ରାନ୍ତରେ କେତେ ବ୍ୟାପକ ବିଷୟ ନିହିତ କରିଦେଇଛନ୍ତି । ଆଁହଜରତ ସ.ଅ କୁହନ୍ତି, ନିଃସନ୍ଦେହ ମୋ ପରେ ପ୍ରକାଶ୍ୟ ରୂପେ ମୁସଲମାନମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିମାନେ ଅବୁ ବକ୍କରଙ୍କୁ ଖଲିଫା ରୂପେ ମନୋନୀତ କରିବେ । କିନ୍ତୁ  ପ୍ରକୃତ ପକ୍ଷରେ କହିବାକୁ ଗଲେ ଉକ୍ତ ମତାମତ ପ୍ରଚ୍ଛଦ ପଟରେ ସର୍ବଶକ୍ତିମାନ ଈଶ୍ୱରଙ୍କ ଅନାଦିକାଳର ନିୟତି ବା ବିଧାନ କାର୍ଯ୍ୟ କରୁଥିବ । ଅର୍ଥାତ ପ୍ରଭୁ ଯାହା ଚାହିଁବେ ତାହା ହିଁ ହେବ । ଏହାକୁ ବାଦ୍‌ଦେଲେ ଅନ୍ୟ କିଛି ସମ୍ଭବ ହେବ ନାହିଁ । ସୁତରାଂ ତାହା ହିଁ ହେଲା ଏବଂ ଏସବୁ ସତ୍ତ୍ୱେ ଅନ୍‌ସାରମାନେ ଆଭ୍ୟନ୍ତରୀଣ ଭାବରେ ନିଜ ମଧ୍ୟରୁ ଜଣେ ବ୍ୟକ୍ତିକୁ ଛିଡ଼ା କରିବାକୁ ଚାହିଁଲେ ଏବଂ ପ୍ରକାଶ୍ୟ ରୂପେ ଆରବ ଦେଶର ପୁର ପଲ୍ଲୀର ସଂପ୍ରଦାୟମାନେ ବିଦ୍ରୋହୀ ହୋଇ ଖିଲାଫତ୍ ବ୍ୟବସ୍ଥାକୁ ହିଁ ନିଶ୍ଚିହ୍ନ କରିଦେବା ପାଇଁ ଯୋଜନା ପ୍ରସ୍ତୁତ କଲେ । କିନ୍ତୁ  ହ. ଅବୁ ବକ୍କର ଯଦିଚ ପ୍ରଭୁଙ୍କ ଦ୍ୱାରା ମନୋନୀତ ଖଲିଫା ଥିଲେ । ଅତଃ ତାହାଙ୍କ ଆନୁଗତ୍ୟତା ଅଭାବ ହେତୁ ବିରୋଧୀମାନଙ୍କର ଆଧିକ୍ୟତାକୁ ଏପରି ଭାବରେ ଗ୍ରାସ କଲା ଯେପରି ସମୁଦ୍ର ଜଳ ନିଜ ଉପରେ ଥିବା ଫେଣକୁ ଗ୍ରାସ କରିଥାଏ ।

ପୁନଶ୍ଚ ଆଁହଜରତ ସ.ଅ ଯେଉଁ ଶବ୍ଦ ହ. ଉସ୍‌ମାନ ର.ଅଙ୍କ ସପକ୍ଷରେ କହିଥିଲେ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିକ୍ଷିତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

## ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

ଯେ," ହେ ଉସ୍‌ମାନ୍ ! ପ୍ରଭୁ ତୁମ୍ଭକୁ ଏକ କାମିସ୍ (ବସ୍ତ୍ର) ପ୍ରଦାନ କରିବେ । କିନ୍ତୁ ଲୋକମାନେ ଉକ୍ତ ବସ୍ତ୍ରକୁ ଓହ୍ଲାଇବା ପାଇଁ ଚେଷ୍ଟା କରିବେ । କିନ୍ତୁ ତୁମ୍ଭେ ସେହି ବସ୍ତ୍ରକୁ ଓହ୍ଲାଇବ ନାହିଁ ।" ତାହା ମଧ୍ୟ ସେହି ପୁରାତନ ଶୈଳୀ ପରମ୍ପରା ଆଡ଼କୁ ଇଙ୍ଗିତ କରେ ଯେ, ବାସ୍ତବରେ ଈଶ୍ୱର ହିଁ ଖଲିଫା ସୃଷ୍ଟି କରନ୍ତି ବା ଗଢନ୍ତି ଏବଂ ମନୋନୀତକାରୀ ବ୍ୟକ୍ତିମାନେ କେବଳ ପ୍ରଚ୍ଛଦ ପଟରେ ରହି କାର୍ଯ୍ୟ କରି ଥାଆନ୍ତି। ଲୋକମାନେ କେବଳ ଯନ୍ତ୍ରର (ଆୟୁଦ୍ଧ) କାର୍ଯ୍ୟ କରନ୍ତି । ଈଶ୍ୱର ଏହି ଭାଗ୍ୟ ବ୍ୟବସ୍ଥାକୁ ଆରମ୍ଭ କରିବା ନିମନ୍ତେ ଏହାରା ଦାୟିତ୍ୱ ନିଜ ହସ୍ତକୁ ନେଇଥାଆନ୍ତି । କାରଣ ସେହି ଖଲିଫାମାନେ କିପରି ଚାତୁର୍ଯ୍ୟତା ଏବଂ ବୁଦ୍ଧି ଦ୍ୱାରା ପରିପୂର୍ଣ୍ଣ ଅଟନ୍ତି ? ଆଁହଜରତ ସ.ଅଙ୍କ ଖଲିଫା ତିଆରି କରିବାର କାର୍ଯ୍ୟ ବା ପ୍ରସଙ୍ଗକୁ ଈଶ୍ୱରଙ୍କ ଆଡ଼କୁ ଇଙ୍ଗିତ କରିଛନ୍ତି ଏବଂ ଖିଲାଫତରୁ ପଦଚ୍ୟୁତ କରିବାର ପ୍ରସଙ୍ଗକୁ ଉଦ୍ୟମକାରୀ ଲୋକମାନଙ୍କ ଆଡ଼କୁ ଇଙ୍ଗିତ ବା ତୁଳନା କରିଛନ୍ତି । ଅର୍ଥାତ୍ ଯେଉଁ ସ୍ଥିତି ଦୃଶ୍ୟମାନ ହୁଏ ତା'ର ବିପରୀତ କଥନ କହିଛନ୍ତି । ଅତଏବ୍ ଖିଲାଫତ୍‌ର ଚୟନ କ୍ଷେତ୍ରରେ ପ୍ରକାଶ୍ୟଗତ ଦୃଶ୍ୟମାନ ସ୍ଥିତି ଏହିକି ଯେ, ଲୋକମାନେ ଖଲିଫାମାନଙ୍କୁ ମନୋନୀତ କରିଥାଆନ୍ତି ଏବଂ ପ୍ରକାଶ୍ୟ ରୂପେ ଈଶ୍ୱରଙ୍କର କୌଣସି ସଂପର୍କ ତହିଁରେ ନାହିଁ । କିନ୍ତୁ ଏସବୁ ସତ୍ତ୍ୱେ ଆଁହଜରତ ସ.ଅ ଏହା କୁହନ୍ତି ଯେ, ଈଶ୍ୱର ହିଁ ଖଲିଫା ସୃଷ୍ଟି କରନ୍ତି ବା ଗଢନ୍ତି । ହଁ ଉପଦ୍ରବକାରୀ ବ୍ୟକ୍ତିମାନେ ବେଳେବେଳେ ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ଖଲିଫାମାନଙ୍କୁ ପଦଚ୍ୟୁତ କରିବା ନିମନ୍ତେ ଉଦ୍ୟମ ଅବଶ୍ୟ କରିଥାଆନ୍ତି । ଏ ହେଉଛି ସେହି ଭବ୍ୟ ତଥା ମର୍ମ ବିନ୍ଦୁ ଯାହାକୁ ବୁଝିବା ପରେ କୌଣସି ବ୍ୟକ୍ତି ଅଲ୍ଲାଃତାଲାଙ୍କ କୃପାରୁ ଖିଲାଫତ୍ ପ୍ରସଙ୍ଗରେ ପଥଭ୍ରଷ୍ଟ ହେବ ନାହିଁ । କାରଣ ସଂସାରର ପ୍ରତ୍ୟେକ ବ୍ୟବସ୍ଥା ସାମୟିକ ଅଟେ ଏବଂ ପ୍ରାୟତଃ ଯୁଗାନୁଯାୟୀ ବିଭକ୍ତ ଅଟେ । ଅତଃ ଆଁହଜରତ ସ.ଅ ମୁସଲମାନମାନଙ୍କୁ ସଜାଗ ଓ ସତର୍କ କରାଇବା ନିମନ୍ତେ ଏହି ପରିପ୍ରକାଶ ମଧ୍ୟ କରିଦେଲେ ଯେ, ମୋ ପରେ ସଂଲଗ୍ନିତ ଓ ଅହରହ ରୂପେ ପ୍ରକୃତ ଖିଲାଫତ୍‌ର ଯୁଗ କେବଳ 30 ବର୍ଷ ପର୍ଯ୍ୟନ୍ତ ଚାଲିବ। ଏତଦପରେ ଅପହାରକ ବା ଅପହରଣକାରୀମାନେ ଶାସକ ହୋଇଯିବେ ଏବଂ ଏତଦ୍‌ପରେ ପରିସ୍ଥିତି ଅନୁଯାୟୀ ଏବଂ ଆବଶ୍ୟକତାନୁଯାୟୀ ଆଧ୍ୟାତ୍ମିକ ଖିଲାଫତ୍‌ର ଯୁଗ ଆସୁଥିବ । ଏପର୍ଯ୍ୟନ୍ତକି ପରିଶେଷରେ ପ୍ରତିଶୃତ ମସିହ୍ ଓ ମେହ୍‌ଦୀଙ୍କ ଅବତୀର୍ଣ୍ଣ ପରେ ପୁନଶ୍ଚ ଅବତାରତ୍ୱ ମାର୍ଗ ଅବଲମ୍ବନରେ ପ୍ରକାଶ୍ୟ ଖିଲାଫତ୍ ସ୍ଥାପନ ହୋଇଯିବ । **(ମସ୍‌ନଦ୍ ଅହେମଦ, ଭାଗ-ଅନ୍ ଅବ୍‌ଦ୍ଦିର୍ ରହମାନ ସଫିନ୍‌ହୁ ୱ ମିଶ୍‌କାତ୍, ବାବୁଲ୍ ଇନଜାର)**

ଖିଲାଫତର ବ୍ୟବସ୍ଥା ଅବତାରତ୍ୱ ବ୍ୟବସ୍ଥାର ଏକ ଅଂଶବିଶେଷ ଏବଂ ପରିଶିଷ୍ଟ ମାତ୍ର ଅଟେ । ଏହା ଅବତାରତ୍ୱର ସେବା ଏବଂ ଅବତାରତ୍ୱକୁ ପୂର୍ଣ୍ଣାଙ୍ଗ ରୂପ ପ୍ରଦାନ କରିବା ନିମନ୍ତେ ସ୍ଥାପନ କରାଯାଇଥାଏ । ଅତଃ ଅଲ୍ଲାଃତାଲା ତତ୍‌ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମ୍‌ର ଆୟତ୍ ଇସ୍ତିଖଲାଫ୍‌ରେ ଏପରି ନିଦର୍ଶନ ଓ ଲକ୍ଷଣ ନିର୍ଦ୍ଧାରିତ କରିଦେଇଛନ୍ତି ଯାହାକି ପ୍ରକୃତ ଖିଲାଫତ୍‌କୁ ମିଥ୍ୟା ଖିଲାଫତ୍ ଠାରୁ ଦିବାକର ପରି ଅନନ୍ୟ କରି ଦେଇଥାଏ । ସୁତରାଂ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: وَعَدَ اللّٰهُ الَّذِيْنَ اٰمَنُوْا مِنْكُمْ وَعَمِلُوا الصّٰلِحٰتِ لَيَسْتَخْلِفَنَّهُمْ فِي الْاَرْضِ كَمَا اسْتَخْلَفَ الَّذِيْنَ مِنْ قَبْلِهِمْ وَلَيُمَكِّنَنَّ لَهُمْ دِيْنَهُمُ الَّذِي ارْتَضٰى لَهُمْ وَلَيُبَدِّلَنَّهُمْ مِّنْۢ بَعْدِ خَوْفِهِمْ اَمْنًا يَعْبُدُوْنَنِيْ لَا يُشْرِكُوْنَ بِيْ شَيْـًٔا وَمَنْ كَفَرَ بَعْدَ ذٰلِكَ فَاُولٰٓئِكَ هُمُ الْفٰسِقُوْنَ **(ଅନ୍ ନୁର: 56)** ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ସତ୍‌କର୍ମ କରୁଛନ୍ତି (ତହିଁରୁ ଏହା ଯଥାର୍ଥ ନୁହେଁ ଯେ, ଯେକୌଣସି ବିଶ୍ୱାସକାରୀ ବି ସତ୍‌କର୍ମ ସମ୍ପାଦନ କରିବ, ସେ ଅବଶ୍ୟ ଖଲିଫା ହେବ ବରଂ ତହିଁରେ ଏହି ଇଙ୍ଗିତ ରହିଛି ଯେ, ଯେଉଁ ବ୍ୟକ୍ତି ଖଲିଫା ହେବ ସେ ସୁନିଶ୍ଚିତ ରୂପେ ଜଣେ ବିଶ୍ୱାସକାରୀ ଓ ସତ୍‌କର୍ମକାରୀ ହେବ) ଅଲ୍ଲାଃତାଲା ସେମାନଙ୍କ ସହିତ ଅଙ୍ଗୀକାର କରିଛନ୍ତି ଯେ, ସେ ସେମାନଙ୍କୁ ଭୂପୃଷ୍ଠରେ ଅବଶ୍ୟ ଖଲିଫା କରିଦେବେ ଯେପରି ସେ ସେମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ । ଯେଉଁ ଧର୍ମକୁ ସେ ସେମାନଙ୍କ ପାଇଁ ପସନ୍ଦ କରିଛନ୍ତି ସେମାନଙ୍କ ପାଇଁ ତାହାକୁ ଦୃଢ ଭାବରେ ସ୍ଥାପନ କରିଦେବେ ଏବଂ ସେମାନଙ୍କ ଭୟପ୍ରଦ ଅବସ୍ଥାକୁ ସେ ସେମାନଙ୍କ ପାଇଁ ଶାନ୍ତିପ୍ରଦ ଅବସ୍ଥାରେ ପରିଣତ କରିଦେବେ (କାରଣ ପ୍ରତ୍ୟେକ ପରିବର୍ତ୍ତନ ସମୟରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଥାଏ) । ସେମାନେ ଆମ୍ଭର ଉପାସନା କରିବେ ଓ ଆମ୍ଭ ସହିତ କୌଣସି ବସ୍ତୁକୁ ଶିର୍କ ସମକକ୍ଷ କରିବେ ନାହିଁ (ସେ ପଛେ ପ୍ରକାଶ୍ୟ ହେଉ ଅବା ଅପ୍ରକାଶ୍ୟ ହେଉ), ଏବଂ ଯେଉଁମାନେ ଏହାପରେ ମଧ୍ୟ ଅମାନ୍ୟ କରିବେ ସେମାନେ ଅବଜ୍ଞାକାରୀମାନଙ୍କ ମଧ୍ୟରେ ଗଣ୍ୟ ହେବେ ।

ଉପରୋକ୍ତ ଆୟତ୍‌ଟି ଯାହାକୁ ହ. ମସିହ୍ ମଉଦ୍ ଅ.ସ ସ୍ୱଷ୍ଟ ଭାବରେ ଖିଲାଫତ୍ ବ୍ୟବସ୍ଥା ସହିତ ସଂଶ୍ଲିଷ୍ଟ କରିଛନ୍ତି ଏବଂ ଆପଣ ଅ.ସ ଅତି ସଂକ୍ଷିପ୍ତ ଶବ୍ଦରେ ଏକ ବ୍ୟାପକ ବିଷୟବସ୍ତୁ ଆହରଣ କରିଛନ୍ତି । ଏହା ସେହି ନକ୍ସାର ସର୍ବୋତ୍କୃଷ୍ଟ ଛବି ଅଟେ ଯାହାକି ନ୍ୟୁନାଧିକ ପ୍ରତ୍ୟେକ ନୂତନ ଖିଲାଫତ୍‌ର ସ୍ଥାପନ ସମୟରେ ସଂସାର ସମ୍ମୁଖରେ ଆସିଥାଏ । ପ୍ରତ୍ୟେକ ଅବତାର କିମ୍ବା ଖଲିଫାର ବିୟୋଗ ଏକ ମହା ଭୂମିକମ୍ପର ସ୍ୱରୂପ ଅଟେ ଏବଂ ପ୍ରତ୍ୟେକ ପରବର୍ତ୍ତୀ ଆଗମନକାରୀ ଖଲିଫା ଏପରି ଅବସ୍ଥାରେ ଖିଲାଫତ୍ ଆସନରେ ଅଭିଷିକ୍ତ ହୋଇଥାଏ ଯେ, ଯେତେବେଳେ ଲୋକମାନଙ୍କର ମନ ସିହରି ଯାଇଥାଏ ତଥା ଭୟପ୍ରଦ ହୋଇଯାଇଥାଏ ଯେ, ବର୍ତ୍ତମାନ କ'ଣ ହେବ ? କିନ୍ତୁ ଲୋକମାନଙ୍କର ଚାହୁଁ ଚାହୁଁ ପ୍ରଭୁ ଉକ୍ତ ଆୟତ୍‌ର ଅଙ୍ଗୀକାର ଅନୁଯାୟୀ ନିଜର ବିଧାନର ଲୁକ୍କାୟିତ ତାରକୁ ଟାଣିବାକୁ ଆରମ୍ଭ କରିଥାଆନ୍ତି ଏବଂ ଭୟପ୍ରଦ ଦିନକୁ ଶାନ୍ତିପ୍ରଦ ଦିନରେ ପରିଣତ କରି ଧୀରେ ଧୀରେ ଜମାଅତ୍‌କୁ ଦୁର୍ବଳରୁ ସଶକ୍ତ ଆଡ଼କୁ ଅବା ସଶକ୍ତ ଅବସ୍ଥାରୁ ସଶକ୍ତତମ ଅବସ୍ଥା ଆଡ଼କୁ ଅଗ୍ରସର କରାଇ ଦେଇଥାଆନ୍ତି । ଉକ୍ତ ଖଲିଫା ନିଜର ଧାର୍ମିକ ଅବସ୍ଥା ଏବଂ ଆଧ୍ୟାତ୍ମିକ ଅବସ୍ଥା ଆଡ଼କୁ ଓ ଧାର୍ମିକ ସେବାରୁ ଉକ୍ତ କଥା ଉପରେ ମୋହୋର ଲଗାଇ ଦେଇଥାଏ । କାରଣ ଈଶ୍ୱରଙ୍କ ପ୍ରେମ, ସାହାଯ୍ୟର ହସ୍ତ ସେମାନଙ୍କ ସହିତ ରହିଛି ଏବଂ ଉକ୍ତ ସଂପ୍ରଦାୟ ନିଜର ପ୍ରକାଶ୍ୟଗତ ସ୍ୱରୂପରେ ସେତେବେଳ ପର୍ଯ୍ୟନ୍ତ ଜାରି ରହିଥାଏ ଯେତେବେଳ ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ଜ୍ଞାତସାରରେ ଅବତାରଙ୍କ ଦ୍ୱାରା ଆଗତ ଧର୍ମକୁ ସୁଦୃଢ ରୂପେ ସ୍ଥାପନ ଏବଂ ତାହାଙ୍କ ମିଶନକୁ ସଂପୂର୍ଣ୍ଣ ଏବଂ ସଶକ୍ତ କରିବା ସକାଶେ ଆବଶ୍ୟକ ହୋଇଥାଏ ।

ଯେପରିକି ମୁଁ ଉପରେ ଇଙ୍ଗିତ କରିଛି ଯେ, ଏହା ଖିଲାଫତ୍‌ର ବ୍ୟବସ୍ଥା ଯାହାକି ଅବତାରତ୍ୱର ପ୍ରକୃତ ଅଂଶ ଏବଂ ଅବତାରତ୍ୱର ପରିଶିଷ୍ଟ ଅଟେ । ଏହା ପ୍ରତ୍ୟେକ ଯୁଗରେ ଅନନ୍ୟ ତଥା ସ୍ୱଷ୍ଟ ରୂପେ ଦୃଶ୍ୟମାନ ହୋଇଥାଏ । ସୁତରାଂ ହ. ମୁସା ଅ.ସଙ୍କ ପରେ ତାଙ୍କ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ହ. ୟୁଶାଙ୍କୁ ଖଲିଫା ହୋଇଥିଲେ ଏବଂ ହ. ଇସା ଅ.ସଙ୍କ ପରେ ପିତ୍ରସ୍ ଖଲିଫା ହୋଇଥିଲେ । ଠିକ୍ ସେହିପରି ଆଁହଜରତ ସ.ଅଙ୍କ ପରେ ହ. ଅବୁ ବକ୍କର୍ ର.ଅ ଖଲିଫା ହୋଇଥିଲେ । ଆଁହଜରତ ସ.ଅଙ୍କ ମିଶନ ସମସ୍ତ ଅବତାରମାନଙ୍କ ଠାରୁ ଭବ୍ୟ ଏବଂ ସର୍ବାଧିକ ରୂପେ ବ୍ୟାପକ ଥିଲେ । ଅତଃ ଆପଣ ସ.ଅଙ୍କ ପରେ ଖିଲାଫତ୍ ବ୍ୟବସ୍ଥା ମଧ୍ୟ ସର୍ବାଧିକ ଭାବରେ ଅନନ୍ୟ ଓ ଭବ୍ୟ ଆକାରରେ ପରିପ୍ରାକାଶିତ ହୋଇଥିଲା । ଏହାର ପ୍ରଖର କିରଣ ଆଜି ପର୍ଯ୍ୟନ୍ତ ସଂସାରାବାସୀଙ୍କ ହିତ ତଥା କଲ୍ୟାଣ ସାଧନ କରୁଅଛି । ପ୍ରକୃତ କଥା ଏହିକି ଯେ, ଅବତାରତ୍ୱ ସହିତ ଯଦି ଖିଲାଫତ୍‌ର ବ୍ୟବସ୍ଥା ସଂଶ୍ଲିଷ୍ଟ ହୋଇ ନଥାଆନ୍ତା ତେବେ **ନାଉଜୁବିଲ୍ଲାଃ** (ପ୍ରଭୁଙ୍କ ଶରଣ ଭିକ୍ଷା କରୁଛୁ) ଈଶ୍ୱରଙ୍କ ଉପରେ ଏକ ମହା ଦୋଷ ଲଦି ଦିଆଯାଇଥାଆନ୍ତା ଯେ, ଈଶ୍ୱରଙ୍କୁ ସଂସାରର ସଂଶୋଧନ ବା ତ୍ରୁଟି ମାର୍ଜନା କରିବା ଉଚିତ୍ । କିନ୍ତୁ ପୁନଶ୍ଚ ସେହି ସଂଶୋଧନ ନିମନ୍ତେ ଏକ ବ୍ୟକ୍ତିକୁ କିଛି ବର୍ଷ ଜୀବନ ପ୍ରଦାନ କରି ପୁଣି ମୃତ୍ୟୁ ପ୍ରଦାନ କରିଦେଲେ ଏବଂ ସେହି ସଂଶୋଧନ ବ୍ୟବସ୍ଥାକୁ ସ୍ୱହସ୍ତରୁ ଭାଙ୍ଗି ଚୁରମାର କରିଦେଲେ । ଅର୍ଥାତ୍ ଏହା ଏକ ପାଣି ଫୋଟକା ଥିଲା ଯାହା ସମୁଦ୍ରର ପୃଷ୍ଠ ଭାଗରେ ପ୍ରକଟିତ ହେଲା ଓ ପୁନଶ୍ଚ ସଦୈବ ପାଇଁ ନିଶ୍ଚିହ୍ନ ହୋଇ ଅମାପ ଜଳରାଶିରେ ଅଦୃଶ୍ୟ ହୋଇଗଲା । سُبْحَانَ اللّٰهِ مَا قَدَرُوا اللّٰهَ حَقَّ قَدْرِهٖ ଆମମାନଙ୍କର ତତ୍ତ୍ୱଜ୍ଞ ଓ ସର୍ବଜ୍ଞ ପରମେଶ୍ୱରେ ହେଉଛନ୍ତି ସେହି ପରମେଶ୍ୱର ଯିଏ ସାମାନ୍ୟ ଲାଭ ପ୍ରଦାନକାରୀ ବସ୍ତୁକୁ ମଧ୍ୟ ସଂସାରରେ ବାକି ରଖନ୍ତି ଏବଂ ଏହାର ସ୍ଥାପନର ସାଧନ ମଧ୍ୟ ଉପଲବ୍ଧ କରି ଦେଇଥାଆନ୍ତି । ତେଣୁ କେଉଁ କାରଣ ରହିଛି ଯେ, ଅବତାରତ୍ୱ ପରି ଅମୂଲ୍ୟ ରତ୍ନକୁ ଏବଂ ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ବ୍ୟକ୍ତି ଦ୍ୱାରା ଆଗତ ସଂଶୋଧନକୁ ପବନର ଏକ ପ୍ରଚଣ୍ଡ ଝଲକା ପରି ସଂସାର ଜଗତରେ ଆଣୁ ଓ ପୁନଃ ଲୋକମାନେ ଚାହୁଁ ଚାହୁଁ ସେହି ରତ୍ନକୁ ସେମାନଙ୍କ ଦୃଷ୍ଟି ସମ୍ମୁଖରୁ ଉଭା କରିଦେବେ । ସେହି ଅବତାରର ପ୍ରାଣ ରକ୍ଷାକାରୀ ପ୍ରଭାବ, ପ୍ରାଣୋତ୍ସାହ ବର୍ଦ୍ଧକ ପ୍ରଭାବକୁ ସଂସାରେ ସ୍ଥାପନ କରିବା ସକାଶେ ନିଜ ପକ୍ଷରୁ କୌଣସି ବ୍ୟବସ୍ଥା କରିବେ ନାହିଁ ।

ନିଃସନ୍ଦେହ ରୂପେ ଉକ୍ତ ଦୃଶ୍ୟ ଏକ କ୍ରୀଡ଼ା ବ୍ୟତୀତ ଅନ୍ୟ କିଛି ନୁହେଁ । କ୍ରୀଡ଼ା କରିବା (ଖେଳ ଖେଳିବା) ସୈତାନର କାର୍ଯ୍ୟ ଅଟେ । ଈଶ୍ୱରଙ୍କ କାର୍ଯ୍ୟ ନୁହେଁ । ଈଶ୍ୱର ଯେତେବେଳେ କୌଣସି କାର୍ଯ୍ୟ କରିବାକୁ ଚାହାନ୍ତି ସେତେବେଳେ ସେହି କାର୍ଯ୍ୟର ମହତ୍ତ୍ୱ ଓ ଅବସ୍ଥାର ବ୍ୟାପକତାନୁଯାୟୀ ତା' ନିମନ୍ତେ ସାଧନ ମଧ୍ୟ ସୃଷ୍ଟି କରନ୍ତି ଏବଂ ସେହି କାର୍ଯ୍ୟର ବାମ-ଦକ୍ଷିଣ, ଉର୍ଦ୍ଧ-ନିମ୍ନକୁ ଏପରି ଲୌହ ଛଡ଼ ଦ୍ୱାରା ସୁଦୃଢ କରିଦେଇ ଥାଆନ୍ତି ଯେ, ଯେପର୍ଯ୍ୟନ୍ତ ତାହାଙ୍କର ଇଚ୍ଛା ହୋଇ ନାହିଁ ସେପର୍ଯ୍ୟନ୍ତ କୌଣସି ବସ୍ତୁ ସେହି ଲୌହ ଦଣ୍ଡ ବା ଛଡ଼କୁ ତା' ସ୍ଥାନରୁ ଦୋହଲାଇ ପାରିବ ନାହିଁ। ଅତଃ ଅଲ୍ଲାଃତାଲାଙ୍କର ଏହି ପରମ୍ପରା ରହିଛି ଯେ, ବିଶେଷ ବିଶେଷ ଅବତାରଙ୍କ ବିୟୋଗ ପରେ ସେମାନଙ୍କ ମିଶନକୁ ସୁଦୃଢ ତଥା ମଜଭୂତ୍ କରିବା ସକାଶେ କେବଳ ଖିଲାଫତ୍‌ର ବ୍ୟବସ୍ଥା ସ୍ଥାପନ କରନ୍ତି ନାହିଁ ବରଂ ସେମାନଙ୍କ (ଅବତାରମାନଙ୍କ) ଅଗମନ ପୂର୍ବରୁ ମଧ୍ୟ ସେମାନଙ୍କ ନିମନ୍ତେ ପଥକୁ ପରିଷ୍କାର କରିବା ଉଦ୍ଦେଶ୍ୟରେ କେତେକ ଲୋକମାନଙ୍କୁ ପ୍ରତୀକ ସ୍ୱରୂପ (ଅର୍ଥାତ୍ ରାସ୍ତା କଡ଼ରେ ରୋପିତ ହୋଇଥିବା ଦୂରତା ଫଳକ ଯାହା ସ୍ଥାନ ଏବଂ ଦୂରତାକୁ ସୂଚାଏ) ପ୍ରେରଣ କରିଥାଆନ୍ତି । ଏମାନେ ଲୋକମାନଙ୍କର ଧ୍ୟାନକୁ ଆଗମନକାରୀ ସୁଧାରକର ମିଶନ ଆଡ଼କୁ ପରିବର୍ତ୍ତନ କରିବା ଆରମ୍ଭ କରି ଦିଅନ୍ତି । ସୁତରାଂ ହ. ଇସା ଅ.ସଙ୍କ ପୂର୍ବରୁ ହ. ୟହୟା ଏକ ଫଳକ ବା ପ୍ରତୀକ ସ୍ୱରୂପ ଆସିଥିଲେ ବା ଆବିର୍ଭୂତ ହୋଇଥିଲେ। ଆଁହଜରତ ସ.ଅଙ୍କ ପୂର୍ବରୁ ଅସଂଖ୍ୟ ଲୋକମାନେ ଯେଉଁମାନେ ହୁନଫା (ପ୍ରକୃତ ଏକେଶ୍ୱର ଉପାସକ) ବୋଲାଉଥିଲେ ସେମାନେ ଏକେଶ୍ୱରବାଦର ପ୍ରଥମ ପବନର ଝଲକା ହୋଇ ପ୍ରକଟିତ ହେଲେ । ସେହିପରି ହ. ମସିହ୍ ମଉଦ୍ ଅ.ସଙ୍କ ପୂର୍ବରୁ ସୟେଦ୍ ଅହେମଦ ସାହେବ ବରେଲ୍‌ୱୀ ସୁପ୍ତ ଲୋକମାନଙ୍କ ଜାଗୃତିର ମାଧ୍ୟମ ହୋଇ ଆସିଥିଲେ । ଅତଏବ୍ କ'ଣ ଏପରି ତତ୍ତ୍ୱଜ୍ଞ ଏବଂ ସର୍ବଜ୍ଞ ପ୍ରଭୁଙ୍କ ଠାରୁ ଏହା ଆଶା କରାଯାଇପାରିବ କି ସେ ଅବତାରର ସ୍ୱଳ୍ପ ବୟସ ଜୀବନ ବଞ୍ଚିବା ପରେ ତା'

ଦ୍ୱାରା ଆଗତ ମିଶନକୁ ବିନା କୌଣସି ବ୍ୟବସ୍ଥା ଛାଡ଼ିଦେଇ ପାରିବେ କି ? ଈଶ୍ୱର ସେହି ବୃଦ୍ଧାର ଉଦାହରଣ ପରି ହୋଇଯାଆନ୍ତି । ଅର୍ଥାତ ବୃଦ୍ଧା ସ୍ୱଉଦ୍ୟମ ଦ୍ୱାରା ବୁଣା ହୋଇଥିବା ସୂତା (ତନ୍ତୁ) ସ୍ୱହସ୍ତରୁ ନଷ୍ଟ କରିଦେଇଥାଏ । ମୁଁ ପୁନଃ କହି ରଖୁଛି ଯେ,سُبْحَانَ اللّٰهِ مَا قَدَرُوا اللّٰهَ حَقَّ قَدْرِهٖ । ପ୍ରତିଶ୍ରୁତ ମସିହ୍ ମଧ୍ୟ ସଂସାରେ ଏକ ମହାନ ମିଶନ ନେଇ ଆବିର୍ଭୂତ ହୋଇଥିଲେ ଏବଂ ନିଜର ମର୍ଯ୍ୟାଦାନୁଯାୟୀ ଆଁହଜରତ ସ.ଅଙ୍କ ଛାୟା ଥିଲେ । ଏପର୍ଯ୍ୟନ୍ତକି ଆପଣ (ଆଁହଜରତ) ସ.ଅ ସେହି ମର୍ଯ୍ୟାଦା ଓ କାର୍ଯ୍ୟକୁ ଦୃଷ୍ଟିରେ ରଖି କହିଲେ, يُدْفَنُ مَعِيْ فِيْ قَبْرِيْ ଅର୍ଥାତ୍ ମସିହ୍ ମଉଦ୍ ମୋ ସହିତ ମୋ କବରରେ ସମାଧିସ୍ଥ ହେବ । ଅର୍ଥାତ୍ ଶେଷ ଦିବସରେ ମସିହ୍‌କୁ ମୋର ସାହଚର୍ଯ୍ୟତ୍ୱ ପ୍ରାପ୍ତ ହେବ ଏବଂ ସେ ମୋ ସହିତ ରହିବ ବା ତା'କୁ ମୋ ସହିତ ରଖାଯିବ । ଅତଃ ଏହା ଆବଶ୍ୟକ ଥିଲା ଯେ, ଆପଣ ଅ.ସଙ୍କ ଈଶ୍ୱରଦତ୍ତ ମିଶନକୁ ସଂପୂର୍ଣ୍ଣ କରିବା ନିମନ୍ତେ ମଧ୍ୟ ଆପଣ ଅ.ସଙ୍କ ପରେ ଖିଲାଫତ୍ ବ୍ୟବସ୍ଥା ସ୍ଥାପନ ହେଉ । ସୁତରାଂ ଆପଣ ଅ.ସ ନିଜର ପୁସ୍ତକ ଓ ମଲଫୁଜାତ୍‌ର ଅନେକ ସ୍ଥାନରେ ଉକ୍ତ ବ୍ୟବସ୍ଥା ଆଡ଼କୁ କେବଳ ଇଙ୍ଗିତ କରିଛନ୍ତି ତାହା ନୁହେଁ । ବରଂ ଆପଣ ଅ.ସଙ୍କ ଅନେକ ଐଶୀବାଣୀରେ ମଧ୍ୟ ଉକ୍ତ ବ୍ୟବସ୍ଥା ଆଡ଼କୁ ଇଙ୍ଗିତ ଦେଖିବାକୁ ମିଳିଥାଏ । କିନ୍ତୁ ମୁଁ ଏଠାରେ ସଂକ୍ଷେପରେ କେବଳ ଗୋଟିଏ ଉଦାହରଣ ଉପସ୍ଥାପିତ କରିବା ଯଥେଷ୍ଟ ବୋଲି ମନେକରୁଛି । ତାହା ଏହିକିଯେ, ଆପଣ ଅ.ସ ନିଜର ବିୟୋଗ କାଳ ପାଖେଇ ଆସୁଥିବାର ଅନୁଭବ କରି ନିଜର ଅନୁଗାମୀମାନଙ୍କ ନିମନ୍ତେ ଓସିୟତ୍ ସ୍ୱରୂପ ଉଲ୍ଲେଖ କିରଥିଲେ । ଆପଣ ଅ.ସ କୁହନ୍ତି:

"ଅଲ୍ଲାଃତାଲା ନିଜର କଥନରେ ମୋତେ କୁହନ୍ତି........ସେ ଉକ୍ତ ସଂପ୍ରଦାୟକୁ ସଂପୂର୍ଣ୍ଣ ଉନ୍ନତି ପ୍ରଦାନ କରିବେ । ଅର୍ଥାତ୍ କେତେକ ଉନ୍ନତି ମୋ ହସ୍ତ ଦ୍ୱାରା ହେବ ଓ ଆଉ କେତେକ ଉନ୍ନତି ମୋ ମୃତ୍ୟୁ ପରେ ହେବ । ଏହା ଈଶ୍ୱରଙ୍କର ପରମ୍ପରା ରହିଛି ଓ ଈଶ୍ୱର ଯେବେ ଠାରୁ ମନୁଷ୍ୟକୁ ଧରାପୃଷ୍ଠରେ ସୃଷ୍ଟି କରିଛନ୍ତି ସେବେଠାରୁ ସେ ଉକ୍ତ ପରମ୍ପରାକୁ ପ୍ରକାଶିତ କରି ଆସିଛନ୍ତି ଯେ, ସେ ନିଜର ଅବତାରମାନଙ୍କୁ ଓ ବାର୍ତ୍ତାବହମାନଙ୍କୁ ସାହାଯ୍ୟ କରି ଆସିଛନ୍ତି । ଈଶ୍ୱର ନିଜର ବାର୍ତ୍ତାବହ ଏବଂ ଅବତାରମାନଙ୍କୁ ପାପ ଉପରେ ବିଜୟ ପ୍ରଦାନ କରି ଆସିଛନ୍ତି । ଈଶ୍ୱର ଯେଉଁ ସତ୍ୟତାକୁ ସମଗ୍ର ସଂସାରରେ ପ୍ରସାରିତ କରିବାକୁ ଚାହୁଁଛନ୍ତି ସେବେ ଠାରୁ ତା'ର ବୀଜ ବପନ କରି ସେହି ଅବତାରମାନଙ୍କ ହସ୍ତ ଦ୍ୱାରା କରିଦେଇ ଥାଆନ୍ତି । କିନ୍ତୁ ଏହାର ସଂପୂର୍ଣ୍ଣ ପରିସମାପ୍ତ ସେମାନଙ୍କ ହସ୍ତ ଦ୍ୱାରା କରନ୍ତି ନାହିଁ ବରଂ ଏପରି ସମୟରେ ସେମାନଙ୍କୁ ମୃତ୍ୟୁ ପ୍ରଦାନ କରି ଯାହାକି ପ୍ରକାଶ୍ୟ ରୂପେ ଅକୃତକାର୍ଯ୍ୟର ଭୟ ନିଜ ମଧ୍ୟରେ ନିହିତ ରଖିଥାଏ.......ନିଜ ଐଶ୍ୱରିକ ସାମର୍ଥ୍ୟତାର ଅନ୍ୟ ଏକ ହସ୍ତ ଅବଲୋକନ କରାନ୍ତି ଓ ଏପରି ସାଧନ ସୃଷ୍ଟି କରନ୍ତି ଯାହା ମାଧ୍ୟମରେ ସେହି ଅପୂର୍ଣ୍ଣ ଅଭିପ୍ରାୟ ଯାହା ଅସଫଳ ଏବଂ ଅପୂର୍ଣ୍ଣ ହୋଇ ରହିଯାଇଥିଲା ତାହା ସଂପୂର୍ଣ୍ଣ ହୋଇଯାଉ । ସୁତରାଂ ଈଶ୍ୱର ଦୁଇ ପ୍ରକାରର ଶକ୍ତି ପ୍ରକାଶ କରିଥାଆନ୍ତି । (1) ସ୍ୱୟଂ ଅବତାରମାନଙ୍କ ହସ୍ତରୁ ନିଜ ଲୀଳା ତଥା ଶକ୍ତିର ହସ୍ତ ଦେଖାଇ ଥାଆନ୍ତି । (2) ଏପରି ସମୟରେ ଯେତେବେଳେ ଅବତାରଙ୍କ ବିୟୋଗ ପରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ........ଈଶ୍ୱର ଦ୍ୱିତୀୟ ଥର ନିଜର ବଳିଷ୍ଠ ଲୀଳା ପ୍ରଦର୍ଶିତ କରିଥାଆନ୍ତି ଏବଂ ପତନ୍ମୋଖୀ ସଂପ୍ରଦାୟକୁ ସମ୍ଭାଳି ନେଇ ଥାଆନ୍ତି । ସୁତରାଂ ଯେଉଁ ବ୍ୟକ୍ତି ଧୈର୍ଯ୍ୟ ପ୍ରଦର୍ଶନ କରିଥାଏ ସେହି ବ୍ୟକ୍ତିକୁ ଈଶ୍ୱର ଚମତ୍କାର ଦେଖାଇ ଥାଆନ୍ତି । ଯେପରିକି ସତ୍ୟବାଦୀ ହ. ଅବୁ ବକ୍କର ର.ଅଙ୍କ କାଳରେ ହୋଇଥିଲା । ଆଁହଜରତ ସ.ଅଙ୍କ ଯେତେବେଳେ ଅକାଳ ବିୟୋଗ ହେଲା ଏବଂ ଅନେକ ପୁରପଲ୍ଲୀ ତଥା ଆଦିବାସୀ ଲୋକମାନେ ଧର୍ମଚ୍ୟୁତ ଏବଂ ଧର୍ମାନ୍ତରଣ ହୋଇଗଲେ, ସେତେବେଳେ ସାହାବାମାନେ ମଧ୍ୟ ଦୁଃଖିତ ହୋଇ ପାଗଳ ପ୍ରାୟ ହୋଇଯାଇଥିଲେ । ସେତେବେଳେ ଈଶ୍ୱର ସତ୍ୟବାଦୀ ହ. ଅବୁ ବକ୍କର ର.ଅଙ୍କୁ ଛିଡ଼ା କରି ପୁନଃ ନିଜ ବିଚିତ୍ର ଲୀଳାର ଉଦାହରଣ ପ୍ରଦର୍ଶନ କରିଥିଲେ ଏବଂ ଇସ୍‌ଲାମ୍ ଧର୍ମକୁ ବିନାଶ ହେବାରୁ ରକ୍ଷା କରି ନେଇଥିଲେ ଏବଂ ପ୍ରଭୁ ସେହି ଅଙ୍ଗୀକାରକୁ ପୂର୍ଣ୍ଣ କରିଥିଲେ ଯେ, وَلَيُمَكِّنَنَّ لَهُمْ دِيْنَهُمُ الَّذِي ارْتَضٰى لَهُمْ وَلَيُبَدِّلَنَّهُمْ مِّنْ بَعْدِ خَوْفِهِمْ اَمْنًا। ଅର୍ଥାତ୍ ମୁସଲମାନମାନଙ୍କର ଭୟପ୍ରଦ ଅବସ୍ଥାକୁ ପରେ ସେ ସେମାନଙ୍କ ପାଇଁ ଶାନ୍ତିପ୍ରଦ ଅବସ୍ଥାରେ ପରିଣତ କରିଦେବେ । ଠିକ୍ ସେହିପରି ହ. ମୁସା ଅ.ସଙ୍କ ବିୟୋଗ ସମୟରେ ହୋଇଥିଲା.....ସେହିପରି ହ. ଇସା ଅ.ସଙ୍କ ସହିତ ସମାନ ପ୍ରସଙ୍ଗ ହୋଇଥିଲା.......ସୁତରାଂ ହେ ପ୍ରିୟଜନ ! ଅଲ୍ଲାଃତାଲାଙ୍କର ଏହି ପ୍ରାଚୀନ ପରମ୍ପରା ରହି ଆସିଛି ଯେ, ଈଶ୍ୱର ଦୁଇଟି ଲୀଳା ପ୍ରଦର୍ଶିତ କରିଥାଆନ୍ତି। କାରଣ ସେ ବିରୋଧୀମାନଙ୍କର ଦୁଇଟି ମିଥ୍ୟା ଆନନ୍ଦକୁ ବିନାଶ କିର ଦେଖାଇ ଦେବେ । ସୁତରାଂ ବର୍ତ୍ତମାନ ଆଉ ସମ୍ଭବପର ନୁହେଁ ଯେ, ଈଶ୍ୱର ନିଜର ପ୍ରାଚୀନ ପରମ୍ପରାକୁ ପରିତ୍ୟାଗ କରିଦେବେ । ଅତଏବ୍ ମୁଁ ତୁମମାନଙ୍କ ସମ୍ମୁଖରେ ଯେଉଁ କଥା ବର୍ଣ୍ଣନା କଲି ତୁମେ ସେହି କଥା ଯୋଗୁଁ (ଅର୍ଥାତ୍ ମୋର ମୃତ୍ୟୁ ନିକଟବର୍ତ୍ତୀ ହେବାର ସୂଚନା) ଦୁଃଖିତ ଏବଂ ମର୍ମାହତ ହେବ ନାହିଁ ଏବଂ ତୁମମାନଙ୍କର ହୃଦୟ ଚିନ୍ତିତ, ବ୍ୟାକୁଳିତ ହୋଇ ନଯାଉ । କାରଣ ତୁମମାନଙ୍କ ସକାଶେ ଅନ୍ୟ ଏକ ଲୀଳାକୁ ଅବଲୋକନ କରିବା ମଧ୍ୟ ବିଧେୟ.......ଈଶ୍ୱରରଙ୍କ ପକ୍ଷରୁ ମୁଁ ଏକ ସଂପୂର୍ଣ୍ଣ ତଥା ପୂର୍ଣ୍ଣାଙ୍ଗ ଲୀଳା ଅଟେ । ମୋ ପରେ ଆହୁରି ଅନ୍ୟ କେତେକ ଅସ୍ତିତ୍ୱ ହେବେ ଯେଉଁମାନେ ଅନ୍ୟ ଲୀଳାର ଅଧିକାରୀ ହେବେ ।" **(ରିସାଲା ଅଲ୍ ଓସିୟତ୍)**

ଉପରୋକ୍ତ ପଂକ୍ତିଗୁଡ଼ିକ ସ୍ପଷ୍ଟ ଭାବରେ ଏବଂ ଉଦ୍ଦିଷ୍ଟମୂଳକ ଭାବରେ ଖିଲାଫତ୍ ବ୍ୟବସ୍ଥା ଆଡ଼କୁ ଇଙ୍ଗିତ କରୁଅଛି ତତ୍‌ସଂପର୍କରେ ବର୍ଣ୍ଣନା କରିବାର ଆଉ ଆବଶ୍ୟକତା ନାହିଁ । ଉକ୍ତ ପଂକ୍ତିଗୁଡ଼ିକ ଓସିୟତ୍ ସ୍ୱରୂପ ଉଲ୍ଲେଖ କରାଯାଇଛି । ଅର୍ଥାତ୍ ଯେତେବେଳେ ହ. ମସିହ୍ ମଉଦ୍ ଅ.ସ ଈଶ୍ୱରଙ୍କ ଠାରୁ ମୃତ୍ୟୁ ନିକଟବର୍ତ୍ତୀ ହେବାର ସୂଚନା ପ୍ରାପ୍ତ କରି ନିଜ ପରେ ବ୍ୟବସ୍ଥା ସଂକ୍ରାନ୍ତରେ ନିଜର ଜମାଅତ୍‌କୁ ଶେଷ ଉପଦେଶ ଦେଲେ । ସୁତରାଂ ପ୍ରତ୍ୟେକ ବ୍ୟକ୍ତି ଅତି ସହଜେ ଉକ୍ତ କଥାକୁ ବୁଝି ପାରିବ ଯେ, ଉପରୋକ୍ତ ପଂକ୍ତିମାନଙ୍କରେ ନିମ୍ନ ଲିଖିତ କଥା ସବ୍ୟସ୍ତ ହେଉଛି :

(1) ଈଶ୍ୱର ଅବତାରମାନଙ୍କର କାର୍ଯ୍ୟ ନିମନ୍ତେ ଦୁଇ ପ୍ରକାରର ଲୀଳା ପ୍ରଦର୍ଶନ କରି ଥାଆନ୍ତି । (i) ଅର୍ଥାତ୍ ପ୍ରଭୁ ସ୍ୱୟଂ ଅବତାରମାନଙ୍କ କାଳରେ (ii) ଅବତାରମାନଙ୍କ ବିୟୋଗ ପରେ ଲୀଳା ପ୍ରଦର୍ଶନ କରିଥାଆନ୍ତି । କାରଣ ସେହି ଅବତାରମାନଙ୍କର ମିଶନ ଏବଂ ସେମାନଙ୍କ ଜମାଅତ୍‌କୁ ଏକ ଦୀର୍ଘ କାଳ ପର୍ଯ୍ୟନ୍ତ ନିଜର ବିଶେଷ ତତ୍ତ୍ୱାବଧାନରେ ରଖି ଉନ୍ନତି ପ୍ରଦାନ କରି ଜମାଅତ୍‌କୁ ଶେଷ ପର୍ଯ୍ୟନ୍ତ ଅର୍ଥାତ ସାଫଲ୍ୟମଣ୍ଡିତ କରି ଥାଆନ୍ତି ।

(2) ଦ୍ୱିତୀୟ ଲୀଳା ଖିଲାଫତ୍ ଆକାରରେ ପ୍ରକଟିତ ହୋଇଥାଏ । ଯେପରିକି ଆଁହଜରତ ସ.ଅଙ୍କ ପରେ ହ. ଅବୁ ବକ୍କର ର.ଅଙ୍କ ଅସ୍ତିତ୍ୱରେ ପ୍ରକାଶିତ ହୋଇଥିଲା।

(3) ଖିଲାଫତ୍‌ର ବ୍ୟବସ୍ଥା ଅବତାରତ୍ୱ ବ୍ୟବସ୍ଥାର ଏକ ଅଂଶ ବିଶେଷ ଓ ଏହାର ପରିଶିଷ୍ଟ ଅଟେ ଏହା ଐଶ୍ୱରିକ ପରମ୍ପରାର ରୂପ ଅଟେ ଓ ପ୍ରତ୍ୟେକ ଅବତାରଙ୍କ କାଳରେ ତାହା ସ୍ଥାପନ ହୋଇ ଆସୁଛି ।

(4) ହ. ମସିହ୍ ମଉଦ୍ ଅ.ସଙ୍କ ବିୟୋଗ ପରେ ମଧ୍ୟ ଏହି ଢଙ୍ଗରେ ଦ୍ୱିତୀୟ ଲୀଳା ପ୍ରାଦୁର୍ଭୂତ ହେବା ନିୟତିକୃତ ଥିଲା । କାରଣ ଯେପରିକି ଆପଣ ଅ.ସ ସ୍ୱୟଂ ଏକ ସାକ୍ଷାତ୍ ଲୀଳାର ସ୍ୱରୂପ ଥିଲେ, ଆପଣ ଅ.ସଙ୍କ ପରେ ଅନ୍ୟ କେତେକ ଅସ୍ତିତ୍ୱ ଅନ୍ୟ ଲୀଳା ବା ଶକ୍ତିର ଅଧିକାରୀ ଏବଂ ପରିପ୍ରକାଶ ହେବେ । ତେଣୁ ସେହି ଅସ୍ତିତ୍ୱମାନେ ହ. ଅବୁ ବକ୍କର ର.ଅଙ୍କ ଶୈଳୀରେ ପ୍ରକଟିତ ହେବେ ।

(5) ଅବତାରଙ୍କ ବିୟୋଗ ପରେ ଆଗମନକାରୀ ଖଲିଫାମାନେ ପ୍ରକାଶ୍ୟ ରୂପେ ଲୋକମାନଙ୍କ ଦ୍ୱାରା ମନୋନୀତ ହୋଇ ଥାଆନ୍ତୁ ପଛେ କିନ୍ତୁ ପ୍ରକୃତରେ ସେମାନଙ୍କ ନିଯୁକ୍ତ ହେବାରେ ଈଶ୍ୱରଙ୍କ ହସ୍ତ କାର୍ଯ୍ୟ କରିଥାଏ ଏବଂ ବାସ୍ତବରେ ଖଲିଫା ଈଶ୍ୱର ହିଁ ସୃଷ୍ଟି କରି ଥାଆନ୍ତି ।

(6) ସୁରାଃ ନୁର୍‌ର ଆୟତ୍ ଇସ୍ତିଖଲାଫ୍ ଖିଲାଫତ୍ ବ୍ୟବସ୍ଥା ସହିତ ସଂପର୍କିତ ଅଟେ । ହ. ଅବୁ ବକ୍କର ର.ଅଙ୍କ ଖିଲାଫତ୍ ସେହି ଆୟତ୍ ଅନୁଯାୟୀ ଥିଲା । ହ. ମସିହ୍ ମଉଦ୍ ଅ.ସଙ୍କ ପରବର୍ତ୍ତୀ ଖିଲାଫତ୍ ମଧ୍ୟ ସେହି ଆୟତ୍ ଅନୁଯାୟୀ ହେବାର ଥିଲା । ଉପରୋକ୍ତରେ ବର୍ଣ୍ଣିତ ଏହି 6ଟି କାରଣରୁ ନିଃସନ୍ଦେହ ରୂପେ ଏହା ପ୍ରମାଣିତ ତଥା ସାବ୍ୟସ୍ତ ହୋଇଥାଏ ଯେ, ଏହି ପ୍ରମାଣ ଏପରି ସ୍ପଷ୍ଟ ଏବଂ ଜାଜ୍ୱଲ୍ୟମାନ ପ୍ରମାଣ ଅଟେ ଯେ, କୌଣସି ବୁଦ୍ଧିମାନ ବ୍ୟକ୍ତି, ବିଦ୍ୱେଷକାରୀ ବ୍ୟକ୍ତି ଏହାକୁ ପ୍ରତ୍ୟାଖ୍ୟାନ କରିପାରିବ ନାହିଁ । ଉକ୍ତ ପ୍ରାମାଣ୍ୟ ମଧ୍ୟ ସେହି ପରିସ୍ଥିତି ଏବଂ ବାକ୍ୟର ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ଶୈଳୀରୁ, ଶବ୍ଦ ସମୂହରୁ, କଥନ ଶୈଳୀରୁ ପ୍ରତିଭାତ ହୁଏ ଯେ, ଉକ୍ତ ଆୟତ୍‌ଟି ଆଦେଶାବଳୀର ରୂପ ଅଟେ । ଏହା ବିପକ୍ଷରେ ସନ୍ଦେହ ଓ ସଂଶୟକୁ ଉପସ୍ଥାପିତ କରିବ, ଯାହା ବିଶିଷ୍ଟ କାର୍ଯ୍ୟ ସଂପର୍କିତ, ବିଶେଷ ପରିସ୍ଥିତି, ବିଶେଷ ପରିବେଶରେ ଅଞ୍ଜୁମନ୍ ସଂକ୍ରାନ୍ତରେ ଉଲ୍ଲେଖ କରାଯାଇଛି ତାହା ଏକ ଉପଦ୍ରବ କିମ୍ବା ପାଗଳାମୀ ତୁଲ୍ୟ କାର୍ଯ୍ୟ ଠାରୁ ଅଧିକ କିଛି ନୁହେଁ । ଯଦି ଏହା ପାଗଳାମୀ ନୁହେଁ ତାହାହେଲେ **ନାଉଜୁବିଲ୍ଲାଃ** ପୁନଃ **ନାଉଜୁବିଲ୍ଲାଃ** ଈଶ୍ୱରଙ୍କ ନିର୍ଦ୍ଧାରିତ ମସିହ୍ ପାଗଳ ଅଟନ୍ତି । କାରଣ ମସିହ୍ ଏକପକ୍ଷରେ ନିଜର ମିଶନର ସଂପୂର୍ଣ୍ଣତ୍ୱ ଓ ନିଜର ବିୟୋଗ ଅନ୍ତେ ଖିଲାଫତ୍ ବ୍ୟବସ୍ଥା ସଂପ୍ରକରେ ଐଶ୍ୱରୀକ ପରମ୍ପରା ଅନୁଯାୟୀ ଦୁଇଟି ଲୀଳା ବା ଦୁଇଟି ଶକ୍ତିଙ୍କର ପ୍ରାଦୁର୍ଭୂତ ହେବାର ଚର୍ଚ୍ଚ କରିଲେ ଏବଂ ଉଦାହରଣ ଦେଇ କହିଲେ ଯେ, ଅନ୍ୟ ଲୀଳା ସତ୍ୟବାଦୀ ହ. ଅବୁ ବକ୍କର ର.ଅଙ୍କ ଶୈଳୀରେ (ଆକାରରେ) ପ୍ରଦୁର୍ଭୂତ ହୋଇଥାଆନ୍ତି । ପୁନଶ୍ଚ ଆପଣ ଅ.ସ ଏହା ସ୍ପଷ୍ଟ କଲେ ଯେ, ମୁଁ ଈଶ୍ୱରଙ୍କ ସାକ୍ଷାତ୍ ଅପୂର୍ବ, ଅଲୌକିକ ଲୀଳା ଅଟେ, ମୋ ପରେ ଅନ୍ୟ କେତେକ ଅସ୍ତିତ୍ୱ ହେବେ ଯେଉଁମାନେ ଅନ୍ୟ ଲୀଳା, ଶକ୍ତି ତଥା ବିଶେଷତାର ଅଧିକୀରା ଏବଂ ପରିପ୍ରକାଶକ ହେବେ । କିନ୍ତୁ ତତ୍‌ସହିତ ଅନ୍ୟ ଏକ ପାର୍ଶ୍ୱ ମଧ୍ୟ ରହିଛି ଯାହାକି ସେହି ସମସ୍ତ କଥନକୁ ବିସ୍ମୃତ କରି ସେହି କଥାକୁ ପଛରେ ପକାଇ ଅଞ୍ଜୁମନ୍‌କୁ ନିଜର ଖଲିଫା ରୂପେ ବରଣ କଲେ । କିନ୍ତୁ ଅଞ୍ଜୁମନ୍ ଆପଣ ଅ.ସଙ୍କ ଜୀବନକାଳ ମଧ୍ୟରେ ବହିଁ ସ୍ଥାପିତ ହୋଇଯାଇଥିଲା । ଅଞ୍ଜୁମନ୍‌ର ଉତ୍ତରାଧିକାରୀ ଯେଉଁ ଅର୍ଥରେ ବି ଥିଲା ତାହା ସ୍ୱତଃ ଆପଣ ଅ.ସଙ୍କ ଉପସ୍ଥିତିରେ ଆରମ୍ଭ ହୋଇଯାଇଥିଲା । ହ. ମସିହ୍ ମଉଦ୍ ଅ.ସଙ୍କ ଆଡ଼କୁ ଉକ୍ତ ପାଗଳାମୀମୂଳକ ପ୍ରତିକୂଳତା ବୋଲି ଇଙ୍ଗିତ କରିବା ସନ୍ଦେଶ ବାହକକୁ ଅଭିନନ୍ଦନ (ହେଉ) । ଆମେ ପ୍ରସନ୍ନ ଯେ, ଆମର କାନି ଉକ୍ତ ପାଗାଳାମୀମୂଳକ କଳଙ୍କ ଠାରୁ ପବିତ୍ର ଅଟେ । ଏପରି ହୁଅନ୍ତା କି ଏହି ଲୋକମାନେ କେବଳ ଏହି କଥା ଉପରେ ବିଚାର କରନ୍ତେ କି ହ. ମସିହ୍ ମଉଦ୍ ଅ.ସ ଯେଉଁଠି ବି ନିଜର ଈଶ୍ୱରଦତ୍ତ ମିଶନର ପରିପୂର୍ଣ୍ଣତା ଏବଂ ସଂପ୍ରଦାୟର କାର୍ଯ୍ୟକୁ ସମ୍ଭାଳିବା ଏବଂ ପରିଚାଳନା କରିବାର ଚର୍ଚ୍ଚା କରିଛନ୍ତି ସେଠାରେ କୌଣସି ସ୍ଥାନରେ ଆପଣ ଅ.ସ ଅଞ୍ଜୁମନର ଚର୍ଚ୍ଚା କରି ନାହାନ୍ତି । ଆପଣ ଅ.ସ କେବଳ ଖିଲାଫତ୍‌ର ଚର୍ଚ୍ଚା କରି ନାହାନ୍ତି ବରଂ କେବଳ ଖିଲାଫତ୍‌ର ହିଁ ଚର୍ଚ୍ଚା

କରିଛନ୍ତି । ଦୁଇଟି ଅଦୃଶ୍ୟ ଶକ୍ତି ତଥା ଲୀଳାର ନୀତିକୁ ବର୍ଣ୍ଣନା କରି, ଉଦାହରଣ ଦେଇ ସ୍ପଷ୍ଟ କଲେ ଯେ, ଉକ୍ତ କାର୍ଯ୍ୟ ସକାଶେ ଈଶ୍ୱର ଏହିପରି ବ୍ୟବସ୍ଥା ସ୍ଥିର କରିଛନ୍ତି । ଯେପରିକି ହ. ଅବୁ ବକ୍କର ର.ଅଙ୍କ କାଳରେ ପ୍ରକାଶିତ ହୋଇଥିଲା ଏବଂ ଏହା ପ୍ରଭୁଙ୍କର ପରମ୍ପରା ଅଟେ ଯାହା ସମସ୍ତ ଅବତାରମାନଙ୍କ କାଳରେ ପ୍ରକାଶିତ ହେଉଥିଲା ଏବଂ କେବେ ବି ପରବିର୍ତ୍ତିତ ହୋଇପାରିବ ନାହିଁ । ଏହାର ବିପରୀତରେ ଅଞ୍ଜୁମନ୍‌ର ଚର୍ଚ୍ଚା କେବଳ ଅଧୀନସ୍ଥ କାର୍ଯ୍ୟ ପ୍ରସଙ୍ଗରେ ଆସିଛି । ତତ୍‌ସହିତ ହ. ମସିହ୍ ମଉଦ୍ ଅ.ସ ଏହି ଆବିଷ୍କାରକ ସର୍ତ୍ତ ଏବଂ ସୀମା ନିର୍ଦ୍ଧାରଣ କରିଦେଲେ ଯେ, ଉକ୍ତ ଅଞ୍ଜୁମନ୍ ନିମନ୍ତେ ଏହା ଆବଶ୍ୟକ ହେବ ଯେ, ଅଞ୍ଜୁମନ "ଅହେମଦିୟା ସଂପ୍ରଦାୟର ମାର୍ଗଦର୍ଶିକା ଅନୁଯାୟୀ" ନିଜର କାର୍ଯ୍ୟ ସମ୍ପାଦନ କରିବ ।

**(ରିସାଲା ଅଲ୍ ୱସିୟତ୍)**

ଅର୍ଥାତ୍ ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ଖଲିଫାମାନେ ଓ ଦ୍ୱିତୀୟ ଐଶୀ ଶକ୍ତି ବା ଲୀଳାର (ପରିପ୍ରକାଶମାନଙ୍କ) ତତ୍ତ୍ୱାବଧାନରେ ଅଞ୍ଜୁମନ୍ ଅହେମଦିୟା କାର୍ଯ୍ୟ କରିବ । ସୁତରାଂ ଏହି ସ୍ପଷ୍ଟୀକରଣଗୁଡ଼ିକରେ ଆମ ଠାରୁ ଭିନ୍ନ ହୋଇଯାଇଥିବା ଭାଇମାନଙ୍କ ମାର୍ଗଦର୍ଶନ ନିମନ୍ତେ କୌଣସି ସାଧନ ନାହିଁ କି ? ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, فَاِنَّهَا لَا تَعۡمَی الۡقُلُوۡبُ الَّتِیۡ فِی الصُّدُوۡرِ ପୁନଶ୍ଚ ଆମ୍ଭର ସର୍ବଶକ୍ତିମାନ ଏବଂ ପରିବର୍ତ୍ତନକାରୀ ଈଶ୍ୱର ଖିଲାଫତ୍‌ର ପ୍ରଶ୍ନକୁ କେବଳ ଶାବ୍ଦିକ ଏବଂ ବାଚିକ ସ୍ପଷ୍ଟୀକରଣ ପର୍ଯ୍ୟନ୍ତ ଛାଡ଼ି ନାହାନ୍ତି । ବରଂ ନିଜର ବଳିଷ୍ଠ କାର୍ଯ୍ୟ ସହିତ ଏହା ଉପରେ ପୁଷ୍ଟିର ମୋହୋର ମଧ୍ୟ ମାରି ଦେଇଛନ୍ତି । ଅତଃ ହ. ମସିହ୍ ମଉଦ୍ ଅ.ସଙ୍କ ବିୟୋଗ ପରେ ଜମାଅତ୍‌ରେ ଯାହାକି ସର୍ବପ୍ରଥମ ଇଜ୍‌ମା (ମୁସଲମାନମାନଙ୍କର ଧାର୍ମିକ ସମସ୍ୟା ସଂପର୍କରେ ବହୁମତ ପ୍ରଦାନ କରିବା) ହେଲା ତାହା ଖିଲାଫତ୍ ସଂପର୍କରେ ହିଁ ଥିଲା । ଉକ୍ତ ଇଜ୍‌ମା ମଧ୍ୟ ପ୍ରଭୁ ସେହି ଲୋକମାନଙ୍କ ହସ୍ତ ଦ୍ୱାରା ସମ୍ପାଦିତ କରାଇଲେ ଯେଉଁମାନେ ବର୍ତ୍ତମାନ ଖିଲାଫତ୍‌କୁ ପ୍ରତ୍ୟାଖ୍ୟାନ କରି ଅଞ୍ଜୁମନ୍‌ର ସୁର ଗାଉଛନ୍ତି । ସୁତରାଂ ହ. ମସିହ୍ ମଉଦ୍ ଅ.ସଙ୍କ ବିୟୋଗ ପରେ ଖ୍ୱାଜା କମାଲୁଦ୍ଦୀନ୍ ସାହେବ ଯେକି ସେତେବେଳେ ସଦର୍ ଅଞ୍ଜୁମନ ଅହେମଦିୟାର ସଚିବ ଥିଲେ । ସେ ଅଞ୍ଜୁମନ ପକ୍ଷରୁ ନିମ୍ନୋକ୍ତ ଘୋଷଣା କଲେ:

"ହୁଜୁର୍ ଅ.ସଙ୍କ ଯନାଜାଃ କାଦିଆନ ଠାରେ ପାଠ କରାଯିବା ପୂର୍ବରୁ ଆପଣ ଅ.ସଙ୍କ ଦ୍ୱାରା ଉଲ୍ଲିଖିତ ଓସିୟତ୍ ପତ୍ରିକା 'ଅଲଓସିୟତ୍' ଅନୁଯାୟୀ ପରାମର୍ଶ କ୍ରମେ ସଦର୍ ଅଞ୍ଜୁମନର ସଚିବମାନେ ସାଂପ୍ରତିକ କାଦିଆନ୍ ତଥା ହ. ମସିହ୍ ମଉଦ୍ ଅ.ସଙ୍କ ନିକଟ ଆତ୍ମୀୟ ସ୍ୱଜନମାନଙ୍କ ଅନୁମତି କ୍ରମେ ହ. ଉମ୍ମୁଲ୍ ମୁମନିନିନ୍ ଯେକି କାଦିଆନରେ ସମସ୍ତ ଜମାଅତର ସଂଖ୍ୟା ଉପସ୍ଥିତ ଥିଲେ । ଅର୍ଥାତ୍ 1200 ସଂଖ୍ୟକ ଲୋକମାନେ ଆପଣ ର.ଅଙ୍କ ସହିତ ସେତେବେଳେ ଉପସ୍ଥିତ ଥିଲେ । ସେହି ଲୋକମାନେ ମର୍ଯ୍ୟାଦାସମ୍ପନ୍ନ ବ୍ୟକ୍ତି ହ. ହାଜିଉଲ୍ ହରମୈନ୍ (ମକ୍କା ମଦିନାର ହଜ୍ କରିଥିବା ବ୍ୟକ୍ତି ସମ୍ମାନନୀୟ ସ୍ୱର୍ଗତ ହକିମ୍ ନୁରୁଦ୍ଦୀନ ସାହେବଙ୍କୁ ଆପଣ ଅ.ସଙ୍କ ଉତ୍ତରାଧିକାରୀ ଏବଂ ଖଲିଫା ରୂପେ ସ୍ୱୀକାର କଲେ ଓ ଆପଣ (ଖଲିଫା ଅୱଲ୍) ର.ଅଙ୍କ ହସ୍ତ ଉପରେ ବୈଅତ୍ କଲେ ।" **(ଅଲ୍ ହକମରେ ଉଲ୍ଲିଖିତ ଘୋଷଣା ସଂକ୍ରାନ୍ତୀୟ, ତା-28 ମେ-1908 ମସିହା ଏବଂ ବଦର୍- ତା-2 ଜୁନ୍ 1908 ମସିହା)**

ଏହା ହେଉଛି ସେହି ପ୍ରଥମ ଇଜ୍‌ମା (ବହୁମତ) ଯାହା ହ. ମସିହ୍ ମଉଦ୍ ଅ.ସଙ୍କ ବିୟୋର ପରେ ଜମାଅତ୍‌ରେ ହୋଇଥିଲା । ଯହିଁରେ ସଦର୍ ଅଞ୍ଜୁମନ ଅହେମଦିୟାର ସଦସ୍ୟଗଣ (ହଁ ସେହି ଅଞ୍ଜୁମନ ଯାହାକୁ ଅଞ୍ଜୁମନର ସ୍ଥାନାପନ୍ନ ବୋଲି କୁହାଯାଏ) ଏବଂ ସେତେବେଳେ ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦ ସାମିଲ୍ ଥିଲେ ଏବଂ ସର୍ବସମ୍ମତିମ ପ୍ରକାଶ କରିଥିଲେ । ସୁତରାଂ ଖିଲାଫତ୍ ସପକ୍ଷରେ କେବଳ ଈଶ୍ୱରଙ୍କ କଥନ ନୁହେଁ ବରଂ ବଳିଷ୍ଠ କର୍ମ ମଧ୍ୟ ଖିଲାଫତ ସପକ୍ଷରେ ପୁଷ୍ଟିଗତ ମୋହୋର ମାରିଛି । ବର୍ତ୍ତମାନ କିଏ ସେହି ବ୍ୟକ୍ତି ଯିଏ ଉକ୍ତ ମୋହାରକୁ ଭାଙ୍ଗି ପାରିବ ?

ଏହି ଚିନ୍ତାଧାରା ଯେ, ଉକ୍ତ ଯୁଗ ହେଉଛି ଗଣତନ୍ତ୍ରର ଯୁଗ ଏବଂ ବ୍ୟକ୍ତିବିଶେଷ ଖିଲାଫତ୍ ବଦଳରେ ଅଞ୍ଜୁମନର ବ୍ୟବସ୍ଥା ହେବା ଯୁକ୍ତିଯୁକ୍ତ ବୋଲି କହିବା ମୂର୍ଖତାମୂଳକ ବିଚାରଧାରା ଅଟେ । କାରଣ ପ୍ରଥମତଃ ଉକ୍ତ ବ୍ୟବସ୍ଥାର ଦାୟିତ୍ୱ ଈଶ୍ୱରଙ୍କ ଉପରେ ନ୍ୟସ୍ତ ହୋଇଛି ନା କି ଆମମାନଙ୍କ ଉପରେ କିମ୍ବା ଅନ୍ୟ ଉପରେ ଈଶ୍ୱର ଯେପରି ପସନ୍ଦ କଲେ ଏବଂ ସର୍ବୋତ୍ତମ ବୋଲି ମନେକରି ଏହି ବ୍ୟବସ୍ଥାକୁ ସ୍ଥାପନ କରିଦେଲେ । لَا يُسۡـَٔلُ عَمَّا يَفۡعَلُ وَهُمۡ يُسۡـَٔلُوۡنَ ଏତଦ୍‌ଭିନ୍ନ କ'ଣ ଈଶ୍ୱର ସାଂପ୍ରତିକ ଯୁଗରେ ଅବତାରତ୍ୱ ବ୍ୟବସ୍ଥାକୁ ପରିବର୍ତ୍ତିତ କରିଦେଇଛନ୍ତି ଯେ, ଖିଲାଫତ୍‌ର ବ୍ୟବସ୍ଥାକୁ ପରିବର୍ତ୍ତନ କରିବାର ଆବଶ୍ୟକତା ପଡ଼ିପାରେ ? ଯଦି ଏହି ଗଣତାନ୍ତ୍ରିକ ଯୁଗରେ ମଧ୍ୟ ଈଶ୍ୱର ଜଣେ ବ୍ୟକ୍ତିକୁ ନିୟୋଜିତ ତଥା ନିର୍ଦ୍ଦେଶିତ ବସ୍ତ୍ର ପରିଧାନ କରାଇ ପ୍ରେରଣ କରିଛନ୍ତି ଏବଂ ତା' ସ୍ଥାନରେ ଅଞ୍ଜୁମନ୍‌କୁ ନିଯୁକ୍ତ କରି ପ୍ରେରଣ କରିଛନ୍ତି ତାହାହେଲେ ଖିଲାଫତ୍ ଯାହାକି ସେହି ବ୍ୟବସ୍ଥାର ଏକ ଶାଖା ତାହା କିପରି ପରିବର୍ତ୍ତିତ ହୋଇପାରିବ ? ହଁ ଯଦି ତୁମେ ଚିନ୍ତା କର ତେବେ ଇସ୍‌ଲାମୀୟ ଖିଲାଫତରେ ମଧ୍ୟ ଏକ ଗଣତାନ୍ତ୍ରିକର ଝଲକ ବିଦ୍ୟମାନ ରହିଛି । ଅର୍ଥାତ୍ ପ୍ରଥମତଃ ପ୍ରକାଶ୍ୟ ରୂପେ କହିବାକୁ ଗଲେ ଖଲିଫା ଜମାଅତ୍‌ର ନିର୍ବାଚନ ଦ୍ୱାରା ନିଯୁକ୍ତ ହୋଇଥାଆନ୍ତି । ଦ୍ୱିତୀୟତଃ ଖଲିଫାଙ୍କ ପାଇଁ ଏହି ଆଦେଶ ରିହଛି ଯେ, ସେ ଜମାଅତ୍‌ର ପ୍ରମୁଖ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜମାଅତ୍ ଠାରୁ ପରାମର୍ଶ ଲୋଡ଼ିବେ । ଏପର୍ଯ୍ୟନ୍ତକି ଖଲିଫା ଜମାଅତ୍‌ର ସେହି ମତ ପ୍ରତି ସମ୍ମାନ ପ୍ରଦର୍ଶନ କରୁ । ଖଲିଫାର ଭରସା କେବଳ ଈଶ୍ୱରଙ୍କ ଉପରେ ହେବା ଉଚିତ୍ ଏବଂ ଖଲିଫାକୁ କୌଣସି ପରାମର୍ଶ ବା ମତର ନିୟମାନୁବର୍ତ୍ତୀ ବୋଲି ବିବେଚିତ କରିବା ଭରସା ବିପରୀତ ଅଟେ । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଖିଲାଫତ୍ କେବଳ ବ୍ୟବସ୍ଥା ତଥା ପରିଚାଳନା ଜନିତ ପଦ ନୁହେଁ । ବରଂ ଖଲିଫାକୁ ଜମାଅତ ନିମନ୍ତେ عَلَيۡكُمۡ بِسُنَّتِيۡ وَسُنَّةِ الۡخُلَفَآءِ الرَّاشِدِيۡنَ الۡمَهۡدِيِّيۡنَ ରଆଦେଶାବଳୀ ଅଧୀନ ଆଦର୍ଶ ଏବଂ ଉଦାହରଣ ପାଳଟିବାକୁ ପଡ଼ିବ । ଖଲିଫା ସହିତ ଜମାଅତ୍‌ର ନିଷ୍ଠା ଓ ପ୍ରେମର ଆବେଗାତ୍ମକ ସଂପର୍କ ହେବା ମଧ୍ୟ ବାଞ୍ଛନୀୟ ଅଟେ । ଅତଃ ଯୁଗ ଯାହା ହେଉ ନା କାହିଁକି ଖିଲାଫତ୍ ବ୍ୟକ୍ତିମୂଳକ ରହିବ ! ଏପରି ହୁଅନ୍ତା କି ଆମର ବନ୍ଧୁମାନେ ଉକ୍ତ ବିନ୍ଦୁକୁ ବୁଝି ନିଅନ୍ତେ ?

ବିଶେଷ କରି ଦ୍ୱିତୀୟ ଖିଲାଫତ୍ ସଂକ୍ରାନ୍ତରେ ଏଭଳି ମନ୍ତବ୍ୟ ପ୍ରକାଶ କରିବା ଯେ, ଉକ୍ତ ବ୍ୟକ୍ତିକୁ ଆୟତ୍ ଇସ୍ତିଖଲାଫ୍ ଅଧୀନ ଆଣି ଈଶ୍ୱରଙ୍କ ବ୍ୟବହାରିକ ସାକ୍ଷ୍ୟ ମାଧ୍ୟମରେ ପରଖି ଓ ପୁନଶ୍ଚ ଦେଖ ଯେ, ଉକ୍ତ ବ୍ୟକ୍ତି ମଧ୍ୟରେ ସେହି ଲକ୍ଷଣସବୁ ବିଦ୍ୟମାନ ଅଛି ଅବା ନୁହେଁ ଯାହାକି ଈଶ୍ୱରଙ୍କ ପ୍ରକୃତ ଖଲିଫାମାନଙ୍କ ସଂକ୍ରାନ୍ତରେ ବର୍ଣ୍ଣନା କରାଯାଇଛି ? କ'ଣ ପ୍ରଭୁ ସେହି ବ୍ୟକ୍ତିର ଭୟପ୍ରଦ ଅବସ୍ଥାକୁ ନିଜର ବଳିଷ୍ଠ ଶକ୍ତି ଏବଂ ବଳିଷ୍ଠ ଲୀଳା ଦ୍ୱାରା ଶାନ୍ତିର ଅବସ୍ଥାରେ ରୂପାନ୍ତରିତ କରିଦେଇ ନଥିଲେ? କ'ଣ ଈଶ୍ୱର ସେହି ବ୍ୟକ୍ତି (ଖଲିଫା ସାନି ର.ଅ) ମାଧ୍ୟମରେ ଜମାଅତ୍‌କୁ ଦୃଢ଼ତ୍ୱ ଏବଂ ସ୍ଥାୟୀତ୍ୱତା ପ୍ରଦାନ କରି ନାହାନ୍ତି କି ? କ'ଣ ତା' ସହିତ ପ୍ରତ୍ୟେକ ପାଦରେ ଈଶ୍ୱରଙ୍କ ସାହାଯ୍ୟର ହସ୍ତ ଦୃଶ୍ୟମାନ ହେଉ ନାହିଁ କି ? କ'ଣ ଆମର ଖଲିଫା ଏକ ସୁଉଚ୍ଚ ଏବଂ ଦୃଢ଼ ସୌଧ (ମିନାରା) ପରି ଏକେଶ୍ୱରବାଦର ଧ୍ୱଜ ବାହକ ନୁହନ୍ତି କି? ଯଦି ଏହି ସବୁ କିଛି ରହିଛି ତେବେ ନିଃସନ୍ଦେହ ରୂପେ ତୁମେମାନେ ପବିତ୍ର ମସିହ୍ ଅ.ସଙ୍କ ସେହି ପବିତ୍ର କଥନକୁ ସ୍ମରଣ କର ଯେ, ଆମ ଈଶ୍ୱରଙ୍କ କାର୍ଯ୍ୟର ଲକ୍ଷଣ ଏହିପରି ଯେ,

قدرت سے اپنی ذات کا دیتا ہے حق ثبوت
اس بے نشاں کی چہرہ نمائی یہی ہے
جس بات کو کہے کہ کروں گا میں ضرور
ٹلتی نہیں ہے وہ بات خدا یہی ہے

ତୁମେମାନେ ସହସ୍ର ପ୍ରମାଣ ଦିଅ ପଛେ ଏବଂ ସହସ୍ର ମୁଣ୍ଡ ବାଡ଼ାଅ ପଛେ ଈଶ୍ୱରଙ୍କ ବିଧାନ ନିଜର କାର୍ଯ୍ୟ କରି ସାରିଛି । ବର୍ତ୍ତମାନେ କୌଣସି ବାପ ପୁଅଙ୍କ ମଧ୍ୟରେ ବିଧିର ବିଧାନକୁ ପରିବର୍ତ୍ତନ କରିବାର ସାମର୍ଥ୍ୟ ନାହିଁ । ବୃକ୍ଷ ସର୍ବଦା ନିଜର ଫଳ ଦ୍ୱାରା ଚିହ୍ନିତ ହୋଇଥାଏ । ଖିଲାଫତ୍ ଓ ଅଞ୍ଜୁମନ୍‌ର ଫଳ ତୁମମାନଙ୍କ ଚକ୍ଷୁ ସମ୍ମୁଖରେ ବିଦ୍ୟମାନ ରିହଛି । ବର୍ତ୍ତମାନ ଏହାକୁ ବାଦ୍ ଦେଲେ ମୁଁ ତୁମମାନଙ୍କୁ ଆଉ କ'ଣ ବା କହିବି ଯେ,

قَدۡ وَجَدۡنَا رَبَّنَا حَقًّا
فَهَلۡ وَجَدۡتُمۡ مَا وَعَدَ رَبُّكُمۡ حَقًّا
وَاٰخِرُ دَعۡوَانَا اَنِ الۡحَمۡدُ لِلّٰهِ رَبِّ الۡعٰلَمِيۡنَ

**(ଦୈନିକ୍ ଅଲ୍ ଫଜଲ୍, କାଦିଆନରୁ ପ୍ରକାଶିତ, ସଂଖ୍ୟା-4,7,8/ ଏପ୍ରିଲ୍ 1943 ମସିହା)**

☆--☆--☆

## ଓଡ଼ିଆ ନଜମ୍

### ସର୍ବଶକ୍ତିମାନ ଦୟାମୟ ଅଲ୍ଲାଃତାଲାଙ୍କ ଗୌରବ ଗାଥା

**ରହିମ୍ ଖାଁ (ମୁନ୍ନା)**

| | |
|---|---|
| ନିରାକାର ଶକ୍ତି କର ତାକୁ ଭକ୍ତି | ଡାକ୍ ତାକୁ ପାଞ୍ଚବେଳା |
| କ୍ଷମାଦାତା ସେହି ଜ୍ଞାନ ଦାତା ସେହି | ସେହି ଦୟାମୟ ଅଲ୍ଲାଃ |
| ନମାଜ ପଢ ହେ କୋରାନ ପଢ ହେ | ନ ରଖ ମନେ ଗରବ |
| ସବୁର ମାଲିକ ଅଟେ ସେହି ଶକ୍ତି | ଆମେ ତ' ଛାର ମାନବ |
| ଆସିଛେ ରେ ଆମେ ସ୍ୱଳ୍ପ କାଳ ପାଇଁ | କି ହୋଇବ ଆମ ସାଥି |
| ଧର୍ମ ଏକ ସିନା ସାଥିରେ ଯିବଟି | ସବୁ ତ' ଖାଇବ ମାଟି |
| ଆସ ମାଆମାନେ ଆସ ଭାଇମାନେ | ଭୁଲି ମନୁ ଭେଦଭାବ |
| ସର୍ବେ ମିଳି ହୋଇ ଏକ ମନ ହୋଇ | ଗାଇବା ଅଲ୍ଲାଃ ଗୌରବ |
| ଆହେ ଦୟାମୟ ଶୁଣ ମୋର ଭବ | ଏତିକି ଗୁହାରୀ ଶୁଣ |
| ଦିଅ ମୋତେ ଶକ୍ତି କର ମୋତେ ମୁକ୍ତି | ମୁଁ ଅଟେ ପାପି ରହିମ୍ ।। |

☆--☆--☆

ଦ୍ୱାରା ମଧ୍ୟ ଖିଲାଫତ୍ ସହିତ ସଂଶ୍ଲୀଷ୍ଟ ଏବଂ ପ୍ରେମମୂଳକ ସଂପର୍କ ସୃଷ୍ଟି ହୋଇଥାଏ। ଉପସ୍ଥିତ ଖଲିଫାଙ୍କ କଥାକୁ ଧ୍ୟାନପୂର୍ବକ ଶୁଣିବା, ତାଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ଦ୍ୱାରା ଖିଲାଫତ୍ ସହିତ ସଂପର୍କ ସୃଷ୍ଟି ହୋଇଥାଏ। ଏଥି ସକାଶେ ଅଲ୍ଲାଃତାଲା ଆମମାନଙ୍କୁ MTAର ପୁରସ୍କାର ପ୍ରଦାନ କରିଛନ୍ତି । ଏମ୍.ଟି.ଏରେ ଖଲିଫାଙ୍କର ଖୁତ୍‌ବାତ୍ ଏବଂ ଖିତାବାତ୍‌କୁ ଶୁଣିବା ଆମମାନଙ୍କ ନିମନ୍ତେ ଅତ୍ୟନ୍ତ ଜରୁରୀ ଅଟେ । ଯେପର୍ଯ୍ୟନ୍ତ ଆମେମାନେ ହୁଜୁର ଅନୱର ଅ.ବଙ୍କ କଥାକୁ ପ୍ରେମ ତଥା ଆନ୍ତରୀକତାର ସହିତ ଶୁଣିବୁ ନାହିଁ ସେପର୍ଯ୍ୟନ୍ତ ଖିଲାଫତ୍ ସହିତ ଆମମାନଙ୍କର ସଂପର୍କ ଏବଂ ସଂଶ୍ଲୀଷ୍ଟତା ସଂପର୍କ ସୃଷ୍ଟି ହେବ ନାହିଁ ।

ନିମ୍ନରେ ମୁଁ ହୁଜୁର ଅନୱର୍ ଅ.ବଙ୍କ କେତେକ ଉପଦେଶାବଳୀ ଉପସ୍ଥାପିତ କରି ଦେଉଛି ଯହିଁରୁ ଖିଲାଫତ୍ ସହିତ ସଂଶ୍ଲୀଷ୍ଟତାର ମହତ୍ତ୍ୱ ଉପରେ ଆଲୋକପାତ ହୋଇଥାଏ । 30 ଏପ୍ରିଲ୍ 2023 ମସିହାରେ ଆୟୋଜିତ ହୋଇଥିବା ଏଥେନ୍ସର, ୟୁନାନ୍‌ର ଚତୁର୍ଥ ଜଲ୍‌ସା ସାଲାନା ଅବସରରେ ସୟେଦିନା ହୁଜୁର୍ ଅନୱର୍ ଅ.ବ ନିଜର ଚକ୍ଷୁ ବର୍ଦ୍ଧକ ବାର୍ତ୍ତାରେ କହିଲେ:

"ମୁଁ ଆପଣମାନଙ୍କୁ ଏହି ଉପଦେଶ ଦେଉଛି ଯେ, ଖିଲାଫତ୍ ଅହେମଦିୟା ସହିତ ସର୍ବଦା ବିଶ୍ୱସ୍ତତା ହୋଇ ରୁହନ୍ତୁ । ଏମ୍.ଟି.ଏ ଦେଖନ୍ତୁ ଓ ନିୟମିତ ରୂପେ ମୋର ଖୁତ୍‌ବା ଶୁଣନ୍ତୁ । ଖୁତ୍‌ବାକୁ ବୁଝିବା ପାଇଁ ପ୍ରୟାସ କରନ୍ତୁ ଏବଂ ମୁଁ ଯେଉଁ କଥା ଆଡ଼କୁ ଆପଣମାନଙ୍କର ଧ୍ୟାନ ଆକର୍ଷଣ ବା ମାର୍ଗଦର୍ଶନ କରୁଛି ଆପଣମାନେ ତାହାର ଅନୁସରଣ କରନ୍ତୁ ଓ ତାହାର ଆଜ୍ଞା ପାଳନ କରନ୍ତୁ । ଆଜି ଇସ୍‌ଲାମୀୟ ପ୍ରକାଶନ ଏବଂ ସଂସାରରେ ଶାନ୍ତି କେବଳ ଖିଲାଫତ୍‌ର ବ୍ୟବସ୍ଥା ଉପରେ କାର୍ଯ୍ୟାନୁସରଣ କରିବା ଦ୍ୱାରା ହିଁ ପ୍ରାପ୍ତ ହୋଇ ପାରିବ । ମୁଁ ଆପଣମାନଙ୍କୁ ଏହି ଉପଦେଶ ଦେଉଛି ଯେ, ଆପମମାନେ ଖିଲାଫତ୍ ବ୍ୟବସ୍ଥାକୁ ସର୍ବାଧିକ ରୂପେ ଗୁରୁତ୍ୱ ପ୍ରଦାନ କରନ୍ତୁ ଏବଂ ଉକ୍ତ କଥାକୁ ସୁନିଶ୍ଚିତ କରନ୍ତୁ ଯେ, ଆପଣମାନଙ୍କର ଆଗାମୀ ବଂଶଧର ଖିଲାଫତେ ଅହେମଦିୟାରା ପବିତ୍ର ଆଶ୍ରୟରେ, ମାର୍ଗଦର୍ଶନରେ ଓ ସୁରକ୍ଷା ବଳୟ ମଧ୍ୟରେ ରହିବେ ।" **(ବଦର୍, 8 ଫେବୃୟାରୀ 2024 ମସିହା, ପୃ-14)**

2023 ମସିହା ଜଲସା ସାଲାନା ସ୍ପେନ ଅବସରରେ ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ (ପଞ୍ଚମ) ଅ.ବ ନିଜର ଚକ୍ଷୁ ବର୍ଦ୍ଧକ ବାର୍ତ୍ତାରେ କହିଲେ:

"ଅଲ୍ଲାଃତାଲାଙ୍କର ଆପଣମାନଙ୍କ ଉପରେ ମହୋପକାର ଏବଂ କୃପା ରହିଛି ଯେ, ସେ ଆପଣମାନଙ୍କୁ ଖିଲାଫତ୍ ପରି ପୁରସ୍କାର ଦ୍ୱାରା ସମ୍ମାନିତ କରିଛନ୍ତି ଓ ଖିଲାଫତ୍ ମାଧ୍ୟମରେ ଆପଣମାନଙ୍କୁ ଏକ ସୂତା ଗ୍ରଥିତ (ଗୁଛା) କରାଯାଇଛି । ଉକ୍ତ ପୁରସ୍କାରକୁ ସମ୍ମାନ ଜଣାନ୍ତୁ ଏବଂ ଏହାର ଆଜ୍ଞା ପାଳନର ସର୍ବୋଚ୍ଚ ଉଦାହରଣ ଉପସ୍ଥାପନ କରିବାକୁ ଉଦ୍ୟମ କରନ୍ତୁ । ସେହି ଦିବ୍ୟ ଲୀଳା ବା ଶକ୍ତି ସହିତ ନିଷ୍ଠାପୂର୍ଣ୍ଣ ପ୍ରେମ, ବିଶ୍ୱାସ, ଆସ୍ଥା ଏବଂ ଆନ୍ତରୀକତାମୂଳକ ସଂପର୍କ ରଖନ୍ତୁ । ଖିଲାଫତ୍‌ର ଆଜ୍ଞବହତାର ଉତ୍ସାହକୁ ସଦୈବ କରନ୍ତୁ ଓ ଖିଲାଫତ୍ ସହିତ ପ୍ରେମର ଆବେଗକୁ ଏତେ ମାତ୍ରାରେ ବୃଦ୍ଧି କରି ଦିଅନ୍ତୁ ଯେ, ସହ (ଖିଲାଫତ୍)" ପ୍ରେମ ଅନ୍ୟ ସମସ୍ତ ସଂପର୍କ ତଥା ପ୍ରେମ ବିପକ୍ଷରେ ନ୍ୟୂନ ବୋଲି ଦୃଶ୍ୟମାନ ହେବ । ଧର୍ମାଧକ୍ଷଙ୍କ ସହିତ ସଂଶ୍ଲୀଷ୍ଟ ରହିବା ଦ୍ୱାରା ସମସ୍ତ କଲ୍ୟାଣ ଅନ୍ତର୍ନିହିତ ରହିଛି । ଏହା ହିଁ ଆପଣମାନଙ୍କ ସକାଶେ ପ୍ରତ୍ୟେକ ପ୍ରକାରର ଉପଦ୍ରବ, ହିଂସା, ପରୀକ୍ଷା, ବିପରୀତର ଏକ ଢାଲ ସାବ୍ୟସ୍ତ ହେବ । ଅତଏବ୍ ଆପଣାମାନେ ଯଦି ଉନ୍ନତି କରିବାକୁ ଚାହୁଁଛନ୍ତି ଏବଂ ସଂସାର ଉପରେ ବିଜୟ ପ୍ରାପ୍ତ କରିବାକୁ ଚାହୁଁଛନ୍ତି ତେବେ ମୋର ଆପଣମାନଙ୍କୁ ଏହି ଉପଦେଶ ଓ ସନ୍ଦେଶ ରହିଛି ଯେ, ଆପଣମାନେ ଖିଲାଫତ୍ ସହିତ ସଂଶ୍ଲୀଷ୍ଟ ହୋଇ ଯାଆନ୍ତୁ । ଉକ୍ତ ଐଶୀ ରଜ୍ଜୁକୁ ଦୃଢ ରୂପେ ଧରି ନିଅନ୍ତୁ । ଆମମାନଙ୍କର ସମସ୍ତ ଉନ୍ନତି ଖିଲାଫତ୍ ସହିତ ସଂଶ୍ଲୀଷ୍ଟ ରହିବା ଉପରେ ହିଁ ନିର୍ଭର କରେ ଓ ଖିଲାଫତ୍ ସହିତ ସଂଶ୍ଲୀଷ୍ଟ ରହିବାରେ ହିଁ ନିହିତ ରହିଛି ।

**(ବଦର୍, 29 ଫେବୃୟାରୀ 2024 ମସିହା, ପୃ-16)**

ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ତାନ୍‌ଜାନିୟାର 52ତମ ଜଲ୍‌ସା ସାଲାନା ଅବସରରେ ଚକ୍ଷୁ ବର୍ଦ୍ଧକ ବାର୍ତ୍ତା ପ୍ରଦାନ କରିଥିଲେ:

"ମୁଁ ଆପଣମାନଙ୍କୁ ଏହି ଉପଦେଶ ଦେଉଛି ଯେ, ଆପଣମାନେ ଖିଲାଫତ୍ ସହିତ ଦୃଢତାପୂର୍ବକ ସଂଶ୍ଲୀଷ୍ଟ ରୁହନ୍ତୁ ଏବଂ ଖିଲାଫତ୍ ମାଧ୍ୟମରେ ପ୍ରାପ୍ତ ହେଉଥିବା ପୁରସ୍କାରର କୃତଜ୍ଞତା ଜ୍ଞାପନ ସ୍ୱରୂପ ଏହାର ସଦୈବ କୃତଜ୍ଞତା ଜ୍ଞାପନ କରନ୍ତୁ। ଆମମାନଙ୍କୁ କେବଳ ଖିଲାଫତେ ଅହେମଦିୟା ମାଧ୍ୟମରେ ପ୍ରାପ୍ତ ହେଉଥିବା ଅସଂଖ୍ୟ ତଥା ଅଗଣିତ ପୁରସ୍କାରର କୃତଜ୍ଞତା ଜ୍ଞାପନ ସ୍ୱରୂପ ଖିଲାଫତ୍‌ର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ନୁହଁ । ବରଂ ଆମମାନଙ୍କୁ ଉକ୍ତ କଥାର ମଧ୍ୟ ଦୃଢ ପ୍ରତିଜ୍ଞା କରିବା ଉଚିତ୍ ଯେ, ଆମେମାନେ ସତ୍‌କର୍ମ ଏବଂ ପୁଣ୍ୟ କରିବୁ, ଜଣେ ଆଦର୍ଶ ଅହେମଦି ହେବାକୁ ପ୍ରୟାସ କରିବୁ । ମନେରଖନ୍ତୁ ! ଆମମାନଙ୍କର ସମସ୍ତ ସଫଳତା ଖିଲାଫତେ ଅହେମଦିୟା ସହିତ ସଂଶ୍ଲୀଷ୍ଟ ରହିବା ଉପରେ ହିଁ ନିର୍ଭର କରେ । ଏହି ଖିଲାଫତେ ଅହେମଦିୟା ହିଁ ଆଜି ସମଗ୍ର ସଂସାରରେ ଇସଲାମ୍ ଧର୍ମର ନିଷ୍ଠା ଏବଂପ୍ରକୃତ ଶିକ୍ଷା ସହିତ ପରିଚୟ ତଥା ଅବଗତ କରାଇ ପାରିବ ।"

ଏହା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯେ, ଆପଣମାନେ ପୂର୍ଣ୍ଣ ରୂପେ ଖିଲାଫତ୍ ବ୍ୟବସ୍ଥାକୁ ସହଯୋଗ କରନ୍ତୁ । କାରଣ ଆମେମାନେ ଯେତେବେଳେ ଏକତ୍ରିତ ହୋଇ ଜମାଅତ୍‌ର ମହାନ ଅଭିପ୍ରାୟକୁ ପ୍ରାପ୍ତ କରିବା ନିମନ୍ତେ ମିଳିତି ଭାବରେ କାର୍ଯ୍ୟ କରିବୁ ସେତେବେଳେ ଯାଇଁ ଆମେମାନେ ଆଗକୁ ଅଗ୍ରସର ହୋଇପାରିବୁ। ଆପଣମାନଙ୍କୁ ସାଧାରଣତଃ MTA ଦେଖିବା ଉଚିତ୍ ଏବଂ ପରିବାର ବର୍ଗ ଓ ବିଶେଷ ରୂପେ ପିଲାମାନଙ୍କୁ ମଧ୍ୟ ଏଥିପ୍ରତି ଅନୁପ୍ରାଣିତ ତଥା ପ୍ରୋତ୍ସାହିତ କରିବା ଉଚିତ୍ । ଆପଣମାନଙ୍କୁ ବିଶେଷ ରୂପେ ମୋର ଜୁମାର ଖୁତ୍‌ବାଗୁଡ଼ିକ ଏବଂ ଅନ୍ୟ ଅବସରରେ ପ୍ରଦତ୍ତ ଉଦ୍‌ବୋଧନଗୁଡ଼ିକୁ ଶୁଣିବା ଉଚିତ୍ । ଏହା ଆପଣଙ୍କୁ ଖିଲାଫତ୍ ସହିତ ନିୟମିତ ଯୋଗାଯୋଗ ଏବଂ ଯୋଡ଼ି ରଖିବ ଓ ଆପଣାନଙ୍କର ବିଶ୍ୱାସକୁ ମଧ୍ୟ ବୃଦ୍ଧି କରିବ । **(ବଦର୍, 4 ଏପ୍ରିଲ୍ 2024 ମସିହା, ପୃ-13)**

ଜମାଅତ୍ ଅହେମଦିୟା ସୁଇଜରଲ୍ୟାଣ୍ଡର 41 ତମ ଜଲସା ସାଲାନା ଅବସରରେ ହୁଜୁର ଅନୱର ଅ.ବ ନିଜର ଚକ୍ଷୁ ବର୍ଦ୍ଧକ ବାର୍ତ୍ତାରେ କହିଲେ:

"ମୁଁ ଆପଣମାନଙ୍କୁ ଖିଲାଫତେ ଅହେମଦିୟାର ଐଶ୍ୱରୀକ ମହତ୍ତ୍ୱ ପ୍ରତି ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛି । ଆପଣମାନେ ସର୍ବଦା ଖିଲାଫତ୍ ସହିତ ବିଶ୍ୱସ୍ତ ହୋଇ ରୁହନ୍ତୁ ଏବଂ ଖିଲାଫତର ରଜ୍ଜୁକୁ ଦୃଢ ରୂପେ ଧରି ରଖନ୍ତୁ । ନିଜର ସନ୍ତାନ ସନ୍ତତିଙ୍କୁ ମଧ୍ୟ ଖିଲାଫତ୍‌ର କଲ୍ୟାଣ ସହିତ ପରିଚିତ କରୁ ଥାଆନ୍ତୁ ଏବଂ ଉକ୍ତ କଥାକୁ ସୁନିଶ୍ଚିତ କରନ୍ତୁ ଯେ, ଆପଣମାନେ ଆଗାମୀ ବଂଶଧରମାନେ ସର୍ବଦା ଖିଲାଫତ୍‌ର ମାର୍ଗଦର୍ଶନରେ ଓ ତାହାର କଲ୍ୟାଣର ଛାୟୀ ତଳେ ସୁରକ୍ଷା ବଳୟ ମଧ୍ୟରେ ରୁହନ୍ତୁ। ଆପଣାନେ ଏମ.ଟି.ଏ ନିୟମିତ ରୂପେ ଦେଖନ୍ତୁ ଓ ନିଜର ପରିବାର ବର୍ଗଙ୍କୁ ବିଶେଷ କରି ସନ୍ତାନ ସନ୍ତତିଙ୍କୁ ଏମ୍.ଟି.ଏ ଦେଖିବାକୁ ଅନୁପ୍ରାଣିତ ଓ ପ୍ରୋତ୍ସାହିତ କରନ୍ତୁ। ମୋର ଜୁମାର ଖୁତବାଗୁଡ଼ିକୁ ସିଧା ସଳଖ ଶୁଣନ୍ତୁ । ସେହିପରି ମୋର ବିଭିନ୍ନ ଭାଷଣ, କାର୍ଯ୍ୟକ୍ରମରେ ପ୍ରଦତ୍ତ ଖିତାବାତ୍ (ଉଦ୍‌ବୋଧନୀ)ଗୁଡ଼ିକୁ ବିଶେଷ ରୂପେ ଧ୍ୟାନର ସହିତ ଶୁଣନ୍ତୁ । ଏହିପରି ଭାବରେ ଖିଲାଫତ୍ ସହିତ ଆପଣମାନଙ୍କର ଗଭୀର ସଂପର୍କ ସ୍ଥାପନ ହେବ ଓ ଆପଣମାନଙ୍କର ବିଶ୍ୱାସରେ ମଧ୍ୟ ଅଭିବୃଦ୍ଧି ହେବ।" **(ବଦର୍, 11 ଏପ୍ରିଲ୍ 2024 ମସିହା, ପୃ-16)**

ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ଆମେମାନେ ଉପସ୍ଥିତ ଖଲିଫାଙ୍କ କଥାକୁ ଧ୍ୟାନପୂର୍ବକ ଶୁଣିବୁ ଏହା ଉପରେ କାର୍ଯ୍ୟାନୁସରଣ କରିବୁ ଏବଂ ଖିଲାଫତ୍ ସହିତ ପ୍ରକୃତ ରୂପେ ସଂଶ୍ଲୀଷ୍ଟର କର୍ତ୍ତବ୍ୟ ସମ୍ପାନ କରିପାରିବୁ । ଆମିନ୍ ।

**(ମନ୍‌ସୁର୍ ଅହେମଦ୍ ମସ୍ତୁର୍)**

☆--☆--☆

## ଓଡ଼ିଆ ନଜମ୍

### ଜୀବନ ଓ ମୃତ୍ୟୁ

**ରହିମ୍ ଖାଁ (ମୁନ୍ନା)**

ଜୀବନ ଦେଇଥିଲୁ ତୁଉ   ଜୀବନ ନେଉ ଆଜି ତୁଉ
କିଛି ଶୁଣୁ ନାହିଁ ଆଜି ତୁ   ବାନ୍ଧି ନେଉଛୁ ସାଥେ ମୋତେ ତୁ
ହେ ଅଲ୍ଲାଃ ମୋର   ......   ହେ ମଉଲା ମୋର
ଏତେ ଦୁଃଖ ଦେଉଛୁ କାହିଁ ତୁ

ସଂସାର ଯୋଡ଼ି ଦେଲୁ ତୁଉ   ମୋହରୋ ବାନ୍ଧି ଦେଲୁ ତୁଉ
ଧନ ସଂପତ୍ତି ଦେଲୁ ତୁଉ   ଲୋଭ ଲଗାଇ ଦେଲୁ ତୁଉ
ଛାଡ଼ି ଯାଉଛି ସବୁ ଆଜି ମୁଁ.   ସାଥେ ନେଇ ଯାଉଛୁ ମୋତେ ତୁଉ
ହେ ଅଲ୍ଲାଃ ମୋର...ହେ ମଉଲା ମୋର
ଏତେ ଦୁଃଖ ଦେଉଛୁ କାହିଁ ତୁଉ (1)

ଦେଖିପାରୁ ନାହିଁ ଆଜି ମୁଁ   ଶୁଣିପାରୁ ନାହିଁ ଆଜି ମୁଁ
କହିପାରୁ ନାହିଁ ଆଜି ମୁଁ   କରିପାରୁ ନାହିଁ କିଛି ମୁଁ
କାଢି ନେଇଛୁ ଜୀବନ କୁ ତୁ   .....   ଜଡ଼ ହୋଇ ଯାଇଛି ଆଜି ମୁଁ
ହେ ଅଲ୍ଲାଃ ମୋର .... ହେ ମଉଲା ମୋର
ଏତେ ଦୁଃଖ ଦେଇଛୁ କାହିଁ ତୁ (2)

ଜୀବନ ଦେଇଥିଲୁ ତୁଉ   ଜୀବନ ନେଉ ଆଜି ତୁଉ
କିଛି ଶୁଣି ନାହୁଁ ଆଜି ତୁ   ବାନ୍ଧି ନେଉଛୁ ଆଜି ମୋତେ ତୁ
ହେ ଅଲ୍ଲାଃ ମୋର..........ହେ ମଉଲା ମୋର
ଏତେ ଦୁଃଖ ଦେଉଛୁ କାହିଁ ତୁ (3)

☆--☆--☆

# ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା କାହିଁକି ଜରୁରୀ ଅଟେ ?

(ହ. ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ)

(1) ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଏଇଥି ପାଇଁ ଆବଶ୍ୟକ ଯେ, ଖିଲାଫତ୍ ଅବତାରତ୍ୱର ଏକ ଅଙ୍ଗ ଅଟେ । ଅବତାରତ୍ୱର ସେହି ମାର୍ଗ ଯାହାକୁ ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ ସଂସାରରେ ସ୍ଥାପନ କଲେ ଏବଂ ଜୀବିତ କଲେ ।

(2) ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଏଇଥି ପାଇଁ ଆବଶ୍ୟକ ଯେ, ହ. ମସିହ୍ ମଉଦ୍ ଅ.ସ ନିଜର କେତେକ ଲେଖନୀରେ ନିଜ ପରେ ଖଲିଫମାନଙ୍କର ପରମ୍ପରା ସ୍ଥାପନ ହେବା ସଂପର୍କରେ ନିଜ ବିଚାରଧାର ପରିପ୍ରକାଶ କରିଛନ୍ତି ।

(3) ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଏଇଥି ପାଇଁ ଆବଶ୍ୟକ ଯେ, ହ. ମସିହ୍ ମଉଦ୍ ଅ.ସ ଙ୍କ ବିୟୋଗ ସମୟରେ ସମସ୍ତ ଜମାଅତ୍ ସର୍ବସମ୍ମତି କ୍ରମେ ବୟୋଜ୍ୟୋଷ୍ଠ ବ୍ୟକ୍ତି ହ. ଅଲ୍ ହାଜ୍ ମୌଲାନା ହକିମ୍ ନୁରୁଦ୍ଦୀନ୍ ସାହେବ ର.ଅଙ୍କୁ ଖଲିଫା ଭାବରେ ନିଯୁକ୍ତ କରିବା ଉକ୍ତ କଥାର ପ୍ରମାଣ ଯେ, ସତ୍ୟ ଅହେମଦିୟା ସଂପ୍ରଦାୟରେ ଖିଲାଫତ୍ ସ୍ଥାପନ ହେବା ଈଶ୍ୱରଙ୍କ ଇଚ୍ଛାନୁଯାୟୀ ଅଟେ । ଏହି ଖିଲାଫତ୍ ପରମ୍ପରାଟି ଉକ୍ତ ଜମାଅତ୍‌ରେ **ଇନ୍‌ଶାଅଲ୍ଲାଃ** عَلٰی رَغْمِ اَنْفِ حُسَّاد ପ୍ରଳୟ ଦିବସ ପର୍ଯ୍ୟନ୍ତ ଜାରି ରହିବ ଏବଂ କଲ୍ୟାଣମୟ ହେଉଛନ୍ତି ସେହି ବ୍ୟକ୍ତି ଯିଏ ଉକ୍ତ ବ୍ୟବସ୍ଥା ଏବଂ ପରମ୍ପରା ସହିତ ଜଡ଼ିତ ଅଟନ୍ତି ।

(4) ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଏଇଥି ପାଇଁ ଆବଶ୍ୟକ ଯେ, ହ. ଖଲିଫା ଅୱଲ୍ ନୁରୁଦ୍ଦୀନ୍ ସାହେବ ର.ଅ ନିଜର 6 ବର୍ଷୀୟ ଖିଲାଫତ୍ କାଳରେ ନିଜର ଅନେକ ଉପଦେଶରେ ବାରମ୍ବାର ତାଗିଦ୍ କରୁଥିଲେ ଯେ, ଈଶ୍ୱର ହିଁ ଖଲିଫା ଗଢନ୍ତି । ଅଲ୍ଲାଃତାଲା ମୋତେ ମଧ ଖଲିଫା କଲେ ଓ ମୋ ପରେ ମଧ ଅଲ୍ଲାଃତାଲ ଖଲିଫା କରିବେ ।

(5) ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଏଇଥି ପାଇଁ ଆବଶ୍ୟକ ଯେ, ହ. ଖଲିଫା ଅୱଲ୍ ନୁରୁଦ୍ଦୀନ୍ ସାହେବ ର.ଅ ନିଜ ବିୟୋଗର କିଛି ଦିନ ପୂର୍ବେ ଖଲିଫା କରିବା ସଂକ୍ରାନ୍ତରେ ଓସିୟତ୍ କରିଥିଲେ ଏବଂ ଜମାଅତ୍‌ର ବରିଷ୍ଠ ବ୍ୟକ୍ତିମାନେ ଯେଉଁମାନେ ସେତେବେଳେ ଉପସ୍ଥିତ ଥିଲେ ସେତେବେଳେ ଉକ୍ତ ପ୍ରସଙ୍ଗ ସମ୍ମୁଖରେ ନତମସ୍ତକ ହୋଇଥିଲେ ।

(6) ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଏଇଥି ପାଇଁ ଆବଶ୍ୟକ ଯେ, ହ. ଖଲିଫତୁଲ୍ ମସିହ୍ ସାନି ର.ଅ ସେହି ସମସ୍ତ ଭବିଷ୍ୟବାଣୀର ପୂର୍ଣ୍ଣକାରୀ ବ୍ୟକ୍ତି ଅଟନ୍ତି ଯାହା ତାଙ୍କ ସଂପର୍କରେ ହ. ମସିହ୍ ମଉଦ୍ ଅ.ସ ଆପଣ ର.ଅଙ୍କ ଜନ୍ମଗ୍ରହଣ ପୂର୍ବରୁ କରିଥିଲେ । ଉଦାହରଣ ସ୍ୱରୂପ ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଚ୍ଚୋସାହୀ ହେବେ । ତାଙ୍କର ନାମ ମେହ୍‌ମୁଦ୍ ଅହେମଦ ହେବ । ସେହିପରି ତାଙ୍କର ନାମ ବଶୀର୍ ମଧ ହେବ । ସେ ଶୀଘ୍ର ଶୀଘ୍ର ବଡ଼ ହେବେ ।

(7) ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଏଇଥି ପାଇଁ ଆବଶ୍ୟକ ଯେ, ଆମେମାନେ ଯେତେବେଳେ ନିଜ ପାଇଁ ନୀରୀକ୍ଷଣ ବା ଅନୁଭବ କରାଥାଉ ଯେ, ଆମେମାନେ କେବଳ ହ. ମସିହ୍ ମଉଦ୍ ଅ.ସ ଦୁଆ ମାଧ୍ୟମରେ ଏତେ ଧାର୍ମିକ ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ କରିଛେ । ଧାର୍ମିକ ଓ ସାଂସାରିକ ପ୍ରସଙ୍ଗରେ ଏତେ ଉନ୍ନତି ହାସଲ କରିଛେ ଯାହା ଆମମାନଙ୍କ ସହିତ ଥିବା ଅନ୍ୟ ଲୋକମାନଙ୍କୁ ପ୍ରାପ୍ତ ହୋଇ ନାହିଁ । ଅତଏବ୍ ହ. ମସିହ୍ ମଉଦ୍ ଅ.ସଙ୍କ ଦୁଆ (ଆଶୀର୍ବାଦ) ଯାହା ଆପଣ ଅ.ସଙ୍କ ସନ୍ତାନ ସନ୍ତତିଙ୍କ ସପକ୍ଷରେ ରହିଛି ଏବଂ ପ୍ରକଶିତ ହୋଇଅଛି । ସେଥି ନିମନ୍ତେ ଏହା ଆବଶ୍ୟକତ ଥିଲା ଯେ, ତାହା ମଧ ନିଜର ସ୍ୱୀକୃତିର ଲକ୍ଷଣକୁ ପ୍ରଦର୍ଶିତ କରୁ ଏବଂ ସେହି ଦୁଆର ସ୍ୱୀକୃତିର ଏକ ଉଦାହରଣ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଦୃଢ ସଂକଳ୍ପ, ଧର୍ମପରାୟଣତା, ଉପାସନା, ଧାର୍ମିକତା, ସାମର୍ଥ୍ୟତା, ବ୍ୟବସ୍ଥା, ଦାର୍ଢ୍ୟତା, ସମ୍ମାନ, ପ୍ରତିଷ୍ଠା, ଗାମ୍ଭୀର୍ଯ୍ୟତା, ସାହାସିକତା, ଦୟା, କ୍ଷମା, ଉଦାରତା ଓ ଅନ୍ୟାନ୍ୟ ପ୍ରଶଂସନୀୟ ଗୁଣାବଳୀ ଏବଂ ସର୍ବୋତ୍ତମ ଚରିତ୍ରବତ୍ତାରେ ହୁଜୁର ର.ଅଙ୍କ ସଫଳତାରେ ତଥା ବିଜିତି ବ୍ୟକ୍ତିମାନଙ୍କ ମଧ୍ୟରେ ଦୃଶ୍ୟମାନ ହେଉଅଛି ।

(8) ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଏଇଥି ପାଇଁ ଆବଶ୍ୟକ ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ଭବିଷ୍ୟବାଣୀ ରିହଛି ଯେ, ସେ ସୌନ୍ଦର୍ଯ୍ୟ ଏବଂ କୃତଜ୍ଞତା ଏବଂ ଉପକାରରେ ତୁମ୍ଭ ପରି ହେବ । ତାହା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଅସ୍ତିତ୍ୱରେ ହିଁ ସଂପୂର୍ଣ୍ଣ ହେଉଅଛି ।

(9) ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଏଇଥି ପାଇଁ ଆବଶ୍ୟକ ଯେ, ଅଲ୍ଲାଃତାଲାଙ୍କର ଏହି ପ୍ରଥା ରହି ଆସିଛି ଯେ, ପ୍ରତ୍ୟେକ କାଳରେ ସେ ନିଜର ଐଶୀବାଣୀ ମାଧ୍ୟମରେ ଏକ ପବିତ୍ର ଜମାଅତ୍ ସ୍ଥାପନ କରିଥାଆନ୍ତି । ଯାହାକୁ ପ୍ରଭୁ କଲ୍ୟାଣ ପ୍ରଦାନ କରି ଥାଆନ୍ତି ଓ ତା'ର ସମର୍ଥନ କରିଥାଆନ୍ତି । ସେହି ଜମାଅତ୍ ସାଂପ୍ରତିକ କାଳରେ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଜମାଅତ୍ ଅଟେ । ଉକ୍ତ ଜମାଅତ୍‌ର ବ୍ୟବସ୍ଥା ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କ ଉତ୍ତରାଧିକାରୀ ଉପସ୍ଥିତ ଖଲିଫାଙ୍କ ମାଧ୍ୟମରେ ଦୃଢୀଭୁତ କରିଦେଇଛନ୍ତି ।

(10) ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଏଇଥି ପାଇଁ ଆବଶ୍ୟକ ଯେ, ଜମାଅତ୍ ଅହେମଦିୟା ସ୍ଥାପନାର ଯେଉଁ ପ୍ରକୃତ ଅଭିପ୍ରାୟ ରହିଛି ଯେ, ସଂପୂର୍ଣ୍ଣ ପୃଥିବୀରେ ଇସଲାମ୍ ଧର୍ମ ସ୍ଥାପନ ହେଉ । ସେହି କାର୍ଯ୍ୟଟି ଦ୍ରୁତ ଏବଂ ଭବ୍ୟତାର ସହିତ ହ. ଅମୀରୁଲ୍ ମୁମିନିନ୍ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ମାଧ୍ୟମରେ ଅଲ୍ଲାଃତାଲା କରୁଛନ୍ତି ।

(11) ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଏଇଥି ପାଇଁ ଆବଶ୍ୟକ ଯେ, ଅଲ୍ଲାଃତାଲାଙ୍କ ପବିତ୍ର ବାଣୀର ତାତ୍ତ୍ୱିକତା ଏବଂ ସତ୍ୟତାକୁ ପବିତ୍ରବାନ ବ୍ୟକ୍ତିଙ୍କ ବ୍ୟତୀରେକ ଅନ୍ୟମାନଙ୍କ ଉପରେ ଉଦ୍‌ଘାଟିତ (ଖୋଲି) ନଥାଏ । ସାଂପ୍ରତିକ କାଳରେ ଯେଭଳି ବହୁଳତାର ସହିତ ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଉପରେ ଉନ୍ମୋଚିତ ହେଉଅଛି, ତା'ର ଦୃଷ୍ଟାନ୍ତ ସଂପୂର୍ଣ୍ଣ ସଂସାରରେ ଅନ୍ୟ କୌଣସି ବ୍ୟକ୍ତିରେ ଦେଖିବାକୁ ମିଳୁ ନାହିଁ । ତଫ୍‌ସିରଗୁଡ଼ିକୁ ପାଠ କରି ଏବଂ ଅନ୍ୟମାନଙ୍କ ଠାରୁ ଶୁଣି ଏକ ତଫ୍‌ସିର୍ (ବ୍ୟାଖ୍ୟା) ପ୍ରସ୍ତୁତ କରି ନେବା କିମ୍ବା ଗୋଟେ ଅଧେ ହାସ୍ୟ କଥା ବର୍ଣ୍ଣନା କରିଦେବା କାର୍ଯ୍ୟ ଅନେକ ଲୋକ କରିପାରନ୍ତି । କିନ୍ତୁ ବହୁଳ ରୂପେ ଐଶୀବାଣୀର ସତ୍ୟତା, ତାତ୍ତ୍ୱିକତା କେବଳ ସେହି ବ୍ୟକ୍ତି ଉପରେ ଉନ୍ମୋଚିତ ହୋଇଥାଏ ଯିଏ ଅଲ୍ଲାଃତାଲାଙ୍କ ସହିତ ପ୍ରେମ ଏବଂ ଆଜ୍ଞାବହତାର ବିଶେଷ ସଂପର୍କ ସ୍ଥାପନ କରିଥାଏ । ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚ ରଖିଥିବା ସନ୍ଥମାନଙ୍କ ମଧ୍ୟରୁ ଅନ୍ୟତମ ହୋଇଥିବା ଉଚିତ୍ ସେହି ବ୍ୟକ୍ତି ଉପରେ ପବିତ୍ର କୁରଆନ୍ କରୀମ୍‌ର ଗୂଢ ତତ୍ତ୍ୱ ଏବଂ ସତ୍ୟତା ଉନ୍ମୋଚିତ ହୋଇଥାଏ ।

(12) ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଏଇଥି ପାଇଁ ଆବଶ୍ୟକ ଯେ, ବିଗତ 23 ବର୍ଷ କାଳ ଉକ୍ତ କଥାର ସାକ୍ଷ୍ୟ ଯେ, ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ବିପକ୍ଷରେ ଯେଉଁ ଲୋକମାନେ ଉକ୍ତ ସଂପ୍ରଦାୟ ମଧ୍ୟରୁ ଖିଲାଫତ୍‌କୁ ଧ୍ୱଂସ କରିବାକୁ ଚାହିଁଲେ କିମ୍ବା ହ. ମିର୍ଜା ବଶୀରୁଦ୍ଦୀନ୍ ମେହ୍‌ମୁଦ୍ ଅହେମଦ୍ ସାହେବ ର.ଅଙ୍କ ଖିଲାଫତ୍‌ର ବିରୋଧ କଲେ ସେମାନେ ସଦା ସର୍ବଦା ପାଇଁ ଅକୃତକାର୍ଯ୍ୟ ଏବଂ ବିଫଳ ହୋଇ ରହିଲେ । ଏହିପରି ଲୋକମାନେ ଭବିଷ୍ୟତରେ ମଧ ସର୍ବଦା ଅକୃତକାର୍ଯ୍ୟ ଏବଂ ବିଫଳ ହୋଇ ରହିବେ ।

(13) ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଏଇଥି ପାଇଁ ଆବଶ୍ୟକ ଯେ, ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଦୁଆ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ସପକ୍ଷରେ ପ୍ରତିଦିନ ପୂର୍ଣ୍ଣ ହେଉଅଛି । ମୁଁ କାର୍ଯ୍ୟାଳୟସ୍ଥ ଡ଼ାକ ରେଜିଷ୍ଟରରେ ମଧ କିଛି କାଳ ସେବା କରି ଉକ୍ତ ପ୍ରସଙ୍ଗକୁ ଆଗ୍ରହର ସହିତ ଅବଲୋକନ କରିଅଛି ଯେ, ପ୍ରତିଦିନ ଅନେକ ପତ୍ର ଉକ୍ତ କୃତଜ୍ଞତାର ସହିତ ହ.ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ସେବାରେ ପହଞ୍ଚିଥାଏ ଯେ, ହୁଜୁର ର.ଅଙ୍କ ଦୁଆ ବଳରେ ଆମମାନଙ୍କର ଅମକ ଅଭିଳାଷା ପ୍ରାପ୍ତ ତଥା ଚରିତାର୍ଥ ହୋଇଛି । ଅବା ଆମର ଅମକ ଅଭିପ୍ରାୟ ପୂର୍ଣ୍ଣ ହେଲା ।

(14) ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଏଇଥି ପାଇଁ ଆବଶ୍ୟକ ଯେ, ମୁଁ ସ୍ୱୟଂ ଏବଂ ପରିବାରବର୍ଗଙ୍କର ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଅନେକ ଦୁଆ ସ୍ୱୀକୃତ ହେଉଥିବା ଅବଲୋକନ କରିଅଛି ଏବଂ ଏଭଳି କଲ୍ୟାଣ ପ୍ରାପ୍ତ କଲି ଯାହା ଅନ୍ୟ କୌଣସି ସ୍ଥାନରେ ତାହା ପ୍ରାପ୍ତ ହୋଇପାରିବ ନାହିଁ । ସୁତରାଂ ଉକ୍ତ ସତ୍ୟ ସଂପ୍ରଦାୟ ଚତୁର୍ଦ୍ଦଶ ଦିବସର ଚନ୍ଦ୍ର ସହିତ ସାମଞ୍ଜସ୍ୟତା ରଖିଥାଏ । ଅତଃ 14 ତମ ସଂଖ୍ୟାରେ ମୁଁ ଉକ୍ତ ବିଷୟବସ୍ତୁକୁ ସମାପ୍ତ କରୁଅଛି । **(ଦୈନିକ ଅଲ୍ ଫଜଲ୍ କାଦିଆନ୍ ଦାରୁଲ୍ ଅମାନ୍, ଅଗଷ୍ଟ ମାସ 10 ତାରିଖ 1937 ମସିହା)**

☆--☆--☆

## ଓଡ଼ିଆ ନଜମ୍

### ନୈବେଦ୍ୟ ବର୍ଣ୍ଣନା

ରହିମ୍ ଖାଁ (ମୁନ୍ନା)

ସଭିଙ୍କ ପାଇଁ ଅଲ୍ଲାଃ ଦ୍ୱାର ତୁମ ପାଇଁ ଖୋଲାରେ
ଫେରନ୍ତିନି ତୁମ ପାଖୁ ଖାଲି ହାତେ କେହିରେ । (1)
ତୁମ ମହାନତା ପାଇଁ ସର୍ବଶ୍ରେଷ୍ଠ ତୁମେରେ
ବିଚାରରେ ପକ୍ଷପାତ ମୋ ପାଇଁ କାହିଁରେ । (2)
କେତେ ଯେ ପରୀକ୍ଷା ନେବ ମୋ ଜୀବନ କାଳରେ
କୃତକାର୍ଯ୍ୟ ହୁଏ ନାହିଁ ଫଳ ହୁଏ ଶୂନରେ । (3)
ଦୁନିଆର ସାରା ଦୁଃଖ ଆସେ ମୋର ଉପରେ
ସଂସାରର ବାଟ ଚାଲେ ଧରୁ ମୁହଁ ବକ୍ଷରେ । (4)
ସୁଖ କି ମିଳିବ ସତେ ଲେଖିଛି ମୋ ଭାଗ୍ୟରେ
ଆଶା ବାନ୍ଧି ବସିଛି ମୁଁ ପୂର୍ଣ୍ଣ ହେବ କେବେରେ । (5)
ଜୀବନରେ ଶେଷଯାଏଁ ଦୁଆ ମାଗୁ ଥିବିରେ
ତୁମ ବିନା ଦୁନିଆରେ ସାହା କେହି ନାହିଁରେ । (6)

☆--☆--☆

## (ଖୁତ୍‌ବା ଜୁମା)

**ଦୁଆ ଏପରି ବିପତ୍ତିରୁ ମୁକ୍ତି ପ୍ରଦାନ କରିବା ପାଇଁ ଲାଭ ପ୍ରଦାନ କରିଥାଏ ଯାହା ଅବତୀର୍ଣ୍ଣ ହୋଇ ସାରିଥାଏ ଏବଂ ଏପରି ବିପତ୍ତିରୁ ମଧ୍ୟ ଉଦ୍ଧାର କରିଥାଏ ଯାହା ଏଯାବତ୍ ଅବତୀର୍ଣ୍ଣ ହୋଇ ନହିଁ । ସୁତରାଂ ହେ ଅଲ୍ଲାଃଙ୍କ ଭକ୍ତମାନେ ! ଦୁଆକୁ ନିଜ ଉପରେ (ପାଇଁ) ଅନିର୍ବାର୍ଯ୍ୟ କରିନିଅ ।**

**ଆଁହଜରତ ସ.ଅ କହିଲେ, ଈଶ୍ୱର ଚର୍ଚ୍ଚା କରୁଥିବା ବ୍ୟକ୍ତି ଓ ଈଶ୍ୱର ଚର୍ଚ୍ଚା କରୁ ନଥିବା ବ୍ୟକ୍ତିର ଉଦାହରଣ ଜୀବିତ ଓ ମୃତ ବ୍ୟକ୍ତି ପରି ଅଟେ ।**

**ଉକ୍ତ ସଂସାରକୁ ପ୍ରାପ୍ତ କରିବା ମଧ୍ୟ ଅଲ୍ଲାଃତାଲାଙ୍କ କୃପାକୁ ପ୍ରାପ୍ତ କରିବାର ମାଧ୍ୟମ ହେବା ଉଚିତ୍ । ଧର୍ମକୁ ସାଂସାରକିତା ଉପରେ ପ୍ରାଧାନ୍ୟ ଦେବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ଯଦି ଏପରି ହୁଏ ତାହାହେଲେ ଯାଇ ଆମେମାନେ ଦୁଆରୁ ପ୍ରକୃତ ରୂପେ ଉପକୃତ ହେବୁ ।**

**ଆଜିକାଲି ସଂସାରର ଯେଉଁ ଅବସ୍ଥା ଏବଂ ଯେଉଁ ପରିସ୍ଥିତି ରହିଛି ତାହା ଅତ୍ୟନ୍ତ ଶୋଚନୀୟ ଅଟେ । ଯୁଦ୍ଧରେ ଏପରି ଅସ୍ତ୍ରଶସ୍ତ୍ର ବ୍ୟବହୃତ ହେଉଛି ଯେ ସେହି ଅସ୍ତ୍ରଗୁଡ଼ିକ ଅଗ୍ନି ନିକ୍ଷେପ କରିଥାଆନ୍ତି । ଅଲ୍ଲାଃତାଲା ଆମମାନଙ୍କୁ ଅଗ୍ନିରୁ ସୁରକ୍ଷିତ ରଖନ୍ତୁ ଏବଂ ଶେଷ ଦିବସରେ ମଧ୍ୟ ପୁଣ୍ୟାବଳୀ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।**

**ଆମମାନଙ୍କ ପକ୍ଷେ ଏହା ଉଚିତ୍ ହେବ ଯେ, ଆମେମାନେ ଧ୍ୟାନ ଏବଂ ବିଚାରପୂର୍ବକ ଦୁଆ କରିବା ଉଚିତ୍ । କାରଣ ଆମେମାନେ ଯେଉଁଠି ଅଲ୍ଲାଃତାଲାଙ୍କର ନାମ ଜପ ଏବଂ ପ୍ରଶଂସାଗାନ କରିବୁ ସେଠାରେ ନିଜର ସଂଶୋଧନ ଏବଂ ମାର୍ଗଦର୍ଶନ ଓ ଆଧ୍ୟାତ୍ମିକତାରେ ଅଗ୍ରସର ହେବା ନିମନ୍ତେ ମଧ୍ୟ ଦୁଆ କରିବା ଉଚିତ୍ । ସଂସାର ପ୍ରାପ୍ତି ପାଇଁ ଆମମାନଙ୍କ ଦୁଆର ଅଭିପ୍ରାୟ ନହେଉ । ବରଂ ନିଜର ପ୍ରକାଶ୍ୟ ଏବଂ ଅପ୍ରକାଶ୍ୟ ଅବସ୍ଥାକୁ ଶୃଙ୍ଖଳିତ ତଥା ମାର୍ଜିତ କରିବା ନିମନ୍ତେ ଯେତେବେଳେ ଆମେମାନେ ଦୁଆ କରିବୁ ଏବଂ ବିଶେଷ ଧ୍ୟାନର ସହିତ ଦୁଆ କରିବୁ ତାହାହେଲେ ଆମେମାନେ ପ୍ରତ୍ୟେକ ପ୍ରକାରର କୃପା ବୃଷ୍ଟିକୁ ଅବଲୋକନ କରିବୁ ।**

**ଦୁଆ ହିଁ ଏପରି ଏକ ଦିବ୍ୟାସ୍ତ୍ର ଯାହାକି ଆମମାନଙ୍କର ବ୍ୟକ୍ତିଗତ ଜୀବନରେ ମଧ୍ୟ ପରିବର୍ତ୍ତନ ଆଣିବ ଏବଂ ଜମାଅତ୍‌ର ଜୀବନରେ ମଧ୍ୟ ଲାଭ ପ୍ରଦାନ କରିବ ।**

**ଆଁହଜରତ ସ.ଅଙ୍କର ଏହି ଦୁଆଗୁଡ଼ିକୁ ଅନ୍ତତଃ ସ୍ମରଣ ରଖି କିମ୍ବା ଏହାର ଅର୍ଥକୁ ହୃଦୟଙ୍ଗମ କରି ଆମମାନଙ୍କୁ ମଧ୍ୟ ଏହିପରି ଦୁଆ କରିବା ଉଚିତ୍ ।**

**ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ସାରିଛି । କିନ୍ତୁ ସଂସାରର ଶାସକମାନଙ୍କୁ ଟିକେ ହେଲେ ବି ଚିନ୍ତା ନାହିଁ । ସେମାନଙ୍କ ଧାରଣାରେ ସେମାନେ ସୁରକ୍ଷିତ ରହିବେ ଏବଂ ଜନତା ମୃତ୍ୟୁବରଣ କରିବେ । କିନ୍ତୁ ଏହା ସେମାନଙ୍କର ଅପକ୍ୱ ଏବଂ ଅନୁଭବହୀନ ଚିନ୍ତାଧାରା ଅଟେ ।**

**କେତେକ କୁରଆନୀୟ ଦୁଆ, ମସ୍‌ନୁନ୍ (ପରମ୍ପରାଗତ) ଦୁଆ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଦୁଆର ପ୍ରଭାବଶାଳୀ ବର୍ଣ୍ଣନା ଏବଂ ତାତ୍ତ୍ୱିକପୂର୍ଣ୍ଣ ବ୍ୟାଖ୍ୟା ।**

**ରମଜାନ୍ ମାସର କଲ୍ୟାଣ ସର୍ବଦା ଅବ୍ୟାହତ ରହିବା, ଅସୀରାନେ ରାହେ ମୌଲା (ଈଶ୍ୱରଙ୍କ ସକାଶେ କାରାବରଣ ଦଣ୍ଡ ଭୋଗୁଥିବା ଅହେମଦିମାନେ)ଙ୍କ କାରାମୁକ୍ତ ହେବା ନିମନ୍ତେ, ଯୁଦ୍ଧର ଅଗ୍ନିରୁ ଓ ଯୁଦ୍ଧ ପରବର୍ତ୍ତୀ କୁପ୍ରଭାବରୁ ସୁରକ୍ଷିତ ତଥା ବର୍ତ୍ତିବା ନିମନ୍ତେ ଓ ମାନବ ଜାତିକୁ ବଞ୍ଚାଇବା (ଉଦ୍ଧାର) ନିମନ୍ତେ ହୁଜୁର ଅନୱର୍ ଅ.ବଙ୍କ ଜମାଅତର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 5 April 2024 ମସିହା ଅନୁଯାୟୀ ୦୫ ଶାହାଦତ୍ /୧୪୦୩ ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ ସୁରାଃ ନମଲ୍‌ର 63 ନଂ ଆୟତ୍ اَمَّنْ يُّجِيْبُ الْمُضْطَرَّ اِذَا دَعَاهُ وَيَكْشِفُ السُّوْٓءَ وَيَجْعَلُكُمْ خُلَفَآءَ الْاَرْضِ ءَاِلٰهٌ مَّعَ اللّٰهِ قَلِيْلًا مَّا تَذَكَّرُوْنَ ଆବୃତ୍ତି କଲେ ଉପରୋକ୍ତ ଆୟତ୍‌ର ଅନୁବାଦ ଏହିପରି: ଅର୍ଥାତ୍ କିଏ ଦୁସ୍ଥ ଲୋକର ପ୍ରାର୍ଥନାକୁ ଶୁଣେ ? ଯେତେବେଳେ ସେ ତାହାକୁ ପ୍ରାର୍ଥନା କରେ ସେତେବେଳେ ସେ ତାହାର ଦୁଃଖ ଦୂର କରନ୍ତି ଏବଂ ସେ ତୁମମାନଙ୍କୁ (ଅର୍ଥାତ୍ ପ୍ରାର୍ଥନାକାରୀଙ୍କୁ ଦିନେ) ସମଗ୍ର ଭୂପୃଷ୍ଠରେ ଉତ୍ତରାଧିକାରୀ କରିଦେବେ । (ତେବେ କୁହ) କ'ଣ ସେହି ସର୍ବଶକ୍ତିମାନ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ଅଛନ୍ତି ? ତୁମେମାନେ ଆଦୌ ଶିକ୍ଷା ଲାଭ କରି ନାହଁ ।

ଅଲ୍ଲାଃତାଲା ଉପରୋକ୍ତ ଆୟତ୍‌ରେ କୁହନ୍ତି, ମୁଁ ଦୁସ୍ଥ ଏବଂ ଉଦବିଗ୍ନ, ବ୍ୟାକୁଳ ବ୍ୟକ୍ତିର ପ୍ରାର୍ଥନାକୁ ସ୍ୱୀକାର କରିଥାଏ । ବିଗତ ଜୁମା (ଶୁକ୍ରବାର)ରେ ମଧ୍ୟ ମୁଁ ଦୁଆର ବିଷୟ ବସ୍ତୁ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରାମାଣ୍ୟ ପ୍ରକାଶରେ ବର୍ଣ୍ଣନା କରିଥିଲି । କାରଣ ଦୁଆ କିପରି ହେବା ଉଚିତ୍, ତାହାର ବ୍ରହ୍ମଜ୍ଞାନ ଏବଂ ଦାର୍ଶନିକତା କ'ଣ ରହିଛି ? ଆଜି ଉକ୍ତ ଦୁଆର ବିଷୟ ବସ୍ତୁ ମଧ୍ୟ ଅବ୍ୟାହତ ରହିଛି । ଯେପରିକି ମୁଁ କହିଲି ଅଲ୍ଲାଃତାଲା କୁହନ୍ତି ଯେ, ମୁଁ ଦୁସ୍ଥ ବ୍ୟକ୍ତିର ପ୍ରାର୍ଥନାକୁ ସ୍ୱୀକାର କରିଥାଏ । ଅତଃ ଦୁସ୍ଥରୁ ଯଥାର୍ଥ କେବଳ ବ୍ୟାକୁଳତା, ବ୍ୟସ୍ତ ବିବ୍ରତତା ନୁହେଁ । ବରଂ ଏପରି ବ୍ୟକ୍ତି ଯଥାର୍ଥ ଯେଉଁ ବ୍ୟକ୍ତିର ସମସ୍ତ ମାର୍ଗ ରୁଦ୍ଧ ହୋଇଯାଇଥିବ । ଅତଏବ୍ ଆମେମାନେ ଯେତେବେଳେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ମୁଣ୍ଡ ନୁଆଁଇବୁ ସେତେବେଳେ ଏପରି ଅବସ୍ଥା କରି ମଥାନତ ହେବୁ ଏବଂ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଏହି ପ୍ରାର୍ଥନା କରିବୁ ଯେ, ହେ ଈଶ୍ୱର ! ତୁମ୍ଭ ବ୍ୟତୀତ ଆମ୍ଭମାନଙ୍କର ଆଉ କେହି ନାହିଁ । ଆମ୍ଭେମାନେ ତୁମ୍ଭ ଉପରେ ହିଁ ବିଶ୍ୱାସ କରୁଛେ ଓ ତୁମ୍ଭ ନିକଟରେ ହିଁ ଆସିଅଛୁ ।

ଜମାଅତୀୟ ଦୃଷ୍ଟିରୁ ତ' ବିଶେଷ ରୂପେ ଉକ୍ତ କଥାକୁ ସ୍ମରଣ ରଖିବା ଉଚିତ୍ ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ନାହିଁ ଯିଏ ଆମମାନଙ୍କୁ ଉକ୍ତ ପରିସ୍ଥିତିରୁ ଉଦ୍ଧାର କରିବ । ଅର୍ଥାତ୍ ଯେଉଁମାନେ ପାକିସ୍ତାନରେ ବାସ କରନ୍ତି ଅବା ଅନ୍ୟ ଦେଶରେ ବାସ କରନ୍ତି । ବରଂ ବ୍ୟକ୍ତିଗତ ରୂପେ ମଧ୍ୟ ମନୁଷ୍ୟ ଯଦି ବୁଝିବାକୁ ଚେଷ୍ଟା କରେ ତେବେ ଅଲ୍ଲାଃତାଲା ହିଁ ଅଟନ୍ତି ଯିଏ ସମସ୍ତ କାର୍ଯ୍ୟ କରିଥାଆନ୍ତି । ସେ ହିଁ ଆମର ଆରାଧ୍ୟ ଉପାସକ ଅଟନ୍ତି ଯିଏ ଆମମାନଙ୍କର ସମସ୍ତ ଆବଶ୍ୟକତାକୁ ପୂରଣ କରିଥାଆନ୍ତି । ସେହି ସର୍ବ ଶକ୍ତିମାନ ଈଶ୍ୱର ଯାହାଙ୍କ ସମ୍ମୁଖରେ ମଥାନତ ହୋଇପାରିବ । ସେ ହିଁ ସାଧନ ଉପଲବ୍ଧ କରି ଥାଆନ୍ତି । ଯେଉଁ ଲୋକମାନେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ମଥାନତ ହୁଅନ୍ତି ନାହିଁ ସେମାନଙ୍କ ଉପରେ ମଧ୍ୟ ଅଶେଷ ଦୟା ପ୍ରକାଶିତ (ଅବତୀର୍ଣ୍ଣ) ହୋଇଥାଏ । ଅର୍ଥାତ୍ ଯେଉଁମାନେ ଉକ୍ତ କରୁଣାରୁ ଉପକୃତ ହେଉଅଛନ୍ତି । ହ. ମସିହ୍ ମଉଦ୍ ଅ.ସ ଦୁସ୍ଥ ସଂପର୍କରେ ଯେଉଁ ବିଶେଷ ବିନ୍ଦୁ ବର୍ଣ୍ଣନା କରିଛନ୍ତି ତତ୍‌ସଂପର୍କରେ ମୁଁ ପୂର୍ବ ଖୁତ୍‌ବାରେ ମଧ୍ୟ ଚର୍ଚ୍ଚା କରିଥିଲି । ଅର୍ଥାତ୍ ଅଲ୍ଲାଃତାଲାଙ୍କୁ ଚିହ୍ନିବାର ଏହି ବିଶେଷ ନିଦର୍ଶନ ବର୍ଣ୍ଣନା କରାଯାଇଛି ଯେ, ମୁଁ ଦୁସ୍ଥ ବ୍ୟକ୍ତିଙ୍କର ପ୍ରାର୍ଥନାକୁ ସ୍ୱୀକାର କରିଥାଏ ।

ସୁତରାଂ ନିଜ ଦୁଆରେ ବ୍ୟାକୁଳତା, ଉଦବିଗ୍ନତା ଏବଂ ବିବ୍ରତତା ତଥା ଦୁସ୍ଥତା ସୃଷ୍ଟି କରିବାର ଆବଶ୍ୟକତା ରହିଛି । ସୁତରାଂ ଆମମାନଙ୍କୁ ବିଶେଷ ରୂପେ ଦୁଆ

ପ୍ରତି ଧ୍ୟାନ ଦେବା ଉଚିତ୍ । ଏହି ଦୁଆ ହିଁ ଆମମାନଙ୍କୁ ସେହି ବିଷମ ପରିସ୍ଥିତିରୁ ବାହାର (ଉଦ୍ଧାର) କରିବ ଯହିଁରେ ଆମେମାନେ ଆଜି କାଲି ରହିଛେ । ବରଂ ମୁସଲମାନ ଜାତି ପରୀକ୍ଷାରୁ ଉତ୍ତର ବାହାରିବା ପାଇଁ ଦୁଆ ହିଁ କାମ ଦେବ । ସୁତରାଂ ଯଦି ଉକ୍ତ କଥାକୁ ହୃଦୟଙ୍ଗମ କରି ଏହି ଲୋକମାନେ ଦୁଆ କରନ୍ତି ଓ ତତ୍ସହିତ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ବିରୋଧକୁ ପରିତ୍ୟାଗ କରି ଦିଅନ୍ତୁ । ସେ ଯାହା ହେଉ ଯେଉଁଠି ଅହେମଦିମାନଙ୍କର ପ୍ରଶ୍ନ ରହିଛି ସେଠାରେ ପ୍ରତ୍ୟେକ ଅହେମଦିକୁ ଉକ୍ତ କଥାକୁ ନିଜ ମସ୍ତିଷ୍କରେ ଭଲ ଭାବରେ ଅସନ୍ନିତ କରିନେବା ଉଚିତ୍ ଯେ, ଯଦି ଏମାନେ ନିଜର ଦୁଆ ସ୍ୱୀକୃତ ହେବାକୁ ଚାହାନ୍ତି ତାହାହେଲେ ଦୁଃସ୍ଥ ଏବଂ ଅଧୀରତା ପରିସ୍ଥିତି ସୃଷ୍ଟି କରନ୍ତୁ । ପ୍ରତିଶୃତ ହ. ମସିହ୍ ମଉଦ୍ ଅ.ସ ଉକ୍ତ ବିଷୟବସ୍ତୁକୁ ଏକ ସ୍ଥାନରେ ବର୍ଣ୍ଣନା କରିଛନ୍ତି । ଆପଣ ଅ.ସ କୁହନ୍ତି; "ମନେରଖ ! ଅଲ୍ଲାତାଲା ନିଃସ୍ପୃହ ଅଟନ୍ତି । ଯେପର୍ଯ୍ୟନ୍ତ ବହୁଳ ରୂପେ ବାରମ୍ବାର ଦୁଃସ୍ଥ ବ୍ୟାକୁଳତା ଦ୍ୱାରା ଦୁଆ କରାଯାଉ ନାହିଁ ସେପର୍ଯ୍ୟନ୍ତ ସେ ଏହାକୁ ଭୃକ୍ଷେପ କରନ୍ତି ନାହିଁ ।"....... ସୁତରାଂ ସ୍ୱୀକୃତ ନିମନ୍ତେ ଦୁଃସ୍ଥ ଅଧୀରତା ସର୍ତ୍ତ ରହିଛି ।

(ମଲ୍ଫୁଜାତ୍, ଭାଗ-10, ପୃ-137, ସଂସ୍କରଣ ବର୍ଷ-1984)

ବ୍ୟଗ୍ରତାର ଅବସ୍ଥା କହିଲେ ଶତ ପ୍ରତିଶତ ଏହି ବିଶ୍ୱାସ ଥିବ ଯେ, ବର୍ତ୍ତମାନ ସଂସାରର ସମସ୍ତ ମାର୍ଗ ବନ୍ଦ ହୋଇଯାଇଛି ଏବଂ କେବଳ ଗୋଟିଏ ମାର୍ଗ ଉନ୍ମୁକ୍ତ ରହିଛି ଯାହାକି ଈଶ୍ୱରଙ୍କ ମାର୍ଗ ଅଟେ । ଉକ୍ତ ମାର୍ଗଟି କ୍ଷମା ପ୍ରଦାନକାରୀଙ୍କର ମାର୍ଗ ଅଟେ (ଅଲ୍ଲାଃତାଲାଙ୍କର) । ଏହା ଆମମାନଙ୍କୁ ସମସ୍ୟାରୁ ଉଦ୍ଧାର କରିଥାଏ । ସୁତରାଂ ନିଜର ଦୁଆରେ (ପ୍ରାର୍ଥନାରେ) ଏହି ବ୍ୟଥାମୂଳକ ଅବସ୍ଥା ଆମମାନଙ୍କୁ ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଅନ୍ୟଥା ଦୁଆ, ଈଶ୍ୱର ଚର୍ଚ୍ଚା କେବଳ ବାଚିକ ଜମା ପୁଞ୍ଜି (ସମ୍ବଳ) ହୁଏ ତାହାହେଲେ ଏହାର କୌଣସି ଲାଭ ଏବଂ ମୂଲ୍ୟ ନାହିଁ । ତତ୍ସଂକ୍ରାନ୍ତରେ ଏକ ଅବସରରେ ଆଁହଜରତ ସ.ଅ କହିଲେ, ମୁଁ ତୁମମାନଙ୍କୁ ଆଦେଶ ଦେଉଛି ଯେ, ତୁମେମାନେ ଅଲ୍ଲାଃତାଲାକୁ ସର୍ବାଧିକ ସ୍ମରଣ କର ଏବଂ ସ୍ମରଣର ଉଦାହରଣ ଏପରି ମନେକର ଯେପରିକି କୌଣସି ବ୍ୟକ୍ତି ନିଜ ଶତ୍ରୁର ଦ୍ରୁତ ଗତିରେ ପିଛା କରିଥାଏ । ଏପର୍ଯ୍ୟନ୍ତକି ସେହି ଲୋକ ପଳାୟନ କରି ଏକ ମଜ୍ଭୂତ ଦୁର୍ଗ ମଧ୍ୟରେ ଆଶ୍ରୟ ନେଇ ଶତ୍ରୁ ହାତ ମୁଠାକୁ ଆସିବାରୁ ବର୍ତ୍ତିଗଲା । ସେହିପରି ମନୁଷ୍ୟ ସୈତାନ ଦ୍ୱାରା ମୁକ୍ତି ପ୍ରାପ୍ତ କରିଥାଏ । ଅନ୍ୟଥା ଏହାକୁ ବାଦ୍ ଦେଲେ ଅନ୍ୟ କୌଣସି ମାଧ୍ୟମ ଆଉ ନାହିଁ । **(ଶୋବିଲ୍ ଇମାନ୍, ଭାଗ-2, ପୃ-73, ହଦିସ୍ ନଂ-534, ପ୍ରକାଶନ ସ୍ଥାନ-ମକ୍ତବତୁର୍ ରଶ୍ଚାଦ୍ ନାଶିରୁନା, ବୈରୁତ୍-2003 ମସିହା)**

ସୁତରାଂ ଦୁଆ କରିବା ପ୍ରତି ଅତ୍ୟଧିକ ଆବଶ୍ୟକତା ରହିଛି । କୁରଆନୀୟ ଦୁଆ ରହିଛି, ମସନୁନ୍ ଦୁଆ ରହିଛି, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ଶିକ୍ଷା ଦିଆଯାଇଥିବ ଦୁଆ ରହିଛି ଏବଂ ନିଜ ଭାଷାରେ ଦୁଆ ରହିଛି । ଆମମାନଙ୍କ ପାଇଁ ଯେଉଁ ସମସ୍ୟା ସୃଷ୍ଟି କରାଯାଉଛି ଏବଂ ଆମେମାନେ ଯଦି ଏହିସବୁ ପରିସ୍ଥିତିରୁ ମୁକୁଳିବାକୁ ଚାହୁଁଛେ ତାହାହେଲେ ଆମମାନଙ୍କୁ ଏଥିପ୍ରତି (ଦୁଆ କରିବା ପ୍ରତି) ଅଧିକ ଧ୍ୟାନ ଦେବାକୁ ହେବ । ପାକିସ୍ତାନରେ କିମ୍ବା ଅନ୍ୟ ଦେଶମାନଙ୍କରେ ଆମେମାନେ ସ୍ୱାଧୀନ ଭାବରେ ନମାଜ ପାଠ କରିପାରୁ ନାହୁଁ, ଆମେମାନେ ସ୍ୱାଧୀନ ଭାବରେ ଆଁହଜରତ ସ.ଅଙ୍କ ପ୍ରତି ନିଜ ମନ ଭିତରେ ଥିବା ଆନ୍ତରୀକତାକୁ ପରିପ୍ରକାଶ କରିପାରୁ ନାହୁଁ । ସ୍ୱାଧୀନ ଭାବରେ ଆମେମାନେ ଅଲ୍ଲାଃତାଲାଙ୍କ ଶେଷ ଧର୍ମବିଧାନ ଗ୍ରନ୍ଥ ପବିତ୍ରୁ କୁରଆନ୍ କରୀମ୍ ପାଠ କରିପାରୁ ନାହୁଁ । ସ୍ୱାଧୀନତାର ସହିତ ଆମେମାନେ କୌଣସି ପ୍ରକାରର ଇସ୍ଲାମୀୟ ଉପାସନା ଏବଂ କର୍ତ୍ତବ୍ୟ ସମ୍ପାଦନ କରିପାରୁ ନାହିଁ । ସୈତାନର ଚେଲାମାନେ ସବୁବେଳେ ଏହି ସୁଯୋଗକୁ ଅନାଇ ବସି ରହିଛନ୍ତି ଯେ, କେବେ ଓ କେଉଁଠି ସୁଯୋଗ ମିଳେଲେ ଆମେମାନେ ଅହେମଦିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପରସ୍ପର ଠାରୁ ଆଗକୁ ବଢିଯାଇ ନିଜ ଧାରଣାରେ ପୁଣ୍ୟାର୍ଜନକାରୀ ବ୍ୟକ୍ତି ହେବୁ । ବିଗତ ଦିନ ଜଣେ ଅହେମଦିକୁ ଶହୀଦ୍ କରିଦିଆଗଲା ଏବଂ ହତ୍ୟାକାରୀମାନେ ଧରା ପଡ଼ିଲେ ଯେତେବେଳେ ସେମାନଙ୍କୁ ପଚରାଗାଲା ସେତେବେଳେ ସେମାନେ କହିଲେ, ଆମେମାନେ ଅମକ ମାଦ୍ରାସାର ମୌଲବୀ ସାହେବଙ୍କୁ ପଚାରିଥିଲୁ ଯେ, ସ୍ୱର୍ଗକୁ ଯିବାର ସବୁଠୁ ନିକଟତର ଏବଂ ସରଳ ମାର୍ଗ କେଉଁଟି ? ତେବେ ପ୍ରତ୍ୟୁତ୍ତରରେ ମୌଲବୀ ସାହେବ କହିଲେ, ସବୁଠୁ ନିକଟବର୍ତ୍ତୀ ମାର୍ଗ ଏହିକିଯେ, ତୁମେମାନେ କୌଣସି ଅବିଶ୍ୱାସକାରୀମାନଙ୍କୁ ହତ୍ୟା କରିଦିଅ । ଅହେମଦିମାନେ ଅବିଶ୍ୱାସକାରୀ ଅଟନ୍ତି । ଅତଃ ସେମାନଙ୍କୁ ହତ୍ୟା କରିବା ବୈଧ ଅଟେ । କିନ୍ତୁ ବାସ୍ତବରେ ଏମାନେ ଈଶ୍ୱରଙ୍କ ଆୟତ୍ତରେ ଧରାପଡ଼ିବାର ସାଧନ ସୃଷ୍ଟି କରୁଛନ୍ତି ।

ସେ ଯାହା ହେଉ ନା କାହିଁକି ଆମେମାନେ ନିଜର ଅବସ୍ଥାକୁ ବ୍ୟଗ୍ର ଓ ବ୍ୟାକୁଳତି କରିବାର ଆବଶ୍ୟକତା ରହିଛି ଏବଂ ବ୍ୟାକୁଳତାର ଏକ ଲକ୍ଷଣ ହ. ମସିହ୍ ମଉଦ୍ ଅ.ସ ଈଶ୍ୱରଙ୍କ ବାଣୀ ଅନୁଯାୟୀ ଏହିପରି ଦର୍ଶାଇଛନ୍ତି ଯେ, مُضْطَرْ ଶବ୍ଦରୁ ସେହି କ୍ଷତିକାରକ ବ୍ୟକ୍ତିମାନେ ଯଥାର୍ଥ ଅଟନ୍ତି ଯେଉଁମାନେ କେବଳ ପରୀକ୍ଷା ସ୍ୱରୂପ ହାନୀକାରକ ଏବଂ ଅନିଷ୍ଟକାରୀ ଅଟନ୍ତି ନା କି ଶାସ୍ତି ସ୍ୱରୂପ ଅଟନ୍ତି ।

(ଦାଫିଉଲ୍ ବଲା, ରୁହାନୀ ଖଜାଏନ୍, ଭାଗ-18, ପୃ-231)

ଆଜି ଅହେମଦିମାନେ ହିଁ ଉକ୍ତ ଅଗ୍ନୀ ପରୀକ୍ଷା ମଧ୍ୟ ଦେଇ ଗତି କୁରଛନ୍ତି । ଅହେମଦିମାନଙ୍କ ଉପରେ ଏହି କଟକଣା ଲାଗୁ କରାଯାଇଛି ଯେ, ଈଶ୍ୱରଙ୍କ ପ୍ରେମ ଓ ବାର୍ତ୍ତାବହ ନବୀ ସ.ଅଙ୍କ ପ୍ରେମର ପରିପ୍ରକାଶ ମଧ୍ୟ କରିପାରିବେ ନାହିଁ । କୌଣସି ବ୍ୟକ୍ତିଗତ ଇଚ୍ଛା ଓ ଅଭିଳାଷା ତ' ନୁହେଁ, କୌଣସି ବ୍ୟକ୍ତିଗତ ଅପରାଧ ତ' ନୁହେଁ ଯେଉଁମାନଙ୍କୁ ଶାସ୍ତି ମିଳୁଅଛି । ଆମମାନଙ୍କୁ ଏହିସବୁ ପରୀକ୍ଷା ମଧ୍ୟ ଦେଇ ଅତିକ୍ରମ କରିବା ପାଇଁ କୁହାଯାଉଛି । ସୁତରାଂ ଏହି ଦିନମାନଙ୍କରେ ନିଜର ତୁଣ୍ଡକୁ ଦୁଆ ଏବଂ ଈଶ୍ୱର ଚର୍ଚ୍ଚା ଦ୍ୱାରା ପୂର୍ଣ୍ଣ ରଖିବା ଉଚିତ୍ । ନିଜର ସଜ୍ଦାରେ, ନିଜର ଦୁଆରେ ବ୍ୟାକୁଳିତ ଅବସ୍ଥା ସୃଷ୍ଟି କରିବା ଉଚିତ୍ । ବର୍ତ୍ତମାନ ମୁଁ ପବିତ୍ର କୁରଆନୀୟ ଏବଂ ମସ୍ନୁନ୍ ଦୁଆ ଓ ହ. ମସିହ୍ ମଉଦ୍ ଅ.ସଙ୍କ ଦୁଆ ମଧ୍ୟ ପୁନରାବୃତ୍ତି କରିବି । ସେହି ଦୁଆ ଶୁଣି ଏଠାରେ ଅର୍ଥାତ୍ ମସ୍ଜିଦ୍‌ରେ ଆମିନ୍ କହିଦେଲେ ଯଥେଷ୍ଟ ହେବ ନାହିଁ । ବରଂ ଏହା ଉପରେ ନିୟମିତ ଧ୍ୟାନ ଦେବା ଉଚିତ୍ ଏବଂ ଧ୍ୟାନପୂର୍ବକ ବ୍ୟାକୁଳିତ ଏବଂ ଉଦବିଗ୍ନତାର ସହିତ ଦୁଆ ପାଠ କରିବା ଉଚିତ୍ । ଏତଦ୍‌ଭିନ୍ନ ସେହି ଦୁଆଗଡ଼ିକୁ ନିଜ ଭାଷାରେ ମଧ୍ୟ କରିବା ଉଚିତ୍ । ହ. ମସିହ୍ ମଉଦ୍ ଅ.ସ କହିଲେ, ଆପଣମାନେ ନିଜ ଭାଷାରେ ମଧ୍ୟ ଦୁଆ କରନ୍ତୁ । କାରଣ ବ୍ୟାକୁଳିତ ଅବସ୍ଥା ଅଧିକ ସୃଷ୍ଟି ହେଉ । ହୃଦୟ ଏହାକୁ ଅନୁଭବ କରୁ ।

**(ମଲ୍ଫୁଜାତ୍, ଭାଗ-6, ପୃ-146, ସଂସ୍କରଣ ବର୍ଷ-1984 ମସିହାରୁ ଉଦ୍ଧୃତ)**

ଈଶ୍ୱର ଚର୍ଚ୍ଚାକାରୀଙ୍କ ସଂକ୍ରାନ୍ତରେ ଆଁହଜରତ ସ.ଅ କୁହନ୍ତି: ଈଶ୍ୱର ଚର୍ଚ୍ଚାକାରୀ ଏବଂ ଈଶ୍ୱର ଚର୍ଚ୍ଚା କରୁ ନଥିବା ବ୍ୟକ୍ତିଙ୍କର ଉଦାହରଣ ଜୀବିତ ଓ ମୃତ ବ୍ୟକ୍ତି ପରି। **(ସହିହୁଲ୍ ବୁଖାରୀ, କିତାବୁତ୍ ଦାୱାତ୍, ବାବ ଫଜ୍ଲୁଜ୍ ଜିକ୍ରୁଲ୍ଲାଃହି ଅଜ୍ଜୱଜଲ୍ଲା, ହଦିସ୍ ନଂ-6407)**

ସୁତରାଂ ଆମମାନଙ୍କୁ ସେହି ଜୀବିତ ବ୍ୟକ୍ତିଙ୍କ ମଧ୍ୟରେ ଗଣ୍ୟ ହେବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ଅର୍ଥାତ୍ ଯେଉଁ ଲୋକମାନେ ଈଶ୍ୱ ଚର୍ଚ୍ଚା ଦ୍ୱାରା ନିଜର ତୁଣ୍ଡକୁ ଆର୍ଦ୍ର ରଖନ୍ତି । ସେହିପରି ଅନ୍ୟ ଏକ ଅବସରରେ ଆଁହଜରତ ସ.ଅ କହିଲେ, "ଦୁଆ ଏପରି ବିପତ୍ତିରୁ ମୋକ୍ଷ ବା ମୁକ୍ତି ପ୍ରେଦାନ କରିବା ନିମନ୍ତେ ଲାଭ ପ୍ରଦାନ କରିଥାଏ ଯାହା ଅବତୀର୍ଣ୍ଣ ହୋଇସାରିଥିବ ଏବଂ ସେହିପରି ଦୁଆ ଏପରି ବିପତ୍ତିରୁ ଉଦ୍ଧାର କରିଥାଏ ଯାହାକି ଏପର୍ଯ୍ୟନ୍ତ ଅବତୀର୍ଣ୍ଣ ହୋଇ ନାହିଁ । ଅତଏବ୍ ହେ ଅଲ୍ଲାଃଙ୍କ ଭକ୍ତଗଣ ! ଦୁଆକୁ ନିଜ ଉପରେ ଅନିର୍ବାର୍ଯ୍ୟ କରିନିଅ ।"**(ସୁନନ୍ ତିର୍ମିଜି, ଅବ୍ୱାବୁଦ୍ ଦାୱାତ୍, ବାବ୍-ମନ୍ ଫତହ ଲହୁ ମିନ୍କୁମ୍, ବାବୁଦ୍ ଦୁଆ, ହଦିସ୍ ନଂ-3548)**

ସୁତରାଂ ଆମମାନଙ୍କୁ ଦୁଆର ମହତ୍ତ୍ୱକୁ ସର୍ଦବା ନିଜ ସମ୍ମୁଖରେ ରଖିବା ଉଚିତ୍। କେତେକ ଦୁଆର ମୁଁ ଚର୍ଚ୍ଚା କରିଦେଉଛି । ଯେପରିକି ମୁଁ କହିଲି, ସର୍ବପ୍ରଥମ ଦୁଆ ହେଉଛି ସୁରାଃ ପାତିହା । ଉକ୍ତ ଦୁଆକୁ ଆମେମାନେ କେବଳ ନମାଜରେ ପାଠ କରୁ ନାହୁଁ ବରଂ ଖାଲି ସମୟରେ ମଧ୍ୟ ପୁନରାବୃତ୍ତି କରିବା ଉଚିତ୍ । ମୁଁ (ହୁଜୁର ଅନ୍ୱର୍ ଅ.ବ) ଜୁବଲୀ ଦୁଆ ଧାର୍ଯ୍ୟ କରିଥିଲି । ସୁରାଃ ଫାତିହା ମଧ୍ୟ ଲୋକମାନେ ସାଙ୍ଗରେ ପୁନରାବୃତ୍ତି କରୁଥିଲେ । ଅନ୍ୟ ଦୁଆ ମଧ୍ୟ ପାଠା କରିବା ଉଚିତ୍ । ଅର୍ଥାତ୍ ମନୁଷ୍ୟ ଉକ୍ତ ଦୁଆକୁ ପୁନରାବୃତ୍ତି କରିଥାଏ । ହ. ମସିହ୍ ମଉଦ୍ ଅ.ସ ଏକ ଅବସରରେ କହିଲେ, ସୁରାଃ ଫାତିହାର ଏକ ବିଶେଷତ୍ୱତା ଏହା ରହିଛି ଯେ, ଏହାକୁ ଧ୍ୟାନପୂର୍ବକ ଏବଂ ନିଷ୍ଠାପୂର୍ବକ ପାଠ କରିବା ଦ୍ୱାରା ହୃଦୟ ନିର୍ମଳ ହୋଇଥାଏ ଏବଂ ଅନ୍ଧକାରର ପରଦାକୁ ଉକ୍ତ ଦୁଆ ଦୂରୀଭୂତ କରିଦେଇଥାଏ । ଅର୍ଥାତ୍ ଯେଉଁ ଅନ୍ଧକାର ହୃଦୟରେ ଆଚ୍ଛନ୍ନ କରି ରଖିଛି ତାହାକୁ ଦୂରୀଭୂତ କରିଥାଏ ଏବଂ ହୃଦୟକୁ ପ୍ରଶସ୍ତ ଏବଂ ଉନ୍ମୁକ୍ତ କରିଥାଏ । ଆଶ୍ୱସ୍ତି ପ୍ରଦାନ କରିଥାଏ । ସତ୍ୟାନ୍ୱେଷୀକୁ ଈଶ୍ୱରଙ୍କ ଦରବାର ଆଡ଼କୁ ଟାଣି ଆଣି ଏପରି ଆଲୋକ ତଥା ଲକ୍ଷଣର ଅଧିକାରୀ କରିଦେଇଥାଏ ଯାହାକି ଜଣେ ଈଶ୍ୱରଙ୍କ ସାମୀପ୍ୟତା ଅର୍ଜନ କରିଥିବା ବ୍ୟକ୍ତି ମଧ୍ୟରେ ବିଦ୍ୟମାନ ହେବା ଉଚିତ୍ । ଏହା ଅଲ୍ଲାଃତାଲାଙ୍କ ସମୀପବର୍ତ୍ତୀ କରାଇଥାଏ । ମନୁଷ୍ୟ ଯଦି ଏହାକୁ ଧ୍ୟାନପୂର୍ବକ ପାଠ କରେ ତେବେ ଅଲ୍ଲାଃତାଲାଙ୍କ ସାମୀପ୍ୟତା ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇଥାଏ । ସୁତରାଂ ମନୁଷ୍ୟକୁ ଏପରି ସାମୀପ୍ୟତା ପ୍ରାପ୍ତ ହୋଇଥାଏ । ଏହା ନୁହେଁ ଯେ, ଆମମାନେ ଈଶ୍ୱରଙ୍କ ସାମୀପ୍ୟତା ପ୍ରାପ୍ତ କରିପାରିବୁ ନାହିଁ । ଏହି ସାମୀପ୍ୟତା ଅନ୍ୟ ବ୍ୟକ୍ତିମାନଙ୍କୁ ଅନ୍ୟ କୌଣସି ଆଳ କିମ୍ବା ଯୋଜନା ଦ୍ୱାରା କଦାପି ପ୍ରାପ୍ତ ହୋଇପାରିବ ନାହିଁ ।

**(ବରାହିନେ ଅହେମଦିୟା, ବାଗ-4, ରୁହାନୀ ଖଜାଏନ୍, ଭାଗ-1, ପୃ-402)**

ସୁତରାଂ ସୁରାଃ ଫାତିହାକୁ ଅତ୍ୟନ୍ତ ଧ୍ୟାନପୂର୍ବକ ବୁଝି ବିଚାରି ପାଠ ତଥା ଜପ କରିବା ଦ୍ୱାରା ମନୁଷ୍ୟ ଅଲ୍ଲାଃତାଲାଙ୍କ ସାମୀପ୍ୟତା ପ୍ରାପ୍ତ କରିଥାଏ । କେବଳ ସେତିକି ନୁହେଁ ବରଂ ଯଦି ବିଚାର କରାଯାଏ ତେବେ ତହିଁରେ ଅର୍ଥାତ୍ ଦୁଆରେ ହିଁ ମନୁଷ୍ୟ ନିଜ ମଧ୍ୟରେ ବ୍ୟାକୁଳତା ତଥା ଉଦ୍‌ବିଗ୍ନତା ସୃଷ୍ଟି କରିଦେଇଥାଏ । ପୁନଶ୍ଚ ପବିତ୍ର କୁରାଆନ୍ କରୀମ୍‌ରେ ଏକ ଦୁଆ ରହିଛି ଯେ, رَبَّنَآ اٰتِنَا فِی الدُّنْيَا حَسَنَةً وَّ فِی الْاٰخِرَةِ حَسَنَةً وَّ قِنَا عَذَابَ النَّارِ **(ଅଲ୍ ବକ୍ରାହ୍: 202)** ଅର୍ଥାତ୍ ହେ ଅମ୍ଭମାନଙ୍କ ପାଳନକର୍ତ୍ତା ! ତୁମ୍ଭେ ଆମମାନଙ୍କୁ ଏହି ପୃଥିବୀରେ ସଫଳତା ପ୍ରଦାନ କର ଓ ପରକାଳରେ ମଧ୍ୟ ସଫଳତା ପ୍ରଦାନ କର ଏବଂ ଆମ୍ଭମାନଙ୍କୁ ନର୍କାଗ୍ନିର ଶାସ୍ତିରୁ ରକ୍ଷାକର ।

ତତ୍ସଂପର୍କରେ ଏକ ଅବସରରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ବିଶ୍ୱାସକାରୀର ସଂପର୍କ ସଂସାର ସହିତ ଯେଭଳି ବ୍ୟାପକ ହେବ ସେଭଳି ତା'ର ମର୍ଯ୍ୟାଦା ଉଚ୍ଚ ହେବାର କାରଣ ହୋଇଥାଏ । କାରଣ ବିଶ୍ୱାସକାରୀର ଅଭିପ୍ରାୟ ଧର୍ମ ହୋଇଥାଏ।

ଅତଃ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ସାଂସାରିକ ସଂପର୍କ ମଧ୍ୟ ବିଶ୍ୱାସକାରୀ ବ୍ୟକ୍ତିକୁ ମର୍ଯ୍ୟାଦା ଏବଂ ପ୍ରତିଷ୍ଠା ପ୍ରଦାନ କରିଥାଏ । ସୁତାରାଂ ପ୍ରକୃତ କଥା ଏହିକି ଯେ, ସାଂସାରିକତା ଅଭିପ୍ରାୟ ହେବା ଉଚିତ୍ ନୁହଁ । ବରଂ ସାଂସାରିକତା ପ୍ରାପ୍ତିର ପ୍ରକୃତ ଅଭିପ୍ରାୟ ଧର୍ମ ହେବା ଉଚିତ୍ ।

ଆପଣ ଅ.ସ କୁହନ୍ତି: "ସାଂସାରିକତା ପ୍ରାପ୍ତି ପରମ ଉଦ୍ଦେଶ୍ୟ ନହେଉ ବରଂ ଧର୍ମ ପ୍ରାପ୍ତି ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ ହେବା ଉଚିତ୍ । ସାଂସାରିକତା ଏଭଳି ଢଙ୍ଗରେ ପ୍ରାପ୍ତ କରିବା ଉଚିତ୍ ଯେ ତାହା ଯେଭଳି ଧର୍ମର ସେବକ ବା ଦାସ ହୋଇଯାଉ । ଆପଣ ଅ.ସ କୁହନ୍ତି.....ଅଲ୍ଲାଃତାଲା ଯେଉଁ ଦୁଆର ଶିକ୍ଷା ଦେଇଛନ୍ତି ଯେ, رَبَّنَآ اٰتِنَا فِی الدُّنۡیَا حَسَنَۃً وَّ فِی الۡاٰخِرَۃِ حَسَنَۃً وَّ قِنَا عَذَابَ النَّارِ "(ଅଲ୍ ବକ୍ରାହ୍: 202) ଉକ୍ତ ଆୟତରେ ସାଂସାରିକତା ପ୍ରାଧାନ୍ୟ ଦିଆଯାଇଛି । ଅର୍ଥାତ୍ ପ୍ରଥମେ ସାଂସାରିକତା ରଖାଯାଇଛି। କିନ୍ତୁ କେଉଁ ସାଂସାରିକତାକୁ ପ୍ରାଧାନ୍ୟ ଦିଆଯାଇଛି?....ସେହି ସାଂସାରିକତା ଯାହା ଶେଷ ଦିବସରେ ପୁଣ୍ୟାର୍ଜନ ବା ପୁଣ୍ୟାବଳୀର କାରଣ ହୋଇଯିବ । ଅର୍ଥାତ୍ ସେହି ସାଂସାରିକତାକୁ ପ୍ରାଧାନ୍ୟ ଦିଆଯାଇଛି ଯାହା ପ୍ରଳୟ ଦିବସରେ ପୁଣ୍ୟର କାରଣ ହୋଇଯିବ । ଉକ୍ତ ଦୁଆର ଶିକ୍ଷା ଦ୍ୱାରା ସ୍ପଷ୍ଟ ଭାବରେ ଏହା ବୁଝି ହୋଇଯାଉଛି ଯେ, ବିଶ୍ୱାସକାରୀ ସଂସାର ପ୍ରାପ୍ତି ଉଦ୍ଦେଶ୍ୟରେ ଶେଷ ଦିବସର ପୁଣ୍ୟବଳୀ ସଂପର୍କରେ ଚିନ୍ତା କରିବା ଉଚିତ୍ । ତତ୍ସହିତ ସାଂସାରିକତା ପୁଣ୍ୟାବଳୀର ଶବ୍ଦରେ ସେହି ସମସ୍ତ ଉତ୍କୃଷ୍ଟ ମାଧ୍ୟମ ପ୍ରାପ୍ତ କରିବାର ଚର୍ଚ୍ଚା ଆସିଯାଇଛି ଯାହାକି ଜଣେ ବିଶ୍ୱାସକାରୀ ମୁସଲମାନକୁ ସାଂସାରିକତା ପ୍ରାପ୍ତି ନିମନ୍ତେ ଅବଲମ୍ବନ କରିବା ଉଚିତ୍ ।" ସଂସାର ପାଇଁ ଯଦି ପୁଣ୍ୟାଭିଳାଷୀ ହେବୁ ତେବେ ପୁଣ୍ଟ ମନୁଷ୍ୟ ସାଂସାରିକତା ଅର୍ଜନ କରିବା ନିମନ୍ତେ କୁକର୍ମ କରିପାରିବ ନାହିଁ । ଧର୍ମକୁ ପ୍ରାଧାନ୍ୟ ଦିଆଯିବ, ଅଲ୍ଲାଃତାଲାଙ୍କର ପ୍ରସନ୍ନତା ଏବଂ ତାହାଙ୍କ ଅନୁଗ୍ରହତା ପ୍ରାପ୍ତିକୁ ଯଦି ପ୍ରାଧାନ୍ୟ ଦିଆଯାଏ ତାହାହେଲେ ତଦନୁଯାୟୀ ମନୁଷ୍ୟ କାର୍ଯ୍ୟ କରିଥାଏ । ଆପଣ ଅ.ସ ତତସମ୍ବନ୍ଧରେ କୁହନ୍ତି: "ସଂସାରକୁ ପ୍ରତ୍ୟେକ ଏପରି ପନ୍ଥାନୁଯାୟୀ ପ୍ରାପ୍ତ କର ଯାହାକୁ ଅବଲମ୍ବନ କରିବା ଦ୍ୱାରା ପୁଣ୍ୟ ଏବଂ ସୁଗୁଣ ହିଁ ପ୍ରାପ୍ତ ହୋଇ ନଥାଏ ବରଂ ସାଂସାରିକତାକୁ ଏପରି ପନ୍ଥାନୁସାରେ ପ୍ରାପ୍ତ କରିବା ଅନୁଚିତ୍ ଯାହାକି ମାନବଜାତିର ପୀଡ଼ାର କାରଣ ସାଜିଥାଏ । ସମଜାତୀୟ ଗୋଷ୍ଠୀରେ କୌଣସି ଲଜ୍ଜାର କାରଣ ଯେପରି ନହେଉ। ସୁତରାଂ ନିଃସନ୍ଦେହ ରୂପେ ଏହିପରି ସାଂସାରିକତା ଶେଷ ଦିବସରେ ଶେଷ ଦିବସର ପୁଣ୍ୟାବଳୀର କାରଣ ହେବ ।"

**(ମଲଫୁଜାତ୍, ଭାଗ-2, ପୃ-91-92, ପ୍ରକାଶନ ବର୍ଷ-1984)**

ସୁତରାଂ ଉକ୍ତ ସଂସାରକୁ ପ୍ରାପ୍ତ କରିବା ମଧ୍ୟ ଅଲ୍ଲାଃତାଲାଙ୍କ କୃପାକୁ ପ୍ରାପ୍ତ କରିବାର ମାଧ୍ୟମ ହେବା ଉଚିତ୍ ଏବଂ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବା ନିମନ୍ତେ ପ୍ରୟାସ କରିବା ଉଚିତ୍ । ଯଦି ଏପରି ହେବ ତାହାହେଲେ ଯାଇ ଆମମାନେ ଦୁଆ ଦ୍ୱାରା ପ୍ରକୃତ ରୂପେ ଉପକୃତ ହେବୁ ।

ଏକ ଅବସରରେ ହ. ମସିହ୍ ମଉଦ୍ ଅ.ସ ଜମାଅତ୍‌କୁ ଉପଦେଶ ଦେଇ କହିଥିଲେ ଯେ, ଆମ ଜମାଅତ୍‌କୁ ଆଜିକାଲି ଏହି ଦୁଆ କରିବା ଉଚିତ୍ ଯେ, رَبَّنَآ اٰتِنَا فِی الدُّنۡیَا حَسَنَۃً وَّ فِی الۡاٰخِرَۃِ حَسَنَۃً وَّ قِنَا عَذَابَ النَّارِ ।

**(ମଲଫୁଜାତ୍, ଭାଗ-1, ପୃ-9, ପ୍ରକାଶନ ବର୍ଷ-1984)**

ଅତଏବ୍ ଆମେମାନେ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବା ଉଚିତ୍ । କାରଣ ଶତ୍ରୁ ଦ୍ୱାରା ସଂଯୋଗ କରାଯାଇଥିବା ଅଗ୍ନିରୁ ଆମେମାନେ ସୁରକ୍ଷିତ ରହିବୁ। ଆଜିକାଲି ତ' ସଂସାରର ଯେଉଁ ଅବସ୍ଥା ରହିଛି, ଯୁଦ୍ଧରେ ମଧ୍ୟ ଏଭଳି ଅସ୍ତ୍ରଶସ୍ତ୍ର ପ୍ରୟୋଗ ହେଉଛି ଯେ, ସେହି ଅସ୍ତ୍ରଶସ୍ତ୍ର ଅଗ୍ନି ବର୍ଷା ଏବଂ ଅଗ୍ନି ନିକ୍ଷେପ କରିଥାନ୍ତି। ଅଲ୍ଲାଃତାଲା ଆମମାନଙ୍କୁ ସେହି ଅଗ୍ନିରୁ ସୁରକ୍ଷିତ ରଖନ୍ତୁ ଏବଂ ଆମମାନଙ୍କୁ ଇହକାଳ ଏବଂ ପରକାଳରେ ମଧ୍ୟ ପୁଣ୍ୟ ପ୍ରଦାନ କରନ୍ତୁ ।

ସୁତରାଂ ନିଜ ପାଇଁ ଦୁଆ କରନ୍ତୁ ଓ ଅହେମଦି ଭାଇମାନଙ୍କୁ ମଧ୍ୟ ଦୁଆରେ ସ୍ମରଣ ରଖନ୍ତୁ । ସେମାନଙ୍କ ନିମନ୍ତେ ଦୁଆ କରିବାର ଆବଶ୍ୟକତା ରହିଛି । ସେହିପରି ଏହି ଦୁଆକୁ ମଧ୍ୟ ବହୁଳ ଭାବରେ ଏବଂ ଅତି ବ୍ୟାକୁଳତା ତଥା ଉଦ୍‌ବିଗ୍ନତାର ସହିତ କରିବା ଉଚିତ୍ ଯେ, رَبَّنَاۤ اَفۡرِغۡ عَلَیۡنَا صَبۡرًا وَّ ثَبِّتۡ اَقۡدَامَنَا وَ انۡصُرۡنَا عَلَی الۡقَوۡمِ الۡکٰفِرِیۡنَ **(ଅଲ୍ ବକ୍ରାହ୍: 251)** ଅର୍ଥାତ୍ ହେ ଆମ୍ଭର ପାଳନକର୍ତ୍ତା ! ଆମମାନଙ୍କୁ ସହିବାର ଶକ୍ତି ଦିଅ ଓ ଶକ୍ଷେତ୍ରରେ ଆମମାନଙ୍କ ପାଦକୁ ସୁଦୃଢ଼ କରିଦିଅ ଓ ସେହି ବିଶ୍ୱାସକାରୀଙ୍କ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର ।

ସେହିପରି ଏହି ଦୁଆକୁ ମଧ୍ୟ ବାରମ୍ବାର ବ୍ୟାକୁଳତାର ସହିତ ଜପ କରିବା ଉଚିତ୍ ଯେ, رَبَّنَا لَا تُؤَاخِذۡنَاۤ اِنۡ نَّسِیۡنَاۤ اَوۡ اَخۡطَاۡنَا ۚ رَبَّنَا وَ لَا تَحۡمِلۡ عَلَیۡنَاۤ اِصۡرًا کَمَا حَمَلۡتَہٗ عَلَی الَّذِیۡنَ مِنۡ قَبۡلِنَا ۚ رَبَّنَا وَ لَا تُحَمِّلۡنَا مَا لَا طَاقَۃَ لَنَا بِہٖ ۚ وَ اعۡفُ عَنَّا ٝ وَ اغۡفِرۡ لَنَا ٝ وَ ارۡحَمۡنَا ٝ اَنۡتَ مَوۡلٰىنَا فَانۡصُرۡنَا عَلَی الۡقَوۡمِ الۡکٰفِرِیۡنَ (ଅଲ୍ ବକ୍ରାହ୍: 287) ଅର୍ଥାତ୍ ହେ ଆମ୍ଭର ପାଳନକର୍ତ୍ତା ! ଯଦି ଆମେମାନେ କେବେ ଭୁଲି ଯାଉ ବା ଦୋଷ କରିଥାଉଁ ତେବେ ଆମମାନଙ୍କୁ ଦଣ୍ଡ ଦିଅ ନାହିଁ । ହେ ଅମମାନଙ୍କ ପାଳନତ୍ତା ! ତୁମେ ଆମମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କ ଉପରେ ଯେପରି ଦାୟିତ୍ୱ ନ୍ୟସ୍ତ କରିଥିଲ ସେପରି ଦାୟିତ୍ୱ ଆମମାନଙ୍କ ଉପରେ ନ୍ୟସ୍ତ କର ନାହିଁ । ହେ ଆମ୍ଭମାନଙ୍କ ପାଳନକର୍ତ୍ତା! ଆମମାନଙ୍କର ଯାହା ବହନ କରିବାକୁ ଶକ୍ତି ଏବଂ ସାମର୍ଥ୍ୟ ନାହିଁ ତାହା ବହନ କରିବାକୁ ଆମମାନଙ୍କୁ ଦିଅ ନହିଁ । ଆମମାନଙ୍କ ପାପରୁ ମୁକ୍ତି ଦିଅ ଓ ଆମମାନଙ୍କୁ କ୍ଷମାକର ଏବଂ ଆମମାନଙ୍କ ପ୍ରତି କରୁଣା କର । କାରଣ ତୁମେ ହିଁ ଆମମାନଙ୍କର ପ୍ରଭୁ ସୁତରାଂ ଅବିଶ୍ୱାସକାରୀ ଗୋଷ୍ଠୀ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର ।

ସେହିପରି ବିଶ୍ୱାସର ସୁଦୃଢ଼ତା ନିମନ୍ତେ ଏହି ଦୁଆ ମଧ୍ୟ ପ୍ରାର୍ଥନା କରିବା ଉଚିତ୍ ଯେ, رَبَّنَا لَا تُزِغۡ قُلُوۡبَنَا بَعۡدَ اِذۡ ہَدَیۡتَنَا وَ ہَبۡ لَنَا مِنۡ لَّدُنۡکَ رَحۡمَۃً ۚ اِنَّکَ اَنۡتَ الۡوَہَّابُ **(ଆଲେ ଇମ୍ରାନ୍:9)** ଅର୍ଥାତ୍ ହେ ଆମମାନଙ୍କ ପାଳନକର୍ତ୍ତା ! ତୁମ୍ଭେ ଆମମାନଙ୍କୁ ସତ୍‌ପଥଗାମୀ କରାଇବା ପରେ ଆମମାନଙ୍କ ହୃଦୟକୁ କୁଟିଳ କର ନାହିଁ । ତୁମ୍ଭ ନିକଟରୁ ଆମମାନଙ୍କୁ କରୁଣା ପ୍ରଦାନ କର । ବାସ୍ତବରେ ତୁମ୍ଭେ ହିଁ ମହାନ୍ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ଏହାପରେ ଆଁହଜରତ ସ.ଅଙ୍କ ପ୍ରଦତ୍ତ ଏବଂ ଆଁହଜରତ ସ.ଅଙ୍କ ମୁଖ ନିସୃତ କେତେକ ଦୁଆର ଚର୍ଚ୍ଚା କରିଦେବି। ଏକଦା ହ. ଅବୁ ବକ୍କର ର.ଅ ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ମୋତେ ଏମିତି ଦୁଆ ବିଷୟରେ ଶିଖାନ୍ତୁ ଯାହା ମାଧ୍ୟମରେ ମୁଁ ନିଜ ନମାଜରେ ଦୁଆ ମାଗିବି । ଆପଣ ସ.ଅ କହିଲେ, ତୁମ୍ଭେ କୁହ اَللّٰهُمَّ اِنِّيْ ظَلَمْتُ نَفْسِيْ ظُلْمًا كَثِيْرًا، وَلَا يَغْفِرُ الذُّنُوْبَ اِلَّا اَنْتَ فَاغْفِرْ لِيْ مَغْفِرَةً مِنْ عِنْدِكَ وَارْحَمْنِيْ اِنَّكَ اَنْتَ الْغَفُوْرُ الرَّحِيْمُ **(ସହିହୁଲ୍ ବୁଖାରୀ, କିତାବୁଦ୍ ଦାୱାତ୍, ବାବୁଦ୍ ଦୁଆଇ ଫିସ୍ ସଲାତି, ହଦିସ୍ ନଂ-6326)**

ଅର୍ଥାତ୍ ହେ ଈଶ୍ୱର ମୁଁ ନିଜ ଆତ୍ମା ଉପରେ ବହୁ ଅତ୍ୟାଚାର କରିଛି ଏବଂ ତୁମ୍ଭ ବ୍ୟତୀତ କେହି ମୋର ପାପକୁ କ୍ଷମା କରିପାରିବ ନାହିଁ । ସୁତରାଂ ତୁମ୍ଭେ ନିଜ ପକ୍ଷରୁ ମୋତେ କ୍ଷମା ପ୍ରଦାନ କରିଦିଅ ଓ ମୋ ଉପରେ ଦୟାବତୀର୍ଣ୍ଣ କର । ନିଃସନ୍ଦେହ ତୁମ୍ଭେ ହିଁ କ୍ଷମାପ୍ରଦାନକାରୀ ଓ ବାରମ୍ବାର ଦୟାବାନ ଅଟ । ଏହି ଦୁଆ କରିବା ନିମନ୍ତେ ଆପଣ ସ.ଅ ହ. ଅବୁ ବକ୍କର ର.ଅଙ୍କୁ ତାଗିଦ୍ କଲେ ।

ପୁନଶ୍ଚ ମୁସ୍‌ଅବ୍ ବିନ୍ ସାଆଦ୍ ର.ଅ ନିଜର ପିତାଶ୍ରୀଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଜଣେ ଗାଉଁଲି ଲୋକ ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ମୋତେ ଏପରି କୌଣସି କଥା ଶିକ୍ଷା ଦିଅନ୍ତୁ ଯାହାକୁ ମୁଁ ସବୁବେଳେ କହୁଥିବି । ସୁତରାଂ ଆପଣ ସ.ଅ ଉକ୍ତ ବ୍ୟକ୍ତିକୁ କହିଲେ, ହେ ବ୍ୟକ୍ତି ତୁମ୍ଭେ ଏହା କୁହ ଯେ, لَا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ، اَللّٰهُ اَكْبَرُ كَبِيْرًا، وَالْحَمْدُ لِلّٰهِ كَثِيْرًا، سُبْحَانَ اللّٰهِ رَبِّ الْعَالَمِيْنَ، لَا حَوْلَ وَلَا قُوَّةَ اِلَّا بِاللّٰهِ الْعَزِيْزِ الْحَكِيْمِ ଅର୍ଥାତ୍ ଅଲ୍ଲାଃତାଲାଙ୍କ ବ୍ୟତୀତ କେହି ବି ଉପାସ୍ୟଯୋଗ୍ୟ ନୁହନ୍ତି । ସେ ଏକ ଓ ନିରାକାର ଅଟନ୍ତି । ସେ ମହାନ୍ ଅଟନ୍ତି । ସକଳ ପ୍ରଶଂସା ତାହାଙ୍କ ନିମନ୍ତେ ଉଦ୍ଦିଷ୍ଟ । ସେ ପବିତ୍ର, ସେ ବିଶ୍ୱ ବ୍ରହ୍ମାଣ୍ଡ ଜଗତର ପାଳନକର୍ତ୍ତା ଅଟନ୍ତି । ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କୌଣସି ଶକ୍ତି ଏବଂ ସାମର୍ଥ୍ୟତା ନାହିଁ । କିନ୍ତୁ ଈଶ୍ୱର ଯେକି ଶକ୍ତିଶାଳୀ ଏବଂ ତତ୍ତ୍ୱଦର୍ଶୀ ଅଟନ୍ତି । ସେହି ଗାଉଁଲି ବ୍ୟକ୍ତି ଜଣକ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ସମସ୍ତ ପ୍ରସଙ୍ଗ ତ' ମୋ ପାଳନକର୍ତ୍ତାଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ । ମୁଁ ତ' ତାହାଙ୍କ ପ୍ରଶଂସାଗାନ କରୁଛି । ହେଲେ ମୋ ପାଇଁ କ'ଣ ରହିଛି ? ଆପଣ ସ.ଅ କହିଲେ, ତୁମେ ଏହା କୁହ ଯେ, اَللّٰهُمَّ اغْفِرْ لِيْ وَارْحَمْنِيْ وَاهْدِنِيْ وَارْزُقْنِيْ ଅର୍ଥାତ୍ ହେ ପ୍ରଭୁ ତୁମ୍ଭେ ମୋତେ କ୍ଷମା କରିଦଅ । ମୋ ଉପରେ ଦୟାବତୀର୍ଣ୍ଣ କର, ମୋର ମାର୍ଗଦର୍ଶନ କର ଏବଂ ମୋତେ ଜୀବିକା ପ୍ରଦାନ କର । **(ସହି ମୁସଲିମ୍, କିତାବୁଜ୍ ଜିକର୍ ୱଦ୍ ଦୁଆ......ବାବ-ଫଜ୍‌ଲୁତ୍ ତହ୍‌ଲିଲି ୱତ୍ ତସ୍‌ବିହି ୱଦ୍ ଦୁଆ, ହଦିସ୍-6848)**

ସେହିପରି ଅନ୍ୟଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଯେତେବେଳେ କୌଣସି ବ୍ୟକ୍ତି ଇସ୍‌ଲାମ୍ ଧର୍ମ ସ୍ୱୀକାର କରେ ସେତେବେଳେ ନବୀ କରୀମ୍ ସ.ଅ ସେହି ବ୍ୟକ୍ତିକୁ ଏହି ଦୁଆ ଶିଖାଉ ଥିଲେ । ଅବୁ ମାଲିକ୍ ଅଶଜା ଉକ୍ତ ବର୍ଣ୍ଣନାଟି ବର୍ଣ୍ଣନା କରନ୍ତି ଯେ, ଯେତେବେଳେ କୌଣସି ବ୍ୟକ୍ତି ଇସ୍‌ଲାମ୍ ଧର୍ମ ସ୍ୱୀକାର କରେ ସେତେବେଳେ ନବୀ କରୀମ୍ ସ.ଅ ଉକ୍ତ ବ୍ୟକ୍ତିକୁ ନମାଜ ଶିଖାଉଥିଲେ । ପୁନଶ୍ଚ ସେହି ବ୍ୟକ୍ତିକୁ ଏହି ବାଣୀ ମାଧ୍ୟମରେ ଦୁଆ କରିବାକୁ କହୁଥିଲେ, اَللّٰهُمَّ اغْفِرْ لِيْ وَارْحَمْنِيْ وَاهْدِنِيْ وَعَافِنِيْ وَارْزُقْنِيْ (ସହି ମୁସଲିମ୍ କିତାବୁଜ୍ ଜକର, ୱଦ୍ ଦୁଆ...... ବାବ ଫଜ୍‌ଲୁତ୍ ତହ୍‌ଲିଲି ୱତ୍ ତସ୍‌ବିହି ୱଦ୍ ଦୁଆ, ହଦିସ୍ ନଂ-6850)

ଅର୍ଥାତ୍ ହେ ଅଲ୍ଲାଃ ! ମୋତେ କ୍ଷମା କରିଦିଅ, ମୋ ଉପରେ ଦୟାବତୀର୍ଣ୍ଣ କର, ମୋର ମାର୍ଗଦର୍ଶନ କର ଏବଂ ମୋତେ ନିରୋଗତା ପ୍ରଦାନ କର ଓ ମୋତେ ଜୀବିକା ପ୍ରଦାନ କର । ଉକ୍ତ ଦୁଆଟି ହେଉଛି ଦୁଇ ସଜ୍‌ଦା ମଧ୍ୟବର୍ତ୍ତୀ ଦୁଆ । ତହିଁରେ ଆମେମାନେ ଏହି ଶବ୍ଦ ପାଠ କରିଥାଉ । କିନ୍ତୁ ଲୋକମାନେ ତ' କେବଳ ସିଜଦାରୁ ଉଠନ୍ତି ଏବଂ ପୁନଶ୍ଚ ବସି ଯାଆନ୍ତି । ଏପରି ପ୍ରତିତ ହେଉଛି ସେମାନେ ଦୁଆ କରୁ ନାହାନ୍ତି । ସେମାନଙ୍କ ନିକଟରେ ଏହାର କୌଣସି ମହତ୍ତ୍ୱ ନାହିଁ । କିନ୍ତୁ ଏହା ଉପରେ ବିଚାର କରି ଏହାକୁ ବୁଝି ପାଠ କରିବା ଉଚିତ୍ । ଜୀବିକାର ଯଥାର୍ଥ ବସ୍ତୁବାଦୀ ଜୀବାକା ରହିଛି ସେଠାରେ ଆଧ୍ୟାତ୍ମିକତା ଜୀବିକା ଯଥାର୍ଥ ଅଟେ । ତହିଁରେ ମଧ୍ୟ ଅଗ୍ରସର ହେବା ଯଥାର୍ଥ ଅଟେ ।

ଅତଃ ଆମମାନଙ୍କ ପକ୍ଷେ ଏହା ଉଚିତ୍ ହେବ ଯେ, ଆମେମାନେ ଏହି ଚିନ୍ତାଧାରାକୁ ଆୟୁଦ୍ଧ କରି ଦୁଆ କରିବା ଉଚିତ୍ । କାରଣ ଆମେମମାନେ ଯେଉଁଠି ଅଲ୍ଲାଃତାଲାଙ୍କର ପ୍ରଶଂସାଗାନ କରିବୁ ସେଠାରେ ନିଜର ସଂଶୋଧନ, ମାର୍ଗଦର୍ଶନ ଆଧ୍ୟାତ୍ମିକତାରେ ଉନ୍ନତି କରିବା ନିମନ୍ତେ ମଧ୍ୟ ଦୁଆ କରିବା ଉଚିତ୍ । ଆମେମାନେ ଯେତେବେଳେ ଦୁଆ କରିବୁ ଏବଂ ବିଶେଷ ରୂପେ ଧ୍ୟାନ ଦେବୁ ସେତେବେଳେ ପ୍ରତ୍ୟେକ ପ୍ରକାରର କୃପା ବୃଷ୍ଟି ହେଉଥିବାର ଆମେମାନେ ଅବଲୋକନ କରିବୁ ।

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 09-16 MAY 2024 Issue No.-19-20

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ପୁନଶ୍ଚ ଆଁହଜରତ ସ.ଅଙ୍କ ଦ୍ୱାରା ଶିକ୍ଷା ପ୍ରଦାନ କରାଯାଇଥିବା ଦୁଆ ସଂପର୍କରେ ଏହିପରି ଚର୍ଚ୍ଚା ମିଳେ ଯେ, ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଯେତେବେଳେ ରାତ୍ର ସମୟରେ ଜାଗ୍ରତ ହେଉଥିଲେ ସେତେବେଳେ କହୁଥିଲେ, لَا إِلٰهَ إِلَّا أَنْتَ سُبْحَانَكَ اللّٰهُمَّ أَسْتَغْفِرُكَ لِذَنْبِي وَأَسْأَلُكَ رَحْمَتَكَ اللّٰهُمَّ زِدْنِي عِلْمًا وَلَا تُزِغْ قَلْبِي بَعْدَ إِذْ هَدَيْتَنِي وَهَبْ لِي مِنْ لَدُنْكَ رَحْمَةً إِنَّكَ أَنْتَ الْوَهَّابُ **(ସୁନନ୍ ଅବି ଦାଉଦ୍, ଅବ୍‌ୱାବୁନ୍ ନୌମ୍, ବାବ୍- ମା ୟକୁଲୁର୍ ରଜୁଲୁ ଇଜା ତାଆର ମିନଲ୍ ଲୈଲି, ହଦିସ୍ ନଂ-5061)**

ଅର୍ଥାତ୍ ହେ ଅଲ୍ଲା ! ତୁମ୍ଭ ବ୍ୟତୀତ କେହିବି ଉପାସ୍ୟ ଯୋଗ୍ୟ ନାହାନ୍ତି,ହେ ଅଲ୍ଲାଃ! ମୁଁ ତୁମ୍ଭ ନିକଟରେ ମୋ ପାପ ପାଇଁ କ୍ଷମା ପ୍ରାର୍ଥନା କରୁଅଛି ଏବଂ ମୁଁ କ୍ଷମାର ଅଭିଳାଷୀ । ହେ ଅ୍ଲାଃ! ମୋର ଜ୍ଞାନକୁ ବୃଦ୍ଧି କରିଦିଅ ଏବଂ ମୋର ହୃଦୟକୁ କୁଟିଳ କର ନାହିଁ । ଅର୍ଥାତ୍ ତୁମ୍ଭେ ଯେତେବେଳେ ମୋତେ ମାର୍ଗଦର୍ଶନ ପ୍ରଦାନ କରିଦିଅ ସେତେବେଳେ ମୋର ହୃଦୟକୁ କୁଟିଳ କରିଦେବ ନାହିଁ । ମୋତେ ତୁମ୍ଭେ ନିଜ ପକ୍ଷରୁ ଦୟା ପ୍ରଦାନ କର । ନିଃସନ୍ଦେହ ରୂପେ ତୁମ୍ଭେ ହିଁ ସର୍ବାଧିକ ପ୍ରଦାନକାରୀ ପ୍ରଭୁ ଅଟ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଯେତେବେଳେ କୌଣସି ପ୍ରସଙ୍ଗରେ ବ୍ୟସ୍ତ ଓ ବିବ୍ରତ ହୋଇ ପଡୁଥିଲେ ସେତେବେଳେ ଆପଣ ସ.ଅ ଏହା କହୁଥିଲେ, يَا حَيُّ يَا قَيُّوْمُ بِرَحْمَتِكَ أَسْتَغِيْثُ **(ସୁନନୁତ୍ ତିର୍ମିଜି, ଅବ୍‌ୱାବୁଦ୍ ଦାୱାତ୍, ହଦିସ୍ ନଂ-3524)** ଅର୍ଥାତ୍ ହେ ଜୀବନ୍ତ ଏବଂ ଅନ୍ୟମାନଙ୍କୁ ଜୀବନ ପ୍ରଦାନକାରୀ ଈଶ୍ୱର ! ହେ ଚିରଞ୍ଜୀବ ଏବଂ ଅନ୍ୟମାନଙ୍କୁ ସ୍ଥାୟୀତ୍ୱତା ପ୍ରଦାନ କରି ଅସ୍ତିତ୍ୱ ! ତୁମ୍ଭେ ନିଜ କୃପା ସହିତ ମୋତେ ସାହାଯ୍ୟ କର ।

ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ବିନ୍ ଆସ୍ ର.ଅ କୁହନ୍ତି, ରସୁଲୁଲ୍ଲାଃ ସ.ଅ କହିଲେ, ନିଃସନ୍ଦେହ ବ୍ରତଚାରୀର ବ୍ରତ ଫିଟାଇବା ସମୟର ଦୁଆ ଏପରି ହୋଇଥାଏ ଯାହାକି ରଦ୍ଦ ହୋଇ ନଥାଏ । ଇବ୍‌ନେ ଅବି ମୁଲୈକା କହିଲେ, ହ. ଅବଦୁଲ୍ଲାଃ ବିନ୍ ଉମର୍ ର.ଅ ଯେତେବେଳେ ଇଫ୍‌ତାରି (ଓଷା ଫିଟାଇବା) କଲେ ସେତେବେଳେ ଏହି ଦୁଆ ପାଠ କରୁଥିଲେ اَللّٰهُمَّ إِنِّيْ أَسْأَلُكَ بِرَحْمَتِكَ الَّتِيْ وَسِعَتْ كُلَّ شَيْءٍ أَنْ تَغْفِرَ لِيْ **(ସୁନନ୍ ଇବେ ମାଜା, କିତାବୁସ୍ ସିୟାମ୍, ବାବ୍ ଫିସ୍ ସାଇମି ଲା ତୁରଦ୍ଦୁ ଦାୱାତ୍, ହଦିସ୍ ନଂ-1753)**

ଅର୍ଥାତ୍ ହେ ଅଲ୍ଲାଃ ! ମୁଁ ତୁମ୍ଭକୁ ଭିକ୍ଷା ମାଗୁଛି ତୁମ୍ଭର ଦୟା ମାଧ୍ୟମରେ ଯାହାକି ପ୍ରତ୍ୟେକ ବସ୍ତୁ ଉପରେ ଆବେଷ୍ଟିତ ଅଟେ । ତେଣୁ ହେ ପ୍ରଭୁ ତୁମ୍ଭେ ମୋତେ କ୍ଷମା କରିଦିଅ । ପୁନଶ୍ଚ ହ. ଉମ୍ମେ ସଲ୍‌ମା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହୁଥିଲେ ଯେ, رَبِّ اغْفِرْ وَارْحَمْ وَاهْدِنِي لِلطَّرِيْقِ الْأَقْوَمِ **(ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍, ଭାଗ-୫, ପୃ-610, ଉମ୍ମେ ସଲ୍‌ମା, ଜୌଜନ୍ ନବୀ ସ.ଅ, ହଦିସ୍ ନଂ-27126, ଆଲିମୁଲ୍ କୁତୁବ, ବୈରୁତ୍ 1998 ମସିହା)**

ଅର୍ଥାତ୍ ହେ ମୋର ପାଳନକର୍ତ୍ତା ! ମୋତେ କ୍ଷମା କରିଦିଅ ଓ ମୋ ଉପରେ ଦୟା କର । ମୋର ଏପରି ମାର୍ଗଦର୍ଶନ କର ଯାହାକି ସଳଖ, ସଠିକ୍ ଏବଂ ସୁଦୃଢ ହୋଇଥିବ । ଅତଃ ଆଁହଜରତ ସ.ଅ ଯଦି ଏପରି ଦୁଆ କରିପାରୁଛନ୍ତି ତେବେ ଆମମାନଙ୍କୁ ଅଧିକ ଭାବରେ କରିବା ଉଚିତ୍ ।

ଆଁହଜରତ ସ.ଅ ନିଜର ଏକ ଦୁଆର ଚର୍ଚ୍ଚା ଏହିପରି ଭାବରେ ମିଳିଥାଏ । ନବୀ କରୀମ୍ ସ.ଅଙ୍କ ପବିତ୍ର ପତ୍ନି ହ. ଆଏଶା ର.ଅ ବର୍ଣ୍ଣନା କଲେ ଯେ, ରସୁଲ୍ କରୀମ୍ ସ.ଅ ନମାଜରେ ଏହି ଦୁଆ କରୁଥିଲେ ।

اَللّٰهُمَّ إِنِّيْ أَعُوْذُ بِكَ مِنْ عَذَابِ الْقَبْرِ، وَأَعُوْذُ بِكَ مِنْ فِتْنَةِ الْمَسِيْحِ الدَّجَّالِ، وَأَعُوْذُ بِكَ مِنْ فِتْنَةِ الْمَحْيَا، وَفِتْنَةِ الْمَمَاتِ، اَللّٰهُمَّ إِنِّيْ أَعُوْذُ بِكَ مِنَ الْمَأْثَمِ وَالْمَغْرَمِ۔

(ସହିହୁଲ୍ ବୁଖାରୀ, କିତାବୁଲ୍ ଅଜାନ୍, ବାବୁଦ୍ ଦୁଆ, କବ୍‌ଲୁଲ୍ ଇସ୍‌ଲାମି, ହଦିସ୍ ନଂ-୫32)

ଅର୍ଥାତ୍ ହେ ଅଲ୍ଲାଃ ! ମୁଁ ତୁମ୍ଭର ଶରଣ ଭିକ୍ଷା କରୁଛି, ତୁମ୍ଭ କବର ଶାସ୍ତି ଠାରୁ ମୋତେ ରକ୍ଷ କର । ଏଥି ନିମନ୍ତେ ମୁଁ ତୁମ୍ଭର ଆଶ୍ରୟ ଭିକ୍ଷା କରୁଛି । ଅର୍ଥାତ୍ ପାପରୁ ଏବଂ ଆର୍ଥିକ ବୋଝରୁ ତୁମ୍ଭର ଶରଣ ଭିକ୍ଷା ଏବଂ ତୁମ୍ଭର ଆଶ୍ରୟ ଭିକ୍ଷା କରୁଛି । କେହି ଜଣେ କୁହାଳି ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ କହିଲା, ଆପଣ ସ.ଅ କହିଲେ, ଯେତେବେଳେ ଲୋକମାନଙ୍କ ଉପରେ ଆର୍ଥିକ ବୋଝ ପଡ଼ିଥାଏ ସେତେବେଳେ ବ୍ୟକ୍ତି କଥା କରିଥାଏ ତେବେ ସେ ମିଥ୍ୟା କହିଥାଏ ଏବଂ ଯେତେବେଳେ ସେ କୌଣସି ପ୍ରତିଶୃତି ଦିଏ ସେତେବେଳେ ସେ ପ୍ରତିଶୃତି ଭଙ୍ଗ କରିଥାଏ ଓ ଏହାର ଖିଲାପ୍ (ବିରୁଦ୍ଧାଚାରଣ) କରିଥାଏ ।

ବର୍ତ୍ତମାନ ଆପଣ ସ.ଅ ଏହି ଦୁଆ କରୁଛନ୍ତି ତେବେ ସେ ଯାହା ହେଉ ଆପଣ ସ.ଅ ସେହି ବସ୍ତୁରୁ ପବିତ୍ର ଅଟନ୍ତି । ନିଃସନ୍ଦେହ ରୂପେ ଆପଣ ସ.ଅ ଏହି ଦୁଆ ନିଜ ଧର୍ମବଲମ୍ବୀମାନଙ୍କ ନିମନ୍ତେ କରୁଥିଲେ । କାରଣ ମୁସଲମାନମାନେ ସେହି ବସ୍ତୁ ବା ସେହି ପ୍ରସଙ୍ଗରୁ ବର୍ତ୍ତିବାକୁ ଚେଷ୍ଟା କରନ୍ତୁ । ଆପଣମାନେ ମିଥ୍ୟାରୁ ବର୍ତ୍ତିବାକୁ ପ୍ରୟାସ କ୍ରରନ୍ତୁ, ପ୍ରିତଶୃତି ଭଙ୍ଗ କରିବାରୁ ବର୍ତ୍ତିବାକୁ ଚେଷ୍ଟା କରନ୍ତୁ । ବର୍ତ୍ତମାନ ନିଜର ଆତ୍ମସାମୀକ୍ଷା କରିବାର ଆବଶ୍ୟକତା ରହିଛି । ଆମେମାନେ ଯଦି ଏହି ଦୁଆ କରିଥାଉ ତେବେ କ'ଣ ଆମେମାନେ ସେହି ବସ୍ତୁର ନିୟମାନୁବର୍ତ୍ତୀ ଓ ଆଜ୍ଞା ପାଳନ କରିଥାଉ । ସୁତରାଂ ଆପଣମାନେ ଏହି ଦୁଆ ମଧ୍ୟ କରନ୍ତୁ ଯେ, ଅଲ୍ଲାଃତାଲା ସେହି ବସ୍ତୁ ତଥା ସେହି ପ୍ରସଙ୍ଗରୁ ଆମମାନଙ୍କୁ ରକ୍ଷା ପ୍ରଦାନ କରନ୍ତୁ ଏବଂ ସାଂସାରିକତା ପୁଣ୍ୟ ଦ୍ୱାରା ଆମମାନଙ୍କୁ ପୁରସ୍କୃତ କରୁ ଥାଆନ୍ତୁ ।

ସେହିପରି ଆଁହଜରତ ସ.ଅଙ୍କର ଏକ ଦୁଆ ରହିଛି । ତତ୍‌ସଂପର୍କରେ ହ. ଆଏଶା ର.ଅଙ୍କ ଏକ ଚର୍ଚ୍ଚା ରହିଛି । ଏହି ଦୁଆଟି ଦୀର୍ଘ ଦୁଆ ଅଟେ । ଅତଃ ମୁଁ ଅନୁବାଦ ପାଠ କରିଦେଉଛି ।

اَللّٰهُمَّ اِنِّيْ اَعُوْذُ بِكَ مِنَ الْكَسَلِ وَالْهَرَمِ وَالْمَغْرَمِ وَالْمَأْثَمِ۔ اَللّٰهُمَّ اِنِّيْ اَعُوْذُ بِكَ مِنْ عَذَابِ النَّارِ وَفِتْنَةِ النَّارِ، وَ فِتْنَةِ الْقَبْرِ وَعَذَابِ الْقَبْرِ، وَ شَرِّ فِتْنَةِ الْغِنٰى، وَ شَرِّ فِتْنَةِ الْفَقْرِ، وَ شَرِّ فِتْنَةِ الْمَسِيْحِ الدَّجَّالِ اَللّٰهُمَّ اغْسِلْ خَطَايَايَ بِمَاءِ الثَّلْجِ وَالْبَرَدِ وَنَقِّ قَلْبِيْ مِنَ الْخَطَايَا كَمَا يُنَقَّى الثَّوْبُ الْاَبْيَضُ مِنَ الدَّنَسِ وَبَاعِدْ بَيْنِيْ وَ بَيْنَ خَطَايَايَ كَمَا بَاعَدْتَ بَيْنَ الْمَشْرِقِ وَ الْمَغْرِبِ

ଅର୍ଥାତ୍ ହେ ଅଲ୍ଲାଃ ! ଆଳସ୍ୟତା, ବାର୍ଦ୍ଧକ୍ୟତା, ପାପ ଠାରୁ ମୁଁ ତୁମ୍ଭର ଆଶ୍ରୟ ଏବଂ ତୁମ୍ଭର ଶରଣ ଭିକ୍ଷା କରୁଅଛି । ହେ ଅଲ୍ଲାଃ ! ମୁଁ ନର୍କାଗ୍ନିରୁ, ଉପଦ୍ରବରୁ, କବରର ଉପଦ୍ରବରୁ, କବରର ଶାସ୍ତିରୁ, ଧନାଢ୍ୟତାର ଉପଦ୍ରବରୁ, ଦାରିଦ୍ୟତାର ଉପଦ୍ରବରୁ ଓ ମସିହି ଦଜ୍ଜାଲ୍‌ର ଉପଦ୍ରବରୁ ତୁମ୍ଭର ଶରଣ ଭିକ୍ଷା କରୁଛି । ହେ ଅଲ୍ଲାଃ ! ମୋର ପାପକୁ ବରଫ, ଶୀତଳ ଜଳ ଦ୍ୱାରା ଧୋଇ ଦିଅ । ଯେପରି ଧବଳ ବସ୍ତ୍ରରେ ମଳି ଲାଗିଗଲେ ତା'କୁ ଧୋଇ ପରିଷ୍କାର କରିଦିଆଯାଇଥାଏ ଠିକ୍ ସେହିପରି ମୋର ହୃଦୟରେ ଲାଗିଯାଇଥିବା ପାପକୁ ଧୋଇ ଦେଇ ପରିଷ୍କାର କରିଦିଅ । ଯେପରି ତୁମ୍ଭେ ପୂର୍ବ ଦିଗ ଓ ପଶ୍ଚିମ ଦିଗରେ ଦୂରତା ସୃଷ୍ଟି କରିଅଛି ଠିକ୍ ସେହିପରି ତୁମ୍ଭେ ମୋ ମଧ୍ୟରେ ଓ ପାପ ମଧ୍ୟରେ ଦୂରତା ସୃଷ୍ଟି କରିଦିଅ । **(ସହିହୁଲ୍ ବୁଖାରୀ, କିତାବୁଦ୍ ଦାୱାତ୍, ବାବୁଲ୍ ଇସ୍ତିଆଜାହ୍ ମିନ୍ ଅର୍ଜଲିଲ୍ ଉମୁରି.....ହଦିସ୍ ନଂ-6375)**

ତହିଁରେ (ଉକ୍ତ ଖୁତ୍‌ବାରେ) ଅନେକ ଦୁଆ ଆସିଯାଇଅଛି । ଯେପରିକି ମୁଁ କହିଲି, ଆଁହଜରତ ସ.ଅ ଯେତେବେଳେ ଏହି ଦୁଆ କରୁଥିଲେ, ଅର୍ଥାତ୍ ପ୍ରଥମ ହଦିସ୍‌ରୁ ହିଁ ଜଣାପଡ଼େ । ତେବେ ଆମମାନଙ୍କୁ କିପରି ଏଥିପ୍ରତି ଧ୍ୟାନ ଦେବା ଉଚିତ୍? ସୁତରାଂ ଏହି ଦୁଆ ହିଁ ଆମମାନଙ୍କ ବ୍ୟକ୍ତିଗତ ଜୀବନରେ ପରିବର୍ତ୍ତନ ଆଣିଦେବ ଓ ଜମାଅତୀୟ ଜୀବନରେ ମଧ୍ୟ ଲାଭ ପ୍ରଦାନ କରିବ । କିନ୍ତୁ ଆମମାନଙ୍କୁ ଏଥିସହିତ ଏହି ବ୍ୟଥାକୁ ମଧ୍ୟ ଅନୁଭବ କରିବାକୁ ପଡ଼ିବ ଯେଉଁ ବ୍ୟଥା ଆପଣ ସ.ଅ ଦୁଆ କରିବା ସମୟରେ ଅନୁଭବ କରୁଥିବେ । ଆଁହଜରତ ସ.ଅ କେବଳ ନିଜ ପାଇଁ ଦୁଆ କରୁ ନଥିଲେ ବରଂ ନିଜର ଜାତି ପାଇଁ ମଧ୍ୟ ଦୁଆ କରୁଥିଲେ । ସୁତରାଂ ଏହି ଦୁଆ କରି ଆପଣମାନେ ଉକ୍ତ କଥାକୁ ମଧ୍ୟ ସର୍ବଦା ସ୍ମରଣ ରଖିବା ଉଚିତ୍ ଯେ, ଆପଣ ସ.ଅଙ୍କ ମନରେ କିପରି ଜାତି ପ୍ରତି କିପରି ବେଦନା ରହିଥିବ ?

ଆପଣ ସ.ଅ ମସିହ୍ ଦଜ୍ଜାଲ୍‌ର ଉପଦ୍ରବରୁ ମଧ୍ୟ ବିଶେଷ ରୂପେ ଶରଣ ଭିକ୍ଷା କରିଛନ୍ତି ଯେଉଁ ଉପଦ୍ରବ ଆଜି ଚରମ ସୀମାରେ ରହିଛି । ସୁତରାଂ ମସିହ୍ ମଉଦ୍ ଅ.ସଙ୍କ ଦାସମାନଙ୍କୁ ଯେଉଁମାନେ ଆଁହଜରତ ସ.ଅଙ୍କ ପ୍ରକୃତ ଆଜ୍ଞାକାରୀ, ଅନୁଗାମୀ ମଧ୍ୟରୁ ଅନ୍ୟତମ ଅଟନ୍ତି ସେମାନେ ବିଶେଷ ରୂପେ ଦୁଆ କରିବା ପ୍ରତି ଧ୍ୟାନ ଦେବା ଉଚିତ୍ ଏବଂ ଏହି ଉପଦ୍ରବରୁ ବର୍ତ୍ତିବା ନିମନ୍ତେ ଓ ବିଶେଷ କରି ଦଜ୍ଜାଲୀ ଉପଦ୍ରବରୁ ବର୍ତ୍ତିବା ନିମନ୍ତେ ଓ ସଂସାରକୁ ବଞ୍ଚାଇବା ପାଇଁ ଉକ୍ତ ଦୁଆର ଯଥେଷ୍ଟ ଆବଶ୍ୟକତା ରହିଛି ।

ବୁଖାରୀରେ ଆଁହଜରତ ସ.ଅଙ୍କ ନମାଜ ତହଜ୍ଜୁଦ୍‌ରେ ଦୁଆ କରିବାର ଯେଉଁ ଚର୍ଚ୍ଚା ରହିଛି ତାହା ଅନନ୍ୟ ଅଟେ । ହ. ଇବ୍‌ନେ ଅବବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ରାତ୍ର ସମୟରେ **(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ... )**

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan